# ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY 12 MAY 2026
ମଙ୍ଗଳବାର ୧୨ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 353 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୫୩ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


**ସୋମନାଥ ମନ୍ଦିରରୁ ମୋଦୀଙ୍କ ବାର୍ତ୍ତା**

# ବିଶ୍ୱର କୌଣସି ଶକ୍ତି ଭାରତକୁ ନୁଆଁଇ ପାରିବନି

## ସୋମନାଥ ଅମୃତ ମହୋତ୍ସବ ଆଗାମୀ ଏକ ହଜାର ବର୍ଷ ପାଇଁ ଭାରତର ପ୍ରେରଣା

**ନୂଆଦିଲ୍ଲୀ, ୧୧।୫/ଏଜେନ୍ସି:**

ନୂଆଦିଲ୍ଲୀ, ୧୧।୫/ଏଜେନ୍ସି: ବିଶ୍ୱର କୌଣସି ଶକ୍ତି ଭାରତକୁ ନୁଆଁଇ ପାରିବ ନାହିଁ କିମ୍ବା ଚାପ ପକାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଗୁଜରାଟର ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସୋମନାଥ ଅମୃତ ମହୋତ୍ସବରେ ଯୋଗଦେଇ ଏହା କହିଛନ୍ତି। ସୋମନାଥ ମନ୍ଦିର ପରିସରରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ମୋଦୀ ଏହି କାର୍ଯ୍ୟକ୍ରମକୁ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଭାରତର ଶାଶ୍ୱତ ଚେତନା ଏବଂ ସଭ୍ୟତାଗତ ଶକ୍ତି ଭାବେ ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ ସୋମନାଥ ସ୍ୱାଭିମାନ ପର୍ବ ଉପଲକ୍ଷେ କିଛି ମାସ ପୂର୍ବରୁ ଏହି ମନ୍ଦିରକୁ ତାଙ୍କର ଯାତ୍ରା ବିଷୟରେ ମନେ ପକାଇଥିଲେ। ଦୁଇଟି ସମାରୋହ ଏକସଙ୍ଗେ ସମ୍ପନ୍ନ ହେବାର ଅଭିନବ ମହତ୍ତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ, ''ପ୍ରଥମ ବିଧ୍ୱଂସର ୧୦୦୦ ବର୍ଷ ପରେ ମଧ୍ୟ ସୋମନାଥ ଅବିନାଶୀ ରହିବା ଏବଂ ଆଜି ଏହି ଆଧୁନିକ ସ୍ୱରୂପର ପ୍ରାଣ ପ୍ରତିଷ୍ଠାକୁ ୭୫ ବର୍ଷ ପୂରଣ ହେବା ଅବସରରେ ଆମକୁ ହଜାର ହଜାର ବର୍ଷର ଅମର ଯାତ୍ରାକୁ ଅନୁଭବ କରିବାର ସୁଯୋଗ ମିଳିଛି।''



**ସୋମନାଥ ମନ୍ଦିର ଅଟଳ ବିଶ୍ୱାସର ପ୍ରତୀକ ଭାବରେ ଠିଆ ହୋଇଛି: ପ୍ରଧାନମନ୍ତ୍ରୀ**

୧୯୫୧ରେ ଏହି ଐତିହାସିକ ପ୍ରାଣ ପ୍ରତିଷ୍ଠା ସମାରୋହର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହା କୌଣସି ସାଧାରଣ ଅବସର ନୁହେଁ। ଯଦି ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା, ତେବେ ୧୯୫୧ରେ ସୋମନାଥର ପ୍ରାଣ-ପ୍ରତିଷ୍ଠା ଭାରତର ସ୍ୱାଧୀନ ଚେତନାକୁ ଉଦଘୋଷ କରିଥିଲା। ଭାରତ ସ୍ୱାଧୀନ ହେବାର ମାତ୍ର ଚାରି ବର୍ଷ ପରେ, ୧୯୫୧ ମସିହାରେ ମନ୍ଦିରର ପୁନଃନିର୍ମାଣର ଗଭୀର ମହତ୍ତ୍ୱ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ସେ କହିଥିଲେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୦୦ ଗଡ଼ଜାତ ରାଜ୍ୟର ରାଜନୈତିକ ଏକୀକରଣ ଏବଂ ସୋମନାଥକୁ ପୁନଃନିର୍ମାଣ କରିବା ଜରିଆରେ ନିଜ ଦୃଢ଼ ସଂକଳ୍ପର ପରିଚୟ ଦେଇଥିଲେ। ଯେତେବେଳେ ଭାରତ ବିଦେଶୀ ଗୋଲାମିରୁ ମୁକ୍ତ ହୋଇଥିଲା, ସୋମନାଥର ପୁନଃନିର୍ମାଣ ସମକାଳୀନ ବିଶ୍ୱକୁ ଏକ ବାର୍ତ୍ତା ଦେଇଥିଲା ଯେ ଭାରତ କେବଳ ସ୍ୱାଧୀନ ହେଉ ନାହିଁ, ବରଂ ଏହାର ପ୍ରାଚୀନ ଗୌରବକୁ ମଧ୍ୟ ଫେରି ପାଉଛି ବୋଲି ମୋଦୀ କହିଥିଲେ। ଏହି ସମାରୋହର ବହୁମୁଖୀ ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ସେ କେବଳ ୭୫ ବର୍ଷର ପୁନରାବଲୋକନକୁ ଦେଖୁନାହାନ୍ତି। ଏଠାରେ ସେ ସୃଜନ ଏବଂ ବିଧ୍ୱଂସର ସେହି ସଂକଳ୍ପକୁ ଦେଖୁଛନ୍ତି ଯାହାକୁ ସୋମନାଥ ପୂରଣ କରିଛି। ଏହି ପବିତ୍ର ପରିସରରେ ଅସତ୍ୟ ଉପରେ ସତ୍ୟର ଶାଶ୍ୱତ ବିଜୟକୁ ପ୍ରତ୍ୟକ୍ଷ ରୂପେ ଦେଖୁଥିବା ସେ କହିଥିଲେ।ଏହି ଉତ୍ସବର ଦୂରଦର୍ଶୀ ଦିଗ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ, ସୋମନାଥ ଅମୃତ ମହୋତ୍ସବ କେବଳ ଏକ ସ୍ମୃତିଚାରଣ ଉତ୍ସବ ନୁହେଁ। ଏହା କେବଳ ଅତୀତର ଏକ ଉତ୍ସବ ନୁହେଁ, ବରଂ ଆଗାମୀ ଏକ ହଜାର ବର୍ଷ ଲାଗି

▶▶ ୬

## 'ଆକ୍ରମଣ ସତ୍ତ୍ୱେ ବାରମ୍ବାର ପୁନର୍ଜନ୍ମ ନେଇଛି ଭାରତର ସ୍ୱାଭିମାନ'

**ଭୁବନେଶ୍ୱର, ୧୧।୫/ଏନ୍ଏନ୍ଏସ୍:**

ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି। ଆକ୍ରମଣ ସତ୍ତ୍ୱେ ବାରମ୍ବାର ପୁନର୍ଜନ୍ମ ନେଇଛି ଭାରତର ସ୍ୱାଭିମାନ। 'ଅରେଞ୍ଜ ଇକୋନୋମି'ରେ ସମୃଦ୍ଧ ହେବ ଓଡ଼ିଶା। ଓଡ଼ିଶାକୁ ଦେଶର ସାଂସ୍କୃତିକ ରାଜଧାନୀ କରିବାକୁ ସଂକଳ୍ପବଦ୍ଧ। ସୋମନାଥ



**ପଶ୍ଚିମର ପ୍ରହରୀ ସୋମନାଥ, ପୂର୍ବର ଅଜେୟ ଶକ୍ତି ଶ୍ରୀ ଲିଙ୍ଗରାଜ**

**ଓଡ଼ିଶାକୁ ସାଂସ୍କୃତିକ ରାଜଧାନୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ**

ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଭରତୀୟ ସଭ୍ୟତାର ପୁନଃ ସ୍ଥାପନର ଶୁଭାରମ୍ଭ। ଆଜି

▶▶ ୬

**ଯୁବକଙ୍କୁ ବୀଭତ୍ସ ହତ୍ୟା**

## ଦୁଇ ହାତ ହାଣିଦେଲେ ପଥର ମାଫିଆ

**ଓଡ଼ଗାଁ, ୧୧।୫/ଏନ୍ଏନ୍ଏସ୍:**

ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଲୋମହର୍ଷଣକାରୀ ହତ୍ୟାକାଣ୍ଡକୁ ନେଇ ସାରା ରାଜ୍ୟରେ ହଇଚଇ। ଚୋରା ମାଙ୍କଡ଼ା ପଥର କାରବାରରୁ ଗଡ଼ିଛି ମୁଣ୍ଡ। ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହାଣି ହାଣି ମାରିଦେଇଛନ୍ତି ଦୁର୍ବୃତ୍ତ। ମୃତକ ହେଲେ ଖେଳପଡ଼ିଆ ସାହିର ଅଜିତ ସାହୁ(୩୮)। ସକାଳୁ ସକାଳୁ ରାସ୍ତାରେ ଲୋଟିପଡ଼ିଥିଲା ଅଜିତଙ୍କ ରକ୍ତ ଜୁଡୁବୁଡୁ ଖଣ୍ଡବିଖଣ୍ଡିତ ମୃତଦେହ। ଶରୀରଠୁ ଅଲଗା ହୋଇ ଯାଇଥିଲା ଦୁଇ ହାତ। କିଛି ଦୂରରେ ପଡ଼ିଥିଲା ଛିଣ୍ଡା ପାପୁଲି। ଏଭଳି ଅବସ୍ଥାରେ ମୃତଦେହ ଦେଖି ସ୍ଥାନୀୟ ଲୋକ ବି ହତବାକ୍ ହୋଇଯାଇଥିଲେ। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଛି। ନିଜେ ନୟାଗଡ଼ ଏସ୍ପି ଓ କେନ୍ଦ୍ରାଞ୍ଚଳ ଆଇଜି ଗ୍ରାଉଣ୍ଡକୁ ଯାଇ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ୪ଟି ଟିମ୍ ଗଠନ କରି ତନାଘନା



**ଚୋରା ମାଙ୍କଡ଼ାପଥର କାରବାରକୁ ବିରୋଧ କରିବା ହେଲା କାଳ**

**ପୁଲିସର ୪ ଟିମ୍ ଗଠନ, ୪ ଗିରଫ**

ଚଳାଇଥିବାବେଳେ ୪ ଜଣଙ୍କୁ ଗିରଫ କରି ପଚରାଉଚରା କରୁଛି।

ସୂଚନା ଅନୁସାରେ, ଚୋରା ମାଙ୍କଡ଼ାପଥର କାରବାରକୁ ବିରୋଧ କରିବା ଅଜିତଙ୍କ ପାଇଁ ପାଲଟିଗଲା କାଳ। ମାଙ୍କଡ଼ା ପଥର ଗାଡ଼ିକୁ ଅଟକାଇବାରୁ ବିଳମ୍ବିତ ରାତିରେ ରାଜ୍ୟ ରାଜପଥ ଖୋର୍ଦ୍ଧା-ଭଞ୍ଜନଗର ରାସ୍ତାଉପରେ ଅଜିତଙ୍କୁ ଅତି ନିର୍ମମଭାବେ ହତ୍ୟା କରାଯାଇଛି। ରାତି ସାଢେ ଗୋଟାଏ ସମୟରେ ଓଡ଼ଗାଁ ଥାନା କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରୁ ଚୋରା ମାଙ୍କଡ଼ା ପଥର ଆସୁଥିବା ସମୟରେ ଅଜିତ ଓ କଦଳିବନ୍ଧର ସନ୍ତୋଷ କୁମାର ପ୍ରଧାନ ଦୁଇସାଙ୍ଗ ମିଶି କଦଳୀବନ୍ଧ ନିକଟରେ ମାଙ୍କଡ଼ାପଥର ଗାଡ଼ିକୁ ଅଟକାଇ ଥିଲେ। ପୁଲିସକୁ ଖବର ବି ଦେଇଥିଲେ। ତେବେ ଏନେଇ ଆଗୁଆ ଖବରପାଇ ଗାଡ଼ି ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଜିତ ଓ ସନ୍ତୋଷଙ୍କୁ

▶▶ ୬

## ଦେଶରେ ମହଜୁଦ୍ ଅଛି ପର୍ଯ୍ୟାପ୍ତ ଇନ୍ଧନ ଓ ଗ୍ୟାସ୍

**ନୂଆଦିଲ୍ଲୀ, ୧୧।୫/ଏଜେନ୍ସି:**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ୫ମ ଅନୌପଚାରିକ ମନ୍ତ୍ରୀ ସମୂହ ବୈଠକ (ଆଇଜିଏମ୍) ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଦେଶର ଶକ୍ତି ସୁରକ୍ଷା ଏବଂ ଇନ୍ଧନ ମହଜୁଦ୍ ବା ଶକ୍ତି ସୁରକ୍ଷା ସ୍ଥିତି ସମ୍ପର୍କରେ ବ୍ୟାପକ ସମୀକ୍ଷା କରାଯାଇଛି। ବୈଠକରେ ସାମ୍ନାକୁ ଆସିଥିବା ନିଷ୍କର୍ଷ ସମ୍ପର୍କରେ ସୂଚନା ଦେଇଛନ୍ତି ରାଜନାଥ ସିଂହ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ପାଖରେ



**ଅନୌପଚାରିକ ମନ୍ତ୍ରୀ ସମୂହ ବୈଠକ**

ବର୍ତ୍ତମାନ ସମୟରେ ଅତିକମ୍‌ରେ ୬୦ ଦିନର ଅଶୋଧିତ ତୈଳ, ୬୦ ଦିନର ପ୍ରାକୃତିକ ଗ୍ୟାସ ଏବଂ ୪୫ ଦିନର ଏଲ୍‌ପିଜି ରୋଲିଂ ଷ୍ଟକ୍ ମହଜୁଦ୍ ରହିଛି। ଶ୍ରୀ ସିଂହଙ୍କ କହିବାନୁସାରେ ବିଶ୍ୱ ବଜାରରେ ଅସ୍ଥିରତା ସତ୍ତ୍ୱେ ଭାରତର ନିକଟତର ଶକ୍ତି ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ରହିଛି ଏବଂ କୌଣସି ପେଟ୍ରୋଲିୟମ ପଦାର୍ଥର ଅଭାବ ନାହିଁ। ସେହିପରି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୩ ବିଲିଅନ ଡଲାର ସହ ଏକ ସନ୍ତୋଷଜନକ ସ୍ଥିତିରେ ରହିଛି। ତେବେ ସେ ଏହି ସମୟରେ ଜନସାଧାରଣଙ୍କୁ ଆତଙ୍କିତ ନହେବାକୁ ଏବଂ ଶାନ୍ତ ରହିବାକୁ ଅନୁରୋଧ କରିଛନ୍ତି। ଅନ୍ୟ ଅନେକ ଦେଶ ଘରୋଇ ବ୍ୟବହାର କମାଇବା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଭାରତରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଯୋଗାଣ ଶୃଙ୍ଖଳାରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ସରକାର ଠୋସ୍ ପଦକ୍ଷେପ

▶▶ ୬

## ଜୁଲାଇ ପହିଲାରୁ ଭିବି-ଜି ରାମ୍ ଜି ଆଇନ୍ ଲାଗୁ

**ନୂଆଦିଲ୍ଲୀ, ୧୧।୫/ଏଜେନ୍ସି:**

- **୧୨୫ ଦିନର ବୈଧାନିକ ନିଯୁକ୍ତି ଗ୍ୟାରେଣ୍ଟି**
- **ବୈଧ ରହିବ ପୂର୍ବରୁ ରହିଥିବା ଜବ୍‌କାର୍ଡ**

ଭାରତର ଗ୍ରାମୀଣ ବିକାଶ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ଭାରତ ସରକାର, ୧୧ ମେ' ୨୦୨୬ରେ, 'ବିକଶିତ ଭାରତ (ଗ୍ରାମୀଣ) - ରୋଜଗାର ଏବଂ ଆଜିବୀକା ମିଶନ ପାଇଁ ଗ୍ୟାରେଣ୍ଟି (ଭିବି-ଜି ରାମ ଜି) ଆଇନ, ୨୦୨୫ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ, ଯାହା ୧ ଜୁଲାଇ ୨୦୨୬ ରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ। ଭିବି -ଜି ରାମ ଜି ଆଇନ କାର୍ଯ୍ୟକାରୀ ହେବା ସହିତ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ), ୨୦୦୫ ସେହି ତାରିଖରୁ ପ୍ରତ୍ୟାହାର ହୋଇଯିବ। ନୂତନ ଢାଞ୍ଚା ଅନୁଯାୟୀ, ପ୍ରତ୍ୟେକ ଗ୍ରାମୀଣ ପରିବାର ଯାହାର ବୟସ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ ଅଣକୁଶଳୀ ଶାରୀରିକ ଶ୍ରମ କରନ୍ତି, ସେମାନେ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ମଜୁରୀ ନିଯୁକ୍ତିର ବୈଧାନିକ ଗ୍ୟାରେଣ୍ଟି ପାଇବାକୁ ହକଦାର ହେବେ। ଏହି ବର୍ଦ୍ଧିତ ଗ୍ୟାରେଣ୍ଟିର ଉଦ୍ଦେଶ୍ୟ ହେଉଛି ଜୀବିକା ସୁରକ୍ଷାକୁ ସୁଦୃଢ଼ କରିବା, ଗ୍ରାମୀଣ ଆୟରେ ଉନ୍ନତି ଆଣିବା ଏବଂ ଗ୍ରାମ ସ୍ତରରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶ୍ରମିକମାନଙ୍କ କାର୍ଯ୍ୟ ଦାବି ଅନୁଯାୟୀ ସେମାନଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବ। ନଚେତ୍ ଆଇନର ବ୍ୟବସ୍ଥା ଅନୁଯାୟୀ ଶ୍ରମିକମାନେ

▶▶ ୬

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

**ଭୁବନେଶ୍ୱର, ୧୧।୫/ଏନ୍ଏନ୍ଏସ୍:**

ସୋମବାର ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବା ସମ୍ଭାବନା ରହିଛି। ପରେ ଏହା ବାତ୍ୟାର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି। ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ପବନର ପରିମାଣ ବଢ଼ିପାରେ। ବିଶେଷ କରି ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ୧୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ବାତ୍ୟାର ଆଶଙ୍କା କରାଯାଇନାହିଁ। ତଥାପି ଓଡ଼ିଶା ଉପରେ ପ୍ରଭାବ କ'ଣ ରହିବ, ତାହା ଅବପାତ ହେବା ପରେ ହିଁ ସ୍ପଷ୍ଟ ସୂଚନା ମିଳିବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି।

## ୯ ଦିନ ଚାଲିବ ଗଣତିମଣତି

**ପୁରୀ, ୧୧।୫/ଏନ୍ଏନ୍ଏସ୍:**

ଚଳିତ ମାସରେ ଭିତର ରତ୍ନଭଣ୍ଡାର ମୋଟ୍ ୯ ଦିନ ପାଇଁ ଗଣତି ମଣତି ହେବ। ସୋମବାର ରତ୍ନଭଣ୍ଡାର ଗଣତି ମଣତି କରାଯାଇଥିଲା। ସେହିପରି ଆସନ୍ତାକାଲି ଅର୍ଥାତ ୧୨ ତାରିଖ ମଙ୍ଗଳବାର ଗଣତି ମଣତି କରାଯିବ। ଏହା ବ୍ୟତୀତ ଅନ୍ୟ ୭ ଦିନ ଏହି ଗଣତି କାର୍ଯ୍ୟକ୍ରମ କରାଯିବ। ଆଜି ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ମେ ମାସର ୧୯, ୨୧, ୨୩, ୨୬, ୨୮, ୨୯ ଓ ୩୦ ତାରିଖରେ ଗଣତି ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ଏସ୍ଓପି ଅନୁଯାୟୀ ୧୧ ତାରିଖରୁ ଗଣତିମଣତି କାର୍ଯ୍ୟ ଆରମ୍ଭ ହୋଇଛି। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା।

**ଶୁଭେନ୍ଦୁ କ୍ୟାବିନେଟ୍‌ର ୬ ବଡ଼ ନିଷ୍ପତ୍ତି**

# ବାଂଲାଦେଶ ସୀମାରେ ଲାଗିବ ତାରବାଡ଼





**ଲାଗୁ ହେବ ଭାରତୀୟ ନ୍ୟାୟ ସଂହିତା, ଆୟୁଷ୍ମାନ ଭାରତ**

**ଜାରି ରହିବ ମମତାଙ୍କ 'ଲକ୍ଷ୍ମୀ ଭଣ୍ଡାର ଯୋଜନା'**

**କୋଲକାତା, ୧୧।୫/ଏଜେନ୍ସି:**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଏବେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବା ଦିଗରେ ଆଗଭର ହୋଇପଡିଛନ୍ତି। ସୋମବାର ସେ ନିଜ ପ୍ରଥମ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରି ୬ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏସବୁ ନିଷ୍ପତ୍ତି ମଧ୍ୟରେ ବାଂଲାଦେଶ ସହ ସଂଲଗ୍ନ ସୀମା ସୁରକ୍ଷାକୁ ପ୍ରାଥମିକତା, ଆୟୁଷ୍ମାନ ଭାରତ ଭଳି ସମସ୍ତ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ରାଜ୍ୟରେ ଲାଗୁ କରିବା, କେନ୍ଦ୍ରୀୟ ତାଲିମ ପାଇଁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କୁ ଅନୁମତି, ନିଯୁକ୍ତି ଆଶାୟୀଙ୍କ ପାଇଁ ବଡ ଘୋଷଣା, ଜନଗଣନାକୁ ଗୁରୁତ୍ୱ, ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଲାଗୁ କରାଯିବା ଏବଂ ରାଜନୈତିକ ହିଂସା ଭଳି ପ୍ରସଙ୍ଗ ସାମିଲ ରହିଛି। ରିପୋର୍ଟ ଅନୁସାରେ ବାଂଲାଦେଶ ସହ ସୀମା ସୁରକ୍ଷାକୁ ପ୍ରାଥମିକତା ଦେଇ, ଶୁଭେନ୍ଦୁଙ୍କ ସରକାର ଏବେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)କୁ ଆବଶ୍ୟକୀୟ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ଅନୁମୋଦନ କରିଛନ୍ତି। ମୁଖ୍ୟ ସଚିବ ଏବଂ ଭୂମି ଏବଂ ଭୂମି ସଂସ୍କାର ବିଭାଗକୁ ୪୫ ଦିନ ମଧ୍ୟରେ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ ଯୋଜନା'କୁ ପ୍ରଭାବୀ ଢ଼ଙ୍ଗରେ ପଶ୍ଚିମବଙ୍ଗରେ ଲାଗୁ କରାଯିବା ନେଇ ମଧ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ସ୍ୱାସ୍ଥ୍ୟ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପରାମର୍ଶଦାତାମାନଙ୍କୁ ତୁରନ୍ତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହିତ ଆବଶ୍ୟକୀୟ ଚୁକ୍ତିନାମା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ମମତା ବାନାର୍ଜୀଙ୍କ ସରକାର ଏହି ଯୋଜନାକୁ ରାଜ୍ୟବାସୀଙ୍କ ପାଇଁ ଲାଗୁ କରୁନଥିଲେ। ଏତଦ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ

ଭାରତ-ବାଂଲାଦେଶ ମଧ୍ୟରେ ମୋଟ୍ ୪,୦୯୭ କିଲୋମିଟର ଲମ୍ବା ସୀମାରେଖା ରହିଛି। ଏଥିମଧ୍ୟରୁ ବାଂଲାଦେଶ ସହିତ କେବଳ ପଶ୍ଚିମବଙ୍ଗର ପ୍ରାୟ ୨୨୧୬ କିଲୋମିଟର ଅନ୍ତର୍ଜାତୀୟ ସୀମାରେଖା ସଂଲଗ୍ନ ରହିଛି। ଏହା ହେଉଛି ଭାରତ-ବାଂଲାଦେଶର ସବୁଠାରୁ ଲମ୍ବା ରାଜ୍ୟ ସୀମାରେଖା। ତେବେ ଏଥିମଧ୍ୟରୁ ୧୨୭ କିମି ଲମ୍ବ ସୀମାରେଖାରେ ଫେନ୍‌ସିଂ (ତାରବାଡ) ଲଗାଇବା ନେଇ ସୀମା ସୁରକ୍ଷା ବଳ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ମମତା ବାନାର୍ଜୀଙ୍କ ସରକାରଙ୍କ ୧୫ ବର୍ଷର ଶାସନ ସମୟରେ ମାତ୍ର ୮ କିମି ଲମ୍ବ ସୀମାରେଖାରେ ଫେନ୍‌ସିଂ କରାଯାଇପାରିଥିଲା। ୨୦୨୧ ମସିହାରେ କେନ୍ଦ୍ର ସରକାର ବଙ୍ଗଳା ସୀମାରେ ବିଏସଏଫ୍‌ର ଅଧିକାର କ୍ଷେତ୍ରକୁ ୧୫ କିଲୋମିଟରରୁ ବଢ଼ାଇ ୫୦ କିଲୋମିଟର କରିଦେଇଥିଲେ। ଅର୍ଥାତ୍ ବିଏସ୍ଏଫ୍ ୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ ତଲାସି, ଗିରଫ ଏବଂ ଜବତ କରିପାରିବ। କିନ୍ତୁ ସେତେବେଳେ ମମତା ସରକାର ଏହାକୁ ରାଜ୍ୟ ମାମଲାରେ ହସ୍ତକ୍ଷେପ ବୋଲି କହି ବିରୋଧ କରିଥିଲେ। ଡିସେମ୍ବର ୨୦୨୧ରେ ବଙ୍ଗଳା ବିଧାନସଭାରେ ଏହା ବିରୋଧରେ ଏକ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା।

ଅଧିକାରୀ ପଶ୍ଚିମବଙ୍ଗ ସରକାରୀ ଅଧିକାରୀମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ତାଲିମ କାର୍ଯ୍ୟକ୍ରମରେ

▶▶ ୬




## ବଟେଶ୍ୱର ମନ୍ଦିରରେ ସୋମନାଥ ସ୍ୱାଭିମାନ ପର୍ବ



**ଛତ୍ରପୁର,୧୧।୫/ଏନ୍‌ଏନ୍‌ଏସ୍:** ଅଖଣ୍ଡ ଆସ୍ଥାର ୧୦୦୦ ବର୍ଷ ଓ ସୋମନାଥ ମନ୍ଦିର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜି ସମଗ୍ର ଦେଶରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଇଛି । ଏହି ଅବଲୋକନରେ ଗଞ୍ଜାମ ବ୍ଲକର କଣ୍ଟିଆଗଡ ସ୍ଥିତ ବଟେଶ୍ୱର ଶିବ ମନ୍ଦିରରେ ମଧ୍ୟ ସୋମନାଥ ସ୍ୱାଭିମାନ ପର୍ବ ପାଳନ ହେବା ସହ ଜଗତ କଲ୍ୟାଣ ପାଇଁ ସାମୂହିକ ପୂଜାର୍ଚ୍ଚନା ଓ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ଗୁଜୁରାଟର ସୋମନାଥ ମନ୍ଦିରର ଭବ୍ୟ ଓ ଦିବ୍ୟ ଉତ୍ସବ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶରେ ଶାନ୍ତି ଓ ସମୃଦ୍ଧି ପାଇଁ କରାଯାଇଥିବା ପୂଜାର୍ଚ୍ଚନାକୁ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ଭକ୍ତମାନେ ବଟେଶ୍ୱର ଶିବ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପରୁ ଦେଖିଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଗଞ୍ଜାମ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି, ଗଞ୍ଜାମ ବ୍ଲକ, ମାନସ ନାହାକ ଏବଂ ସ୍ଥାନୀୟ ଜନପ୍ରତିନିଧି ଓ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ ।

### ଦରମା ପ୍ରଦାନରେ ବିଳମ୍ବ ଅଭିଯୋଗ

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ପ୍ରତିବାଦ

**ବ୍ରହ୍ମପୁର,୧୧।୫/ଏନ୍‌ଏନ୍‌ଏସ୍:** ଓଡିଶାର ସରକାରୀ ଅନୁଦାନ ମିଳୁଥିବା ବିଶ୍ୱବିଦ୍ୟାଳୟ ଗୁଡିକରେ ମାସିକ ଦରମା ମିଳିବାରେ ବିଳମ୍ବ ହେବାରୁ ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ମିଳିତ ଭାବେ ପ୍ରତିବାଦ କରିଛନ୍ତି । ସରକାରଙ୍କ ରାଜ୍ୟର ବିଶ୍ୱବିଦ୍ୟାଳୟ କର୍ମଚାରୀ ମାନଙ୍କ ପ୍ରତି ଦୀର୍ଘ ଦିନଧରି ଥିବା ବୈମାତୃକ ମନୋଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ରାଜ୍ୟରେ ସବୁ ସରକାରୀ କର୍ମଚାରୀମାନଙ୍କୁ ୟୁପିଏସ ବ୍ୟବସ୍ଥା, ଏନ୍‌ପିଏସ ପେନ୍‌ସନ ବ୍ୟବସ୍ଥା ଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କୁ ଏଥିରୁ ବାଦ ଦେବା ଦୁଃଖଦାୟକ ବୋଲି ନିଖିଳ ଓଡିଶା କର୍ମଚାରୀ ମହାସଂଘର ସଭାପତି ଡ. ମିହିର କୁମାର ତ୍ରିପାଠୀ ଜଣାଇଛନ୍ତି । ଏହି ପ୍ରତିବାଦ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାନେତ୍ରୀ ପ୍ରଫେସର ଜ୍ୟୋତ୍ସ୍ନା ସାହୁ, ଉପସଭାପତି ଡ. ଜୟନ୍ତ କୁମାର ପଣ୍ଡା, ଡ. ସତ୍ୟ ନାରାୟଣ ସାହୁ, ଡ. ମୃତ୍ୟୁଞ୍ଜୟ ଜେନା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ବି. ତେଜେଶ୍ୱର ରାଓ, ସମ୍ପାଦକ ସତ୍ୟ ନାରାୟଣ ଶତପଥୀ, ଉପଦେଷ୍ଟା ବିଶ୍ୱବିହାରୀ ବିଷୋୟୀ, ଇନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀ ସଂଘ ତରଫରୁ ଏକ ସ୍ମାରକ ପତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ରାଜ୍ୟ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ସରକାରଙ୍କୁ ସାକ୍ଷାତ କରି ଦାବିପତ୍ର ଦିଆଯିବ ବୋଲି କର୍ମଚାରୀ ମହାସଂଘର ସଭାପତି ଶ୍ରୀ ତ୍ରିପାଠୀ କହିଛନ୍ତି ।




# ଆସିକା ଉପଖଣ୍ଡ ଚିକିତ୍ସାଳୟରେ ନର୍ସିଂ ଅଫିସର ପୂରଣ ଦାବି

**ଆସିକା,୧୧।୫/ଏନ୍‌ଏନ୍‌ଏସ୍:** ଆସିକା ଉପଖଣ୍ଡ ଚିକିତ୍ସାଳୟ ଉପରେ ଆସିକା ପୌର ପରିଷଦ ଓ ବ୍ଲକ ସମେତ ଧରାକୋଟ ବ୍ଲକ, କବିସୂର୍ଯ୍ୟନଗର ବ୍ଲକ, ଶେରଗଡ ବ୍ଲକ, ବୁଗୁଡା ବ୍ଲକ ସମେତ ଆଖପାଖ ଅଞ୍ଚଳର ଶହ ଶହ ରୋଗୀ ନିର୍ଭରଶୀଳ । ଆମ ହସ୍‌ପିଟାଲ୍ ଯୋଜନାରେ ଗତବର୍ଷ ଏହି ଡାକ୍ତରଖାନାର ରୂପାନ୍ତରୀକରଣ ହେବା ସାଙ୍ଗକୁ କୋଠାର ବି ଉନ୍ନତିକରଣ କରାଯାଇଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆର୍ଥିକ ଅନୁଦାନରେ ରୋଗୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ମେସିନ୍ ବି ଲଗାଯାଇଛି । ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବାଲ୍‌ଗୋପାଳ ବେହେରାଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ଓ ମାର୍ଗଦର୍ଶନ ଏବଂ ସୁଚିନ୍ତିତ ପରାମର୍ଶରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତରମାନେ ରୋଗୀଙ୍କୁ ଉନ୍ନତ ମାନର ସେବା ଯୋଗାଇବା ଲାଗି ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳୁଛି । ତେବେ ଏହି ପୁରାତନ ଡାକ୍ତରଖାନାରେ ଦୀର୍ଘ ଦିନ ହେଲା ଆବଶ୍ୟକତା ଅନୁଯାୟୀ ଖାଲି ପଡିଥିବା ନର୍ସିଂ ଅଫିସର ପଦବୀ ପୂରଣ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ବିଭିନ୍ନ ସମୟରେ ରୋଗୀସେବା ବ୍ୟାହତ ହେଉଥିବା ଅଭିଯୋଗ ହେଉଛି । ଆସିକା ଉପଖଣ୍ଡ ଚିକିତ୍ସାଳୟରେ ମଞ୍ଜୁରୀପ୍ରାପ୍ତ ୨୩ଟି ନର୍ସିଂ ଅଫିସର ପଦବୀ ମଧ୍ୟରୁ ଦୀର୍ଘ ଦିନ ହେଲା ୧୫ ଟି ନର୍ସିଂ ଅଫିସର ପଦବୀ ଖାଲି ପଡିଛି । ମାତ୍ର ୮ ଜଣ ନର୍ସିଂ ଅଫିସରଙ୍କ ଦ୍ୱାରା ଚାଲିଛି ରୋଗୀ ସେବା । ଫଳରେ କମ୍ ସଂଖ୍ୟାକ ନର୍ସିଂ ଅଫିସରଙ୍କ ଦ୍ୱାରା ରୋଗୀଙ୍କୁ ସେବା ଯୋଗାଇବା ସମ୍ଭବପର ହୋଇପାରୁନଥିବା କୁହାଯାଉଛି । ୬୧ ଶଯ୍ୟା ବିଶିଷ୍ଟ ଆସିକା ଉପଖଣ୍ଡ ଚିକିତ୍ସାଳୟର ଖାଲି ପଡିଥିବା ୧୫ଟି ନର୍ସିଂ ଅଫିସର ପଦବୀ ପୂରଣ ପାଇଁ ଦୃଢ ଦାବି ହେଉଛି । ପଦବୀ ପୂରଣ ଦିଗରେ ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ବରିଷ୍ଠ ସମାଜସେବୀ ପ୍ରସନ୍ନ କୁମାର ତ୍ରିପାଠୀ ଅନୁରୋଧ କରିଛନ୍ତି ।




# ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**ବ୍ରହ୍ମପୁର,୧୧।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ନିଶା କାରବାର ଓ ସେବନକୁ ରୋକିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ଚାଲିଥିବା 'ନିଶାମୁକ୍ତ ଓଡିଶା ଅଭିଯାନ'ରେ ଗୋଷାଣୀ ନୂଆଗାଁ ପୁଲିସକୁ ମିଳିଛି ସଫଳତା । ହଳଦିଆପଦର ଜାତୀୟ ରାଜପଥ ସର୍ଭିସ୍ ରୋଡ ନିକଟରୁ ପୁଲିସ୍ ୬.୬୯ ଗ୍ରାମ ବ୍ରାଉନ୍ ସୁଗର ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହରିଡାଖଣ୍ଡି ଶାସ୍ତ୍ରୀନଗର ଅଞ୍ଚଳର ସନ୍ତୋଷ ପାତ୍ର(୩୬) ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ତା ନିକଟରୁ ବ୍ରାଉନ୍‌ସୁଗର ସହ ଦୁଇଟି ମୋବାଇଲ୍ ଫୋନ୍ ଓ ଗୋଟିଏ କଳା ଜରି ଜବତ ହୋଇଛି । ଦିଆଯାଇଥିବା ସୂଚନା ପ୍ରକାରେ ଗତକାଲି ସନ୍ଧ୍ୟା ସମୟରେ ହଳଦିଆପଦର ଜାତୀୟ ରାଜପଥ ନିକଟରେ ନିଶା କାରବାର ଚାଲିଥିବା ନେଇ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା । ଏସ୍‌ଆଇ ଗୌରବ ରଞ୍ଜନ ଦାଶଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ସେଠାରେ ପେଟ୍ରୋଲିଂ ବେଳେ ହରିଡାଖଣ୍ଡି ଶାସ୍ତ୍ରୀନଗର ଅଞ୍ଚଳର ସନ୍ତୋଷ ପାତ୍ରକୁ ସନ୍ଦେହରେ ଧରିଥିଲେ । ତା' ନିକଟରୁ ୬.୬୯ ଗ୍ରାମ ଓଜନର ବ୍ରାଉନ୍ ସୁଗାର ପ୍ୟାକେଟ୍ ଜବତ ହୋଇଥିଲା । ଏନେଇ ପୁଲିସ୍ ୧୬୬/୨୬ରେ ମାମଲା ରୁଜୁ କରିଛି । ବ୍ରାଉନ୍‌ସୁଗର କେଉଁଠୁ ଆସିଛି ଏବଂ ଏହି ବ୍ୟବସାୟର ଚେର କେତେଦୂର ଲମ୍ବିଛି ସେ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସହରରେ ନିଶା ସେବନ ଓ ବିକ୍ରିକୁ ରୋକିବା ପାଇଁ ଆରମ୍ଭ ହୋଇଥିବା ନିଶାମୁକ୍ତ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି । ପୁଲିସ୍‌ର ଏହି ଚଢଉ ପରେ ନିଶାଡିଙ୍କ ମଧ୍ୟରେ ଛନକା ପଶିଛି ।



## ସିଭିଲ୍ ସର୍ଭିସ୍ ଆଶାୟୀଙ୍କୁ ପଢ଼ାଇଲେ ଜିଲ୍ଲାପାଳ

**ବ୍ରହ୍ମପୁର,୧୧।୫/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲା ଭଞ୍ଜନଗରଠାରେ ସିଭିଲ ସର୍ଭିସ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ଯୁବତୀଯୁବକଙ୍କୁ ଗଞ୍ଜାମ ଲକ୍ଷ୍ୟ ନିକେତନ ଯୋଜନା ମାଧ୍ୟମରେ ତାଲିମ ପ୍ରଦାନ କରାଯାଉଛି । ଆଜିକୁ ୨୦ ଦିନ ହେବ ତାଲିମ ପ୍ରଦାନ କରାଯାଉଛି । ସୋମବାର ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଅଚାନକ ଭଞ୍ଜନଗର କେନ୍ଦ୍ରରେ ପହଞ୍ଚି ତାଲିମ ପ୍ରଦାନ କରିଥିଲେ । ଏଥିସହ ସେମାନେ କିଭଳି ଆଗକୁ ବଢ଼ିବେ ସେନେଇ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ସମୀର କୁମାର ଜେନା, ଉପଜିଲାପାଳ ଉମା ଶଙ୍କର ବେହେରା, ସହକାରୀ ଉପଜିଲାପାଳ ପ୍ରଧାନ ତୁଲିଆମା, ବିଡିଓ ଭାରତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ସହକାରୀ ଯନ୍ତ୍ରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଜିଲାରେ ସିଭିଲ ସର୍ଭିସ ଆଶାୟୀମାନଙ୍କୁ ତାଲିମ ଦେବା ପାଇଁ ଉପଯୁକ୍ତ ଭିତ୍ତିଭୂମି ନ ଥିଲା । ଏଥିସହ ଗରିବ ମେଧାବୀ ଯୁବତୀଯୁବକମାନେ ବାହାରକୁ ପାଠ ପଢ଼ିବାକୁ ଯାଇ ପାରୁ ନ ଥିଲେ । ଗଞ୍ଜାମ ଜିଲାପାଳ କୀର୍ତ୍ତି ଭାସନ ଭି ଗଞ୍ଜାମ ଲକ୍ଷ୍ୟ ନିକେତନ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନା ମାଧ୍ୟମରେ ଜିଲାର ୩ଟି ଉପଖଣ୍ଡ ଭଞ୍ଜନଗର, ବ୍ରହ୍ମପୁର ଓ ଛତ୍ରପୁରଠାରେ ୩ଟି ତାଲିମ କେନ୍ଦ୍ର ଖୋଲାଯାଇଛି ।

## ୱାରେଣ୍ଟି ଧରପଗଡ଼ ଅଭିଯାନ, ୬ ଗିରଫ

**ବୁଗୁଡା,୧୧।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ପୁଲିସ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୫ ତାରିଖଠାରୁ ୱାରେଣ୍ଟି ଧରପଗଡ ଅଭିଯାନ ଚାଲିଥିବା ବେଳେ ସୋମବାର ଦିନ ବୁଗୁଡା ପୁଲିସ ୬ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ସୂଚନା ଦେଇଛନ୍ତି । ଗିରଫ ୱାରେଣ୍ଟିମାନେ ବୁଗୁଡା ଥାନା ଅନ୍ତର୍ଗତ ପାଣିକେଶର ଗ୍ରାମର ଦୁଃଖୀ ବିଷୋୟୀ (୩୩), ଗୋଲାବନ୍ଧ ଗ୍ରାମର ରବି ଜେନା (୩୩), କଇମ ଗ୍ରାମର ଶ୍ରୀହର୍ଷ ନନ୍ଦ(୫୩), ଘୋଡାପଡା ଗ୍ରାମର ସଞ୍ଜୟ ନାୟକ(୪୬), ଲକ୍ଷ୍ମୀ ଜେନା (୩୩) ଓ ଉଷା ନାୟକ (୨୭) । ପ୍ରକାଶ ଯେ, ଏକ ଡକାୟତି ଘଟଣାରେ ଜଡିତ ଦୁଃଖୀଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୭୫/୨୦୧୨ରେ ଏକ ମାମଲା ରହିଥିଲା । ସେହିପରି ଚୋରି ଘଟଣାରେ ସମ୍ପୃକ୍ତ ରବିଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୫୪/୨୦୧୧ରେ ଏକ ମାମଲା ରହିଥିଲା ଏବଂ ହତ୍ୟା ଉଦ୍ୟମ ଅଭିଯୋଗରେ ଜଡିତ ଶ୍ରୀହର୍ଷଙ୍କ ବିରୁଦ୍ଧରେ ଏସଟି କେସ୍ ନଂ ୧୪୯/୨୦୨୨ରେ ଏକ ମାମଲା ରହିଥିଲା । ଅନ୍ୟପକ୍ଷରେ ଏକ ହତ୍ୟା ଉଦ୍ୟମ ଅଭିଯୋଗର ଅଭିଯୁକ୍ତ ସଞ୍ଜୟ, ଲକ୍ଷ୍ମୀ ଓ ଉଷାଙ୍କ ବିରୁଦ୍ଧରେ ଏସଟି କେସ୍ ନଂ ୧୫୩/୨୦୨୩ରେ ଏକ ମାମଲା ରହିଥିଲା । ଉକ୍ତ ୱାରେଣ୍ଟି ଧରପଗଡ ଅଭିଯାନରେ ଏଏସଆଇ ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ସାମିଲ ଥିଲେ ।

### ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷାଙ୍କ ଗଞ୍ଜାମ ଗସ୍ତ

# ମାଆକୁ ହରେଇଥିବା ଶିଶୁର ସମସ୍ତ କଥା ବୁଝିଲେ ଅଧ୍ୟକ୍ଷା



**ବ୍ରହ୍ମପୁର,୧୧।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଦିନିକିଆ ଗଞ୍ଜାମ ଗସ୍ତ କରିଛନ୍ତି । ଅଧ୍ୟକ୍ଷାଙ୍କ ସମେତ ଶିଶୁ ସୁରକ୍ଷା ସଦସ୍ୟା କସ୍ତୁରୀ ମିଶ୍ର ଓ ମନସ୍ମିତା ଖୁଣ୍ଟିଆ ଗଞ୍ଜାମ ଗସ୍ତରେ ଆସି ଉତ୍କଳ ବାଳାଶ୍ରମ, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହା ବିଦ୍ୟାଳୟ ଏବଂ ହିଞ୍ଜିଳି ପୁଲିସ୍ ଷ୍ଟେସନ୍ ପରିଦର୍ଶନ କରିବା ସହିତ ବିଭିନ୍ନ ଦସ୍ତାବିଜ ଯାଞ୍ଚ କରିଥିଲେ । ଉତ୍କଳ ବାଳାଶ୍ରମରେ ଶିଶୁମାନଙ୍କ ରକ୍ଷଣା ବେକ୍ଷଣ ଓ ଖାଦ୍ୟ ପାନୀୟର ମାନ ଯାଞ୍ଚ୍ କରିବା ସହିତ ନିକଟ ଅତୀତରେ ହିଞ୍ଜିଳିକାଟୁ ଅଞ୍ଚଳରେ ମାଆକୁ ହରେଇଥିବା ତିନି ବର୍ଷ ଶିଶୁର ସମସ୍ତ କଥା ପଚାରି ବୁଝିଥିଲେ । ଏହି ଶିଶୁ ବା ରାଜ୍ୟର ଯେ କୌଣସି ଶିଶୁ ସେମାନଙ୍କ ଅଧିକାରରୁ ଯେପରି ବଞ୍ଚିତ ନ ହୁଅନ୍ତି ଏବଂ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର ସଦା ସଂକଳ୍ପବଦ୍ଧ ବୋଲି ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି । ଦୁଇମାସ ମଧ୍ୟରେ ଯଦି ଶିଶୁକୁ ତାର ରକ୍ତ ସମ୍ପର୍କୀୟମାନେ ନ ନିଅନ୍ତି ତାହାହେଲେ ସରକାରୀ ନୀତି ନିୟମ ଅନୁପାଳନ ପୂର୍ବକ ଶିଶୁଟିକୁ କାରାକୁ ପ୍ରେରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ, ବ୍ରହ୍ମପୁରର ଏସ୍‌ଏନ୍‌ସିୟୁ, ମିକୁ, ମଦର କେୟାର ସେଣ୍ଟରରେ ଉପଲବ୍ଧ ସୁବିଧାକୁ ନେଇ ସଦସ୍ୟାମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ସବୁ ସ୍ଥାନରେ ଆବଶ୍ୟକ ହେଉଥିବା ଆହୁରି ଉନ୍ନତମାନର ସୁବିଧା ଓ ଭେଷଜ ମହାବିଦ୍ୟାଳୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି । ଏହା ବ୍ୟତୀତ ସେମାନେ ବିଭିନ୍ନ ଇଟାଭାଟି ଓ ଛତୁଆ ସେଣ୍ଟରକୁ ଅପ୍ରତ୍ୟାଶିତ ଭାବେ ଯାଇ ଇଟାଭାଟିରେ ଶିଶୁମାନେ କାମ କରୁଛନ୍ତି କି ନାହିଁ ସେ କଥା ଅନୁସନ୍ଧାନ କରିବା ସହିତ ଛତୁଆର ମାନ ଯାଞ୍ଚ କରିଥିଲେ । ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଉଳଝୋଳି ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି



**କୁକୁଡାଖଣ୍ଡି,୧୧।୫/ଏନ୍‌ଏନ୍‌ଏସ୍:** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବଉଳଝୋଳି ପଞ୍ଚାୟତରେ ଆଜି ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ସୋମବାର ଦିନ ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ବଉଳଝୋଳି ପଞ୍ଚାୟତ ସୁବିଧା କେନ୍ଦ୍ର ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା । ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କୁକୁଡାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ, ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ ବାରିକ, ପଛୁଆ ବର୍ଗ ବିଭାଗ ଅଧିକାରୀ ମିନତୀ ବେହେରା, ସିଡିପିଓ କୁସୁମ କୁମାରୀ ସାହୁ, ଜିପିଓ ଅଶୋକ କୁମାର ପଟ୍ଟନାୟକ, ପିଇଓ ଅଲେଖ ବେହେରା ସମେତ ବହୁ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ । ଶିବିରରେ ପ୍ରାୟ ୪୦ରୁ ଅଧିକ ଅଭିଯୋଗ ଆସିଥିବା ବେଳେ ଭତ୍ତା ସମସ୍ୟା, ଆବାସ ଯୋଜନାରେ ନାମ ସାମିଲ, ରାସନ୍ କାର୍ଡ ଇସ୍ୟୁ, ଜମି ପଟ୍ଟା ସମସ୍ୟା, ବନ୍ଧ ନିର୍ମାଣ ଓ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା । ଖୁବ୍ ଶୀଘ୍ର ଯାଞ୍ଚ କରାଯାଇ ଅଭିଯୋଗର ସମାଧାନ କରାଯିବ ବୋଲି ଅଧିକାରୀମାନେ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ ।

### ସୁନାଥରରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟଣା

## ଭୁବନେଶ୍ୱର ସ୍ଥାନାନ୍ତର ହେଲେ ଦୁଇ ଗୁରୁତର

**ବ୍ରହ୍ମପୁର,ପୁରୁଷୋତ୍ତମପୁର, ୧୧।୫/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ ରବିବାର ସନ୍ଧ୍ୟାରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଆହତଙ୍କ ମଧ୍ୟରୁ ଦୁଇ ଗୁରୁତରଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଗୁରୁତର ଦୁହେଁ ଶୋଭା ନାହାକ ଓ ପ୍ରସନ୍ନ ନାହାକ ବୋଲି ଜଣାପଡିଛି । ସମସ୍ତ ଆହତଙ୍କ ଚିକିତ୍ସା ପ୍ରଶାସନ ପକ୍ଷରୁ କରାଯାଉଥିବା ନେଇ ତହସିଲଦାର ବିନୋଦ କୁମାର ବେହେରା କହିଛନ୍ତି । ସୂଚନାଥାଉକି ଗତକାଲି ସୁନାଥର ଗ୍ରାମରେ ପ୍ରସନ୍ନ ନାହାକଙ୍କ ଘରେ ରୋଷେଇ ବେଳେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା । ଏଥିରେ ଦୁଇ ମହିଳା ଦୁଇଶିଶୁଙ୍କ ସମେତ ୬ ଜଣ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ଶୋଭା ନାହାକ (୬୫) ପ୍ରସନ୍ନ ନାହାକ (୩୫), କୀର୍ତ୍ତନ ନାହାକ (୭୦), ପାଣ୍ଡା ନାହାକ(୪) ଓ ଖୁସି ନାହାକ (ଦେଢ଼ ବର୍ଷ) ରହିଥିଲେ । ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା । ଚିକିତ୍ସାବେଳେ ଶୋଭା ଓ ପ୍ରସନ୍ନଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା ।

## ଜଗନ୍ନାଥପ୍ରସାଦରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର

**ଛତ୍ରପୁର,୧୧।୫/ଏନ୍‌ଏନ୍‌ଏସ୍:** ଜଗନ୍ନାଥପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆଜି ଜିଲ୍ଲା ସ୍ତରୀୟ ଜନଶଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା ଉପସ୍ଥିତ ରହି ମିଳିତ ଜନଶୁଣାଣୀ କରିଥିଲେ । ଶିବିରରେ ମୋଟ ୧୩୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୧୪ଟି ସାମୁହିକ ଓ ଅବଶିଷ୍ଟ ୧୧୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ରେଡକ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜନଶୁଣାଣି ଶିବିରରେ ମୁଖ୍ୟତଃ ମଧୁବାବୁ ପେନସନ୍, ପ୍ରଧାନ ମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନା, ରାସନ୍ କାର୍ଡ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା ଆଦିର ଦରଖାସ୍ତ ହସ୍ତଗତ ହୋଇଥିଲା । ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

### ଆଜି ବିଶ୍ୱ ସେବିକା ଦିବସ

# ରୋଗୀ ସେବାରେ ବ୍ରତୀ ନର୍ସିଂ ଅଫିସର୍ ଅର୍ଚ୍ଚନା

**ଆସିକା,୧୧।୫/ଏନ୍‌ଏନ୍‌ଏସ୍:** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସ ତଥା ସେବିକାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ନର୍ସ ବା ସେବିକାମାନଙ୍କ ତ୍ୟାଗ ଓ ସେବା ମନୋବୃତ୍ତିକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମେ ମାସ ୧୨ ତାରିଖରେ ବିଶ୍ୱ ସେବିକା ଦିବସ ପାଳିତ ହୋଇଥାଏ । ଏହି ଅବସରରେ ଆସିକା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର)ରେ କାର୍ଯ୍ୟରତ ନର୍ସିଂ ଅଫିସର ଅର୍ଚ୍ଚନା ମହାନ୍ତିଙ୍କ ସ୍ୱାସ୍ଥ୍ୟସେବା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ନର୍ସିଂ ଅଫିସର ଅର୍ଚ୍ଚନା ମହାନ୍ତିଙ୍କ ଦୀର୍ଘ ୨ ବର୍ଷର ଅଭିଜ୍ଞତା ରହିଥିଲା ବେଳେ ସେ ରୋଗୀସେବାକୁ ଆଜୀବନ ବ୍ରତ ଭାବେ ଗ୍ରହଣ କରି ନେଇଛନ୍ତି । ପାଠପଢା ଶେଷ ପରେ ନିଜ ପରିବାରବର୍ଗଙ୍କ ମାର୍ଗଦର୍ଶନରେ ରୋଗୀସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଭୁବନେଶ୍ୱରରେ ନର୍ସିଂ ପାଠ୍ୟକ୍ରମରେ ସ୍ନାତକ ବିଜ୍ଞାନରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ସେ ଆସିକା ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ନିଜର କର୍ମମୟ ଜୀବନ ଆରମ୍ଭ କରି ରୋଗୀଙ୍କୁ ସେବା ଯୋଗାଇ ଦେଇଆସୁଛନ୍ତି । ନର୍ସିଂ ଅଫିସର ଅର୍ଚ୍ଚନା ମହାନ୍ତି ରୋଗୀଙ୍କୁ ସେବା ପ୍ରଦାନ ସାଙ୍ଗକୁ ସେମାନଙ୍କ ସହ ଉତ୍ତମ ଭାବ ବିନିମୟ କରିବା ଓ ମାନସିକ ସ୍ତରରେ ସୁସ୍ଥ ଲାଗି ମନୋବଳ ବୃଦ୍ଧି ପାଇଁ ଚଳାଇଥିବା ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଚର୍ଚ୍ଚା ହେଉଛି । ନର୍ସିଂ ଅଫିସର ଅର୍ଚ୍ଚନା ମହାନ୍ତି ଚିକିତ୍ସା ଲାଗି ଆସୁଥିବା ରୋଗୀଙ୍କ ଠାରୁ ଆରମ୍ଭ କରି ଛୋଟ ପିଲାଙ୍କୁ ମଧ୍ୟ ନିଜ ପରିବାରର ସଦସ୍ୟ ଭଳି ଅତି ଆଦରରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ବେଳେ ତାଙ୍କୁ ଏହି କାର୍ଯ୍ୟରେ ବିଶେଷ ଆତ୍ମସନ୍ତୋଷ ମିଳିଥାଏ ବୋଲି ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି ।









ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ଲିଙ୍ଗରାଜ ମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

### ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ୍ ପେପର ଜାରି ପ୍ରସଙ୍ଗ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେପିର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦ୍ୱିତୀୟ ବାଲାଟ ପେପର ଜାରି ପ୍ରସଙ୍ଗରେ ସୋମବାର ବିଜେଡିର ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟିଛନ୍ତି। ଦ୍ୱିତୀୟ ବାଲାଟ ପେପର ଜାରି ବିରୋଧରେ ବିଜୁ ଜନତା ଦଳ ଗତ ଏପ୍ରିଲ ୨୮ ତାରିଖରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲା। ଏପ୍ରିଲ ୨୯ ତାରିଖରେ ଇସିଆଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ବିଜୁ ଜନତା ଦଳ ସହ ଏହି ପ୍ରସଙ୍ଗରେ ତୁରନ୍ତ ଆଲୋଚନା କରାଯାଉ। ଇସିଆଇଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ନିର୍ବାଚନ କମିଶନର ଦେଇଥିବା ନିର୍ଦ୍ଧାରିତ ସମୟରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ ପେପର ବ୍ୟବହାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଡ଼ ଅରୁଣ କୁମାର ସାହୁ, ସାଂସଦ ଡ଼ ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ ସାମିଲ ଥିଲେ। ଡ଼ ଅରୁଣ କୁମାର ସାହୁ କହିଥିଲେ, ରାଜ୍ୟ ନିର୍ବାଚନ କମିଶନର ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସମର୍ଥ ପ୍ରକାଶ କଲେ, ଯାହା ସବୁଠାରୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ। ରାଜ୍ୟ ନିର୍ବାଚନ କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଭୋଟ ଦେଲା ବେଳେ ବ୍ୟବହାର ହେଉଥିବା କଲମରୁ ଅତ୍ୟାଧିକ କାଳି ବୋହିଗଲା। ଆଶ୍ଚର୍ଯ୍ୟର ବିଷୟ ଉକ୍ତ କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେଲାବେଳେ ବ୍ୟବହାର କରିଥିଲେ, କିନ୍ତୁ ସେଥିରୁ କାଳି ବୋହିନଥିଲା ବେଳେ ବିଧାୟିକା ଉପାସନା ମହାପାତ୍ର ଭୋଟ ପାଇଁ ବ୍ୟବହାର କଲା ବେଳେ କେମିତି କାଳି ବୋହିଲା? ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଧାୟିକାଙ୍କ ଭୋଟ ନାକଚ ହୋଇଥିଲା, ଯାହାକୁ ବିଜେଡି ଏଜେଣ୍ଟ ବିରୋଧ କରି ଅଭିଯୋଗ କରିଥିଲେ। କିନ୍ତୁ ନିର୍ବାଚନ କମିଶନର ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲାଟ ପ୍ରଦାନ କରିଥିଲେ, ଯାହା ନିର୍ବାଚନର ନିୟମକୁ ଉଲ୍ଲଙ୍ଘନ କରୁଛି। ଯଦି ଭାରତବର୍ଷରେ ସମ୍ବିଧାନକୁ ରକ୍ଷା କରୁଥିବା ସଂସ୍ଥାମାନେ ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ନାହିଁ, ତାହା ହେଲେ ଦେଶରେ ଗଣତନ୍ତ୍ର ଦୁର୍ବଳ ହେବ। ଏହା ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ।

### ପରିବହନ ବିଭାଗର ଫାଇନ ଆଦାୟ ପ୍ରସଙ୍ଗ

# ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ରାଜଧାନୀ ଭୁବନେଶ୍ୱର ସଡ଼କ ଦୁର୍ଘଟଣାର ପେଣ୍ଠସ୍ଥଳୀ ପାଲଟି ଥିବାବେଳେ ପରିବହନ ବିଭାଗ ଦୁର୍ଘଟଣା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛି ବିଜୁ ଜନତା ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ପରିବହନ ବିଭାଗର ଅପାରଗତା କାରଣରୁ ରାଜ୍ୟରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଛି। ସାଧରଣ ଜନତାଙ୍କ ସୁରକ୍ଷାକୁ ବେଖାତିର କରି ପରିବହନ ବିଭାଗ ଯେଣତେଣ ଉପାୟରେ କେମିତି ଲୋକଙ୍କ ଠାରୁ ଫାଇନ ଆଦାୟ କରାଯିବ, ସେଥିରେ ବ୍ୟସ୍ତ ରହୁଛି। ରାଜ୍ୟରେ ଚାଲୁଥିବା ସମସ୍ତ ଗାଡ଼ି ଓ ସାଧରଣ ଜନତା ଭୁଲ୍ କରନ୍ତୁ ବା ନ କରନ୍ତୁ ତାକୁ ତର୍ଜମା ନ କରି ଫାଇନ ଆଦାୟରେ ମାତିଛି ପରିବହନ ବିଭାଗ। ଡ଼ ମହାନ୍ତି ଆହୁରି କହିଛନ୍ତି, ରାତି ୧୦ଟା ପରେ ଭାରିଯାନ ସହର ମଧ୍ୟକୁ ପବେଶ କରିବାର ନିୟମ ଥିବାବେଳେ ସନ୍ଧ୍ୟା ହେଲେ ବେଧଡ଼କ ଭାବେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରୁଛି। କିଛି ଦିନ ତଳେ ଏକ ହାଇୱା ସହର ମଧ୍ୟରେ ୩ ଜଣ ନିରୀହ ପିଲାଙ୍କ ଉପରେ ଚଢ଼ାଇ ମାରିଦେଲା। ଗାଡ଼ିଟି କାହାର ତାହା ଉପରେ ସ୍ପଷ୍ଟୀକରଣ ନ ଦେଇ ବିଭିନ୍ନ ଆଳ ଦେଖାଇ କେମିତି ଫାଇନ ଆଦାୟ କରାଯିବ ସେଥିରେ ବ୍ୟସ୍ତ ଅଛନ୍ତି ରାଜ୍ୟ ସରକାର। ଫାଇନ ଆଦାୟ ନାଁରେ ସରକାର ସାଧାରଣ ଜନତାଙ୍କ ଠାରୁ ଜିଜିଆ କର ଆଦାୟ କରିବା ବନ୍ଦ କରନ୍ତୁ। ନଚେତ୍ ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଡ଼ ମହାନ୍ତି କହିଛନ୍ତି।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ଜାତୀୟସ୍ତରରେ ସମ୍ମାନ

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ମଧ୍ୟପ୍ରଦେଶର ସିହୋରଠାରେ ଗତ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶର ଗ୍ରାମୀଣ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଗତ ୨୫ ବର୍ଷ ଧରି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଭାବେ ପରିଚିତ ହୋଇଆସିଛି। ଏହି ଯୋଜନା ମାଧ୍ୟମରେ ସାରା ଦେଶରେ ୧.୬୩ ଲକ୍ଷରୁ ଅଧିକ ବସବାସ କ୍ଷେତ୍ରକୁ ସବୁଦିନିଆ ସଡ଼କ ସଂଯୋଗ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଓ ଜୀବିକା ଆଦି କ୍ଷେତ୍ରରେ ଗ୍ରାମାଞ୍ଚଳର ଲୋକମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି ତଥା ଗ୍ରାମୀଣ ଭିତ୍ତିଭୂମିର ଉନ୍ନତିରେ ଏହି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଯୋଜନାର ସଫଳ ରୂପାୟନ, କାର୍ଯ୍ୟାନ୍ୱୟନ, ଗୁଣାତ୍ମକ ନିର୍ମାଣ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ସ୍ୱୀକୃତି ମିଳିଛି। ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟମାନଙ୍କ ବର୍ଗରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଉତ୍ତର-ପୂର୍ବ ରାଜ୍ୟ, କେନ୍ଦ୍ରାଶାସିତ ଅଂଚଳ ଏବଂ ପାହାଡ଼ିଆ ଅଞ୍ଚଳ ବର୍ଗରେ ମଧ୍ୟ ଓଡ଼ିଶା ପାହାଡିଆ ଅଞ୍ଚଳରେ ଥିବା ୨,୧୩୨ ଗୋଟି ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି। ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର 'ବନ୍ଧାରା ମଡେଲ' ପ୍ରଦର୍ଶିତ ହୋଇଛି। ଗ୍ରାମୀଣ ସଂଯୋଗ ଓ ଜଳ ନିରାପତ୍ତାକୁ ସମନ୍ୱୟ କରିଥିବା ଏହି ବ୍ରିଜ୍-କମ୍-ୱିଅର (ଆଡ଼ିବନ୍ଧ ଯୁକ୍ତ ସେତୁ) ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି। ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଭୂତଳ ଜଳ ସଂରକ୍ଷଣରେ ସହାୟତା କରାଯାଉଛି। ଏହା ଫଳରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି। ପିଏମ୍‌ଜିଏସୱାଇ ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସର ପ୍ରତିଫଳନ, ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।



# ଚାରି ଲେନ୍ ହେବ ଭବାନୀପାଟଣା-ଖରିଆର୍ ରୋଡ୍

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ଭବାନୀପାଟଣାବାସୀଙ୍କ ଦୀର୍ଘଦିନର ଦାବି ଆଜି ସାକାର ରୂପ ନେବାକୁ ଯାଉଛି। ଭବାନୀପାଟଣାବାସୀଙ୍କ ଆବେଗକୁ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗ ଭବାନୀପାଟଣା-ଖରିଆର ରାସ୍ତାକୁ ଦୁଇ ଲେନ୍‌ରୁ ଚାରି ଲେନ୍ ବିଶିଷ୍ଟ କରିବାକୁ ଯାଉଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଗମନାଗମନରେ ସୁବିଧା ହେବା ସହ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀ ବିଶେଷ ଭାବେ ଉପକୃତ ହେବେ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ନୂତନ ଭବାନୀପାଟଣା-ଖରିଆର ରାସ୍ତା ଭବାନୀପାଟଣା ଏବଂ ଖରିଆର ଅଞ୍ଚଳର ଲୋକଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ମଧ୍ୟରେ ଯୋଗାଯୋଗ ତ୍ୱରିତ ଏବଂ ସୁଗମ ହେବା ସହ ସଂଯୁକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ସହର ଏବଂ ବଜାରକୁ ମଧ୍ୟ ସହଜରେ ପହଞ୍ଚିପାରିବେ। ଉନ୍ନତ ରାସ୍ତା ଯୋଗୁଁ ଯାତ୍ରୀବାହୀ ବସ୍, ଆମ୍ବୁଲାନ୍ସ ଏବଂ ବ୍ୟକ୍ତିଗତ ଯାନଗୁଡ଼ିକ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସହ ଇନ୍ଧନ ଏବଂ ସମୟ ଅପଚୟ ହ୍ରାସ ପାଇବ। କୃଷକ ଏବଂ ବ୍ୟବସାୟୀମାନେ ଧାନ, ପନିପରିବା, ଜଙ୍ଗଲଜାତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ବଜାରକୁ ସହଜରେ ପରିବହନ କରିପାରିବେ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବ। ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଦୋକାନ, ପେଟ୍ରୋଲ ପମ୍ପ, ହୋଟେଲ, ଗୋଦାମ ଏବଂ କ୍ଷୁଦ୍ର ଶିଳ୍ପକୁ ଆକର୍ଷିତ କରିବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସ୍କୁଲ, କଲେଜ, ହସ୍ପିଟାଲ ଏବଂ ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା ଅଧିକ ସୁବିଧାଜନକ ହୋଇପାରିବ। ଅଧିକ ପ୍ରଶସ୍ତ ରାସ୍ତା ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିବ। ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯୋଗାଯୋଗ ସୁଗମ ହେବା ସହ ପଶ୍ଚିମ ଓଡ଼ିଶାର ଦୀର୍ଘକାଳୀନ ଅଭିବୃଦ୍ଧିରେ ଏହି ନୂତନ ରାସ୍ତା ବିଶେଷ ଭୂମିକା ନିର୍ବାହ କରିବ। ଏହି ରାସ୍ତା ମଧ୍ୟରେ ଥିବା ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ମଧ୍ୟ ନିର୍ମାଣ କରାଯିବ। ଏଥି ସହିତ ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ମଧ୍ୟ ମରାମତି ଓ ନବୀକରଣ ହେବ। ପ୍ରାୟ ୭୦ କିଲୋମିଟର ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ବ୍ୟୟବରାଦ ରହିଥିବାବେଳେ ସେତୁ ନିର୍ମାଣ ପାଇଁ ପ୍ରାୟ ୯୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

> **ନିର୍ମାଣ ହେବ ୫ ମୁଖ୍ୟ ସେତୁ ସହ ୧୫ ଛୋଟ ସେତୁ**
>
> **ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ହେବ ପୁନରୁଦ୍ଧାର**

# ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ରାଜ୍ୟରେ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ସକାଳେ ଖରା ଏବଂ ସନ୍ଧ୍ୟାରେ କାଳବୈବୈଶାଖୀ ବର୍ଷା ଲାଗି ରହିଛି। ଯାହାକୁ ନେଇ ଆଗାମୀ ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ବିଜୁଳି, ଘଡ଼ଘଡ଼ି ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଯାହା ପାଇଁ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସନ୍ଧ୍ୟା ସମୟରେ ବିଜୁଳି, ଘଡ଼ଘଡ଼ି ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏନେଇ ୟେଲୋ ଆର୍ଲଟ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି ପାଇଁ ୧୭ଟି ଜିଲ୍ଲାକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଥିବାବେଳେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଆଗାମୀ ୨ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ବେଳେ ତାପମାତ୍ରା ୨-୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଗତ ୨୪ ଘଣ୍ଟାରେ ୬ଟି ଜିଲ୍ଲାରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରେକର୍ଡ ହୋଇଥିବା ବେଳେ ନୂଆପଡ଼ାରେ ୩୯.୦ ଡିଗ୍ରୀ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି ।ସେହିପରି କିଛି ସ୍ଥାନରେ ବର୍ଷା ସହ ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଢେଙ୍କାନାଳ ଜିଲ୍ଲା ଭୁବନରେ ସର୍ବାଧିକ ୧୩୨ ମି.ମି ବର୍ଷା ରେକର୍ଡ ହୋଇଛି।

### ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳାକୁ ବିରୋଧ

# କମିଶନ୍‌ରେଟ୍ ମୁଖ୍ୟାଳୟ ଘେରିଲା କଂଗ୍ରେସ

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ବିରୋଧ କରି ଆଜି ରାଜରାସ୍ତାରେ ଗର୍ଜିଛି କଂଗ୍ରେସ। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଭୁବନେଶ୍ୱରରେ ରାଜ୍ୟ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ଅଭିଯୋଗ କରିଛି, ରାଜ୍ୟରେ ବୋଲ ମାନୁନି ସରକାରୀ ନିୟମ। ପୁଲିସ ନିଷ୍କ୍ରିୟ, ଗୃହ ବିଭାଗ ପଙ୍ଗୁ ହୋଇଯାଇଛି। ଏହାର ପ୍ରତିବାଦରେ ସୋମବାର ପୁଲିସ କମିଶନରେଟ କାର୍ଯ୍ୟାଳୟ ଘେରାଉ କରିଛି କଂଗ୍ରେସ। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଏଡିଏମ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ଏଡିଏମ ଅଫିସ ସମ୍ମୁଖରୁ ବାହାରି ପୁଲିସ କମିଶନରେଟ ମୁଖ୍ୟାଳୟ ଆଡକୁ ଯାଇଥିଲେ। ପୂର୍ବରୁ ପୁଲିସ ମୁଖ୍ୟାଳୟ ଚାରିପାଖରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କ୍ଷୋଭକାରୀମାନେ ଅଗ୍ରସର ହେବା ମାତ୍ରେ ପୁଲିସ ସହ ମୁହାଁମୁହିଁ ହୋଇଥିଲେ। ପୁଲିସ ଭକ୍ତ ଦାସଙ୍କ ସମେତ ବରିଷ୍ଠ ନେତାମାନଙ୍କୁ ବିକ୍ଷୋଭ ସ୍ଥଳରୁ ଉଠାଇ ନେଇଥିଲା। ଆଗକୁ ଏହି ଆନ୍ଦୋଳନ ଉଗ୍ର ହେବ ବୋଲି ଚେତାବନୀ ଦେଇଛି କଂଗ୍ରେସ। ଭକ୍ତ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ମୁଖ୍ୟ। ରାଜ୍ୟରେ ପ୍ରତିଦିନ ହତ୍ୟା ଭଳି ସଂଗଠିତ ଅପରାଧ ହେଉଛି। ଆଇନ ଶୃଙ୍ଖଳା ରକ୍ଷା କରିବାରେ ସରକାର ବିଫଳ ହୋଇଛନ୍ତି। ପୁଲିସ ସମ୍ମୁଖରେ ପୁଲିସ ମାଡ଼ ଖାଇ ମୃତ୍ୟୁବରଣ କରୁଛି। ବାଲିଅନ୍ତା ଘଟଣା ସବୁଠୁ ବଳିଗଲା। ତେଣୁ ଆଜି କଂଗ୍ରେସ ପକ୍ଷରୁ ପୁଲିସ କମିଶନରେଟ ପୁଲିସ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ଶ୍ରୀ ଦାସ କହିଛନ୍ତି। ସେହିପରି ମହିଳା ନେତ୍ରୀ ସୋନାଲି ସାହୁ କହିଛନ୍ତି ଯେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ପ୍ରତିଦିନ ମହିଳାଙ୍କ ଉପରେ ଆକ୍ରମଣ ହେଉଛି। ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସବୁଠି ବଦନାମ ହେଉଛି। ତେଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସୂଚନା ଥାଉ କି, ରାଜ୍ୟରେ କିଛି ଦିନ ହେବ ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ପ୍ରତିଦିନ ହତ୍ୟା ଖବର ସାମ୍ନାକୁ ଆସିଛି। ଗଞ୍ଜାମ, ପୁରୀ ସତ୍ୟବାଦୀ ପରେ ଜୟଦେବର ବାଲିଅନ୍ତା, ବାଲିପାଟଣାରେ ଲଗାତାର ଦୁଇ ଦିନରେ ଘଟିଥିବା ହତ୍ୟା ଏବେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ସରକାର ବାଲିଅନ୍ତା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ସରକାର ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।



### ମହମ୍ମଦ ମୋକିମଙ୍କ ଘୋଷଣା

# ଲୋକଙ୍କ ବିକଳ୍ପ ସାଜିବ ଓଡ଼ିଶା ଜନତା କଂଗ୍ରେସ

**ଭବାନୀପାଟଣା,୧୧।୫/ଏନ୍‌ଏନ୍‌ଏସ୍:** ଭବାନୀପାଟଣାଠାରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଧୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ପ୍ରତିଷ୍ଠାତା ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଓଡ଼ିଶା ଜନତା କଂଗ୍ରେସ ଦଳିତ, ଆଦିବାସୀ ଓ ସାଧାରଣ ଲୋକଙ୍କ ପାଇଁ ଏକ ଶକ୍ତ ବିକଳ୍ପ ଭାବେ ଠିଆ ହେବ ବୋଲି ପ୍ରକାଶ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳରୁ ଉପେକ୍ଷିତ ଯୁବକମାନଙ୍କୁ ନେଇ କଳାହାଣ୍ଡିରେ ଏକ ନୂତନ ସମୀକରଣ ସୃଷ୍ଟି ହେବାକୁ ଯାଉଛି ବୋଲି ସେ କହିଛନ୍ତି। କଂଗ୍ରେସ ବିରୋଧରେ କଡ଼ା ପ୍ରତିକ୍ରିୟା ରଖିବା ସହ 'ଭକ୍ତଙ୍କ ଗଡ଼' ପ୍ରସଙ୍ଗରେ ସେ ରୋକଠୋକ୍ ଉତ୍ତର ରଖିଛନ୍ତି। ସେ କହିଛନ୍ତି, 'କଂଗ୍ରେସ ଏବେ ଅତୀତ। ମୁଁ କୌଣସି ଗଡ଼କୁ ବିଶ୍ୱାସ କରେ ନାହିଁ। କଳାହାଣ୍ଡିର ବିକାଶ ପାଇଁ ଓଡ଼ିଶା ଜନତା କଂଗ୍ରେସର ଲଢ଼େଇ ଆରମ୍ଭ ହୋଇଛି।

ଏହି ଅବସରରେ ମୋକିମ ରାଜ୍ୟ ସରକାରଙ୍କ ଉପରେ ବର୍ଷି କହିଛନ୍ତି ଯେ କଳାହାଣ୍ଡି ଓ ରାୟଗଡ଼ା ଭଳି ଉପାନ୍ତ ଜିଲ୍ଲାଗୁଡ଼ିକରେ ନିରୀହ ଦଳିତ ଓ ଆଦିବାସୀମାନଙ୍କୁ ମିଥ୍ୟା ମାମଲାରେ ଫସାଇ ହଇରାଣ କରାଯାଉଛି। ଲିଙ୍ଗରାଜ ଆଜାଦଙ୍କ ଭଳି ନେତାଙ୍କୁ ୩ ମାସ ହେଲା ଜେଲରେ ରଖାଯିବା ଘଟଣାକୁ ସେ ତୀବ୍ର ନିନ୍ଦା କରିବା ସହ ଆଗାମୀ ଦିନରେ ଅତ୍ୟାଚାର ଜାରି ରହିଲେ ଭୁବନେଶ୍ୱର ଓ କଟକକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସମାବେଶକୁ ସମ୍ବୋଧିତ କରି ଶୀର୍ଷ ସଂଗଠକ ମଧୁ ମହାନ୍ତି କହିଛନ୍ତି ଯେ ସେ ରାଜନୀତି କରିବାକୁ ନୁହେଁ ବରଂ କଳାହାଣ୍ଡି ମା' ମାଟିର ସେବା କରିବାକୁ ଆସିଛନ୍ତି। ଜିଲ୍ଲାରେ ଧାନ ଓ କପା ଉତ୍ପାଦନ ଅଧିକ ହେଉଥିଲେ ହେଁ ବିଭିନ୍ନ ରାଜନୈତିକ ଦଳର ଏଥିପ୍ରତି ଦରଦ ନାହିଁ। ଯେଉଁଦିନ ଜିଲ୍ଲାରେ ସାଧାରଣ ଲୋକଙ୍କ ପିଲାମାନେ ଉନ୍ନତ ଶିକ୍ଷା ଓ ବିଶାଖାପାଟଣା ଭଳି ସ୍ୱାସ୍ଥ୍ୟ ସେବା ପାଇବେ, ସେଦିନ ହିଁ ପ୍ରକୃତ ଉନ୍ନତି ହୋଇଛି ବୋଲି କୁହାଯିବ। ତେବେ ଏହି ସମାବେଶରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। କେବଳ ଭୁବନେଶ୍ୱରରୁ ଆସିଥିବା ସାମ୍ବାଦିକମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ବସିବା ପାଇଁ ସ୍ଥାନ ମିଳିନଥିଲା। ଅପରପକ୍ଷେ, କାର୍ଯ୍ୟକ୍ରମକୁ ଆସିଥିବା ମହିଳାମାନେ ଖାଦ୍ୟ ଓ ପାନୀୟ ଜଳର ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମହାସମାବେଶରେ ସୁନନ୍ଦ ପଟ୍ଟନାୟକ, ରାମ ପାଣିଗ୍ରାହୀ, ଲମ୍ବୋଦର ତାଣ୍ଡି, କାଳିଆ ସରାଫ, ପ୍ରଭାକର ବେହେରା, ପ୍ରକାଶ ମଙ୍ଗରାଜ, ଚିତ୍ରସେନ ଭୋଇ, ବିଦ୍ୟାଧର ମୁଣ୍ଡ, ପ୍ରଣବ ଭୁକ୍ତା, ପ୍ରତାପ ନାଏକଙ୍କ ସମେତ ହଜାର ହଜାର ଜନତା ସାମିଲ ହୋଇଥିଲେ। ଜୟନ୍ତ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଏହି ଅବସରରେ ଦଳର ସଦସ୍ୟତା ଗ୍ରହଣ ଅଭିଯାନ ଆରମ୍ଭ ହୋଇଛି।



## ‘ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ଓ ସାଂସ୍କୃତିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସାଂସ୍କୃତିକ ସଂସଦର ସଭାପତି ତଥା ବିଭାଗୀୟ ଉପ-ଶାସନ ସଚିବ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ବିଭାଗର ସାଂସ୍କୃତିକ ଉତ୍ତରଣ ଓ ସଂସଦର ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କର୍ମମୟ ଜୀବନର କ୍ଳାନ୍ତି ମଧ୍ୟରେ କଳା ଓ ସଂସ୍କୃତି ମଣିଷକୁ ମାନସିକ ଶାନ୍ତି ଓ ନୂତନ ଉର୍ଜା ପ୍ରଦାନ କରିଥାଏ ବୋଲି ଅତିଥି ମାନେ ମତାବ୍ୟକ୍ତ କରିଥିଲେ। ଉତ୍ସବର ସବୁଠାରୁ ଆକର୍ଷଣୀୟ ଅଧ୍ୟାୟ ଥିଲା ବିଭାଗୀୟ କଳାକାରଙ୍କ ଦ୍ୱାରା ପ୍ରଯୋଜିତ ଭାବପୂର୍ଣ୍ଣ ନାଟକ ‘ଶେଷ ଠିକଣା’। ଏହା କେବଳ ଏକ ନାଟକ ନୁହେଁ, ବରଂ ମଣିଷ ଜୀବନର ସତ୍ୟାସତ୍ୟକୁ ନେଇ ଏକ ମର୍ମସ୍ପର୍ଶୀ ଆଲେଖ୍ୟ। ‘ଘର’- ଯାହା ଇଟା-ବାଲିର କଂକ୍ରିଟ୍ ଗଠନ ନୁହେଁ, ବରଂ ସ୍ନେହ ଓ ଆତ୍ମୀୟତାର ଏକ ଅକ୍ଷୟ ଆଳୟ। ମାତ୍ର ଜୀବନର ଅପରାହ୍ନରେ ନିଜ ହାତଗଢ଼ା ସେଇ ଆପଣାର ଘରଟି କେମିତି ଅପରିଚିତ ହୋଇଯାଏ ଏବଂ ମଣିଷ ନିଜର ‘ସତ୍ୟ ଠିକଣା’ ଖୋଜିବାକୁ ବ୍ୟାକୁଳ ହୁଏ, ତାହା ଏହି ନାଟକରେ ଅତି ନିଖୁଣ ଭାବେ ରୂପାୟନ କରାଯାଇଛି। ବାର୍ଦ୍ଧକ୍ୟ ଓ ସମ୍ପର୍କର ଜଟିଳତାକୁ ନେଇ ପ୍ରସ୍ତୁତ ଏହି ନାଟକ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ନାଟକର ଶେଷରେ ‘କେଉଁଠି ମୋର ସତ୍ୟ, ଶେଷ ଠିକଣା’ ଏହି ନିରବ ପ୍ରଶ୍ନ ପ୍ରତ୍ୟେକ ଦର୍ଶକଙ୍କୁ ଭାବପ୍ରବଣ କରିଦେଇଥିଲା। ସୂଚନାଯୋଗ୍ୟ ଯେ, ୧୯୯୫ ମସିହାରୁ ପ୍ରତିଷ୍ଠିତ ଏହି ସାଂସ୍କୃତିକ ସଂସଦ କେବଳ କାର୍ଯ୍ୟକ୍ରମ ଆୟୋଜନରେ ସୀମିତ ନରହି, ଅସୁସ୍ଥ କର୍ମଚାରୀଙ୍କୁ ସହାୟତା ଏବଂ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଏକ ପରିବାର ଭଳି କାର୍ଯ୍ୟ କରିଆସୁଛି। ଏହି ସମାରୋହରେ ବିଭାଗର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

### କାର୍ତ୍ତିକ ନାୟକ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ

## ‘ପାଠାଗାର ହିଁ ମଣିଷ ଗଢ଼ିବାର ଅସଲ କେନ୍ଦ୍ର’

**ଭୁବନେଶ୍ୱର,କେନ୍ଦ୍ରାପଡ଼ା,୧୧।୫/ଏନ୍‌ଏନ୍‌ଏସ୍:** ‘ସାଉଁଟା ଫୁଲ’ ସାହିତ୍ୟ ପତ୍ରିକା ଓ ସାପ୍ତାହିକ ସମ୍ବାଦପତ୍ର ‘ଉଦ୍ଦେଶ୍ୟ’ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଅଡଙ୍ଗା-ଜଇପୁର ସ୍ଥିତ ‘ନିଗମଚରଣାଶ୍ରିତ କାର୍ତ୍ତିକ ନାୟକ ସ୍ମୃତି ପାଠାଗାର’ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ କାର୍ତ୍ତିକ ନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅନେକ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଯୋଗଦେଇ ପାଠାଗାରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।



ଏହି ସଭାକୁ ବିଶିଷ୍ଟ ସାରସ୍ୱତ ସଂଗଠକ ତଥା ‘ପୂଜ୍ୟପୂଜା ଓଡ଼ିଶା’ର ସମ୍ପାଦକ ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ଲେଖକ ହରିହର ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଜ୍ଞାନ ରଞ୍ଜନ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନରେଶ ଚନ୍ଦ୍ର ମହାନ୍ତି, ବଟକୃଷ୍ଣ ପାଢ଼ୀ ଏବଂ ଉର୍ମିଳା ସ୍ୱାଇଁ ଉପସ୍ଥିତ ଥିଲେ। ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ବକ୍ତାମାନେ ବର୍ତ୍ତମାନର ଯନ୍ତ୍ରଚାଳିତ ସମାଜରେ ପିଲାମାନଙ୍କ ମଧ୍ୟରେ ପଠନ ସ୍ପୃହା କମିଯାଉଥିବାରୁ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ସେମାନେ ମତ ଦେଇଥିଲେ ଯେ, ଆଜିର ପିଢ଼ିକୁ ରାମାୟଣ, ମହାଭାରତ, ଶ୍ରୀମଦ ଭଗବତ ଗୀତା ଓ ଭାଗବତ ଭଳି ସଦଗ୍ରନ୍ଥ ପାଠ କରିବା ପାଇଁ ସୁଯୋଗ ଦେବା ଉଚିତ। ଏଥିସହ ମହାପୁରୁଷମାନଙ୍କ ଜୀବନୀ ପଢ଼ିବା ଦ୍ୱାରା ପିଲାମାନଙ୍କର ଚରିତ୍ର ଗଠନ ହୋଇପାରିବ, ଯେଉଁଥିପାଇଁ ପାଠାଗାର ଗୁଡ଼ିକର ଆବଶ୍ୟକତା ଅପରିହାର୍ଯ୍ୟ। ଉଦ୍‌ଘାଟକ ରମାକାନ୍ତ ମିଶ୍ର ମହାପୁରୁଷମାନଙ୍କ ଜୀବନୀରୁ ବିଭିନ୍ନ ଦୃଷ୍ଟାନ୍ତ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପିତାମାତାଙ୍କ ସେବା କରିବା ସମସ୍ତଙ୍କର ପରମ ଧର୍ମ ବୋଲି ସେ କହିବା ସହ ପିଲାମାନଙ୍କୁ ଗଢ଼ିବା ଦିଗରେ ମାଆମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ମତ ଦେଇଥିଲେ। ଏହି ଅବସରରେ ସମସ୍ତ ପିତାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏକ ପୁସ୍ତକ ‘ମୋ ବାପା ମୋ ଆକାଶ’ ଉନ୍ମୋଚିତ ହୋଇଥିଲା। ସମ୍ମାନିତ ଅତିଥି ବଟକୃଷ୍ଣ ପାଢ଼ୀ ପିତାଙ୍କ ସ୍ମୃତିରେ ଦୁଇଟି ଆବେଗଭରା ସଙ୍ଗୀତ ଗାନ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ କୃତି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ପରିକ୍ଷିତ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବଟି ସ୍ଥାନୀୟ ଅଞ୍ଚଳରେ ଏକ ନିଆରା ସାରସ୍ୱତ ବାତାବରଣ ସୃଷ୍ଟି କରିଛି।

## କିମ୍‌ସକୁ ଶରୀର ଦାନକଲେ ଶିକ୍ଷାବିତ୍ ଡଃ. ରାମକୃଷ୍ଣ ପଣ୍ଡା

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଡ ରାମକୃଷ୍ଣ ପଣ୍ଡା ଭୁବନେଶ୍ୱରର କିମସର ଶରୀର ବିଜ୍ଞାନ ବିଭାଗକୁ ତାଙ୍କ ଶରୀର ଦାନ କରିଛନ୍ତି। ୨୮ ତାରିଖରେ ଡଃ ପଣ୍ଡାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ପକ୍ଷରୁ ତାଙ୍କ ଶରୀରକୁ କିମସକୁ ଦାନ କରିଥିଲେ। ଜ୍ଞାନ ଓ ମାନବତା ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏକ ଗଭୀର ପ୍ରେରଣାଦାୟକ ଓ ନିଃସ୍ୱାର୍ଥପର କାର୍ଯ୍ୟରେ ଡ ରାମକୃଷ୍ଣ ପଣ୍ଡା ଏଭଳି ମହତ କାର୍ଯ୍ୟ କରିଛନ୍ତି। ଏହା ମାଧ୍ୟମରେ ସେ ପାଣ୍ଡିତ୍ୟ, ନମ୍ରତା ଓ ଜ୍ଞାନ ପ୍ରତି ସମର୍ପଣର ଏକ ସମୃଦ୍ଧ ଐତିହ୍ୟ ଛାଡି ଯାଇଛନ୍ତି ଥିଲେ। ମୃତ୍ୟୁ ପରେ ମଧ୍ୟ ସମାଜରେ ଅବଦାନ ରଖିବାର ତାଙ୍କର ଇଚ୍ଛା ଅନୁଯାୟୀ ପରିବାର ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ କିମସକୁ ହସ୍ତାନ୍ତର କରାଯାଇଥିଲା। ଜଣେ ଉତ୍ସର୍ଗୀକୃତ ଶିକ୍ଷକ, ବିଦ୍ୱାନ ଓ ଜଣେ ଦରଦୀ ମଣିଷ ଭାବରେ ଜଣାଶୁଣା ଡ ପଣ୍ଡାଙ୍କ ଶେଷ ଇଚ୍ଛା ଥିଲା ମୃତ୍ୟୁ ପରେ ମଧ୍ୟ ସମାଜର ସେବା ଜାରି ରଖିବା। ଭବିଷ୍ୟତ ପିଢ଼ିର ଡାକ୍ତରମାନଙ୍କୁ ତାଙ୍କ ମହାନ ଅବଦାନ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା। ବିଜ୍ଞାନରେ ତାଙ୍କର ଅବଦାନ ବ୍ୟତୀତ, ଡକ୍ଟର ପଣ୍ଡାଙ୍କର ପାରମ୍ପରିକ ଭାରତୀୟ ଜ୍ଞାନ ପ୍ରଣାଳୀ, ଯେପରିକି ହସ୍ତରେଖା ବିଜ୍ଞାନ, ହୋମିଓପାଥି ଏବଂ ଆଧ୍ୟାତ୍ମିକ ଅଧ୍ୟୟନ ପ୍ରତି ଗଭୀର ଆଗ୍ରହ ଥିଲା।



୧୯୪୬ ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିବା ଡ ପଣ୍ଡା ଶିକ୍ଷା ଓ ଗବେଷଣା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ୧୯୬୬ରେ ଶିକ୍ଷା ସମାପ୍ତ କରିବା ପରେ ସେ ୧୯୬୭ରେ ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଶିକ୍ଷାଗତ କ୍ୟାରିଅରରେ ସେ ବସ୍ତୁ ବିଜ୍ଞାନରେ ତାଙ୍କର ଅବଦାନ ଏବଂ ଶିକ୍ଷାଦାନ ଓ ଗବେଷଣା ପ୍ରତି ତାଙ୍କର ଉତ୍ସର୍ଗ ପାଇଁ ବହୁ ସମ୍ମାନ ଅର୍ଜନ କରିଥିଲେ। ୨୦୦୬ ଜୁଲାଇ ୩୧ରେ ସେ ପ୍ରଫେସର ଭାବରେ ଅବସର ନେବା ପୂର୍ବରୁ ଆମେରିକାରେ ଉନ୍ନତ ଗବେଷଣା ଅଭିଜ୍ଞତା ମଧ୍ୟ ହାସଲ କରିଥିଲେ। ଡଃ. ପଣ୍ଡାଙ୍କ ପିଲାମାନେ ଡ ମାଗ୍ମା ମଞ୍ଜାରିକା ଓ ଡ ଶକ୍ତି ସ୍ୱରୂପ ଉଭୟ କିମସର ଡାକ୍ତର। ଡଃ ପଣ୍ଡାଙ୍କ ଏହି ମହାନ କାର୍ଯ୍ୟ ପାଇଁ ପରିବାର ସଦସ୍ୟ ଓ ପ୍ରଶଂସକମାନେ ତାଙ୍କୁ ଜଣେ ଦୟାଳୁ ଶିକ୍ଷକ, ମାର୍ଗଦର୍ଶକ, ସମାଜ ସଂସ୍କାରକ ଓ ଜ୍ଞାନ, ସାଧୁତା ଏବଂ ସେବା ନୀତି ଦ୍ୱାରା ପରିଚାଳିତ ଏକ କୋମଳ ଆତ୍ମା ଥିଲେ ବୋଲି ପ୍ରକାଶ କରିଛନ୍ତି। ସେ ଶ୍ରୀମଦ୍ ଭଗବଦ୍ ଗୀତା (ବ୍ୟାଖ୍ୟା ଏବଂ ପ୍ରୟୋଗ), ବ୍ୟବହାରିକ ଭାରତୀୟ ଜ୍ୟୋତିଷର ପରିଚୟ, ଓ ହସ୍ତରେଖା ବିଜ୍ଞାନର ଚିହ୍ନ ଏବଂ ଗୁପ୍ତତା ସମେତ ଅନେକ ପୁସ୍ତକ ରଚନା କରିଥିଲେ। ତାଙ୍କ ଲେଖା ମାଧ୍ୟମରେ, ସେ ସାଧାରଣ ପାଠକଙ୍କ ପାଇଁ ଭାଗବଦ୍ ଗୀତାର ଦାର୍ଶନିକ ଶିକ୍ଷାକୁ ସରଳ କରିବାକୁ ଚେଷ୍ଟା କରିଥିଲେ। ଡ ପଣ୍ଡାଙ୍କ ଏହି କାର୍ଯ୍ୟକୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଚ୍ଚ ପ୍ରଶଂସା କରିବା ସହ ଏଭଳି ମହତ କାର୍ଯ୍ୟ ସମାଜର ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି କହିଛନ୍ତି।

### ତିନିଦିନିଆ ଇଟିକିଲି ମିଟିକିଲି ଉତ୍ସବ ଉଦ୍‌ଯାପିତ

## ନୃତ୍ୟରେ ପ୍ରକମ୍ପିତ ହୋଇ ସାହିତ୍ୟରେ ଶେଷ

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ରୟାଲ କଲେଜ ଅଡ଼ିଟୋରିଅମ୍‌ଠାରେ ଚଳିତ ମଇ ମାସ ୯, ୧୦ ଓ ୧୧ ତାରିଖ ତିନିଦିନ ଧରି ପ୍ରତ୍ୟହ ସକାଳ ଦଶଟାରୁ ରାତି ଦଶଟା ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି ୩୧ତମ ଇଟିକିଲି ମିଟିକିଲି ଉତ୍ସବ। ଏହି ଅବସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ ପିଲାଙ୍କ ପ୍ରତିଭା ପ୍ରଦର୍ଶନ ଓ ତୃତୀୟ ଦିନ ଆୟୋଜିତ ହୋଇଥିଲା ଶିଶୁ-ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ। ସେମାନେ ଭିନ୍ନକ୍ଷମ ହେଲେ ମଧ୍ୟ ଈଶ୍ୱର ସେମାନଙ୍କୁ କିଛି ଗୁଣରେ ଧନୀ କରିଛନ୍ତି। ଏହିଭଳି କେତେକ ଭିନ୍ନକ୍ଷମ ପିଲାଙ୍କ ପ୍ରତିଭା ପ୍ରଦର୍ଶନରେ ଉତ୍ସବର ଦ୍ୱିତୀୟ ଦିବସରେ ମଞ୍ଚ ପ୍ରକମ୍ପିତ ହୋଇଥିଲା। ପ୍ରଥମ କାର୍ଯ୍ୟକ୍ରମ କଣ୍ଠ-ସଙ୍ଗୀତ ପ୍ରତିଯୋଗିତାରୁ ଆରମ୍ଭ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସାଧାରଣ ଶିଶୁ କଣ୍ଠଶିଳ୍ପୀମାନଙ୍କ ସହିତ ଭିନ୍ନକ୍ଷମ ପିଲାମାନେ ସୁମଧୁର ସ୍ୱରରେ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିବାବେଳେ, ସନ୍ଧ୍ୟାରେ ସଙ୍ଗୀତଭିତ୍ତିକ ନୃତ୍ୟରେ ଶିଶୁ ନୃତ୍ୟଶିଳ୍ପୀମାନେ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇଟିକିଲି ମିଟିକିଲି ଦୀର୍ଘ ଏକତିରିଶ ବର୍ଷ ହେଲା ସାଧାରଣ ଶିଶୁକିଶୋରମାନଙ୍କ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଆସୁଥିବା ବେଳେ ଗତ ତିନିବର୍ଷ ହେଲା ଭିନ୍ନକ୍ଷମ ପିଲାଙ୍କ ପ୍ରତିଭାକୁ ମଧ୍ୟ ସୁଯୋଗ ଦେଇ ଏକ



ମହାନ୍ କର୍ତ୍ତବ୍ୟ ନିଭାଇ ଆସୁଛି। ସନ୍ଧ୍ୟାରେ ଆୟୋଜିତ ସଙ୍ଗୀତଭିତ୍ତିକ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଖୋରଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଅତିଥି ଭାବରେ ଯୋଗଦାନ କରି କହିଲେ ଯେ, ଇଟିକିଲି ମିଟିକିଲି ପିଲାମାନଙ୍କ ପ୍ରତିଭାର ସାମଗ୍ରିକ ବିକାଶ ପାଇଁ ଦୀର୍ଘବର୍ଷ ହେଲା ଯେଉଁ ଉଦ୍ୟମ ଜାରି ରଖଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ଉତ୍ସବର ତୃତୀୟ ଦିବସରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ ଆୟୋଜିତ ହୋଇଥିଲା ଶିଶୁ-ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ। ପ୍ରଥମ ଅଧିବେଶନରେ ‘ଆଜିର ଶିଶୁ-ସାହିତ୍ୟ ପିଲାଙ୍କୁ ଆକର୍ଷଣ କରୁଛି କି ?’ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ଦିଗରାଜ ବ୍ରହ୍ମା, ଡକ୍ଟର ରାଜକିଶୋର ପାଢ଼ୀ ଓ ଡକ୍ଟର ଶରତ କୁମାର ବିଶ୍ୱାଳ ପ୍ରମୁଖ ଶିଶୁ-ସାହିତ୍ୟିକମାନେ ମତ ପ୍ରକାଶ କରି କହିଲେ ଯେ, ଆଜିର ଶିଶୁ ସାହିତ୍ୟ ଅନେକାଂଶରେ ପିଲାଙ୍କୁ ଆକର୍ଷଣ କରିବାକୁ ସକ୍ଷମ ହୋଇପାରୁନାହିଁ। ସେହିପରି ଦ୍ୱିତୀୟ ଅଧିବେଶନର ବିଷୟବସ୍ତୁ ଥିଲା ‘ବହିଠାରୁ ଡିଜିଟାଲ୍ ଯୁଗ- ପିଲାଙ୍କ ପାଇଁ କ’ଣ ଆକର୍ଷଣ ହେବା ଆବଶ୍ୟକ’। ଏହି ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ସଂଘମିତ୍ରା ମିଶ୍ର, ବଙ୍କିମ ଚନ୍ଦ୍ର ନାୟକ ଓ ମାନସ ରଞ୍ଜନ ସାମଲ ମତପ୍ରକାଶ କରି କହିଲେ ଯେ, ବହି ଯଦିଓ ପିଲାଙ୍କ ପାଇଁ ଏକ ଆକର୍ଷଣ କିନ୍ତୁ ଏବେ ପିଲାମାନେ ଡିଜିଟାଲ୍ ବ୍ୟବସ୍ଥା ପ୍ରତି ଅଧିକ ମନଯୋଗୀ ହେଉଛନ୍ତି। ଅପରାହ୍ନରେ ଶିଶୁ-ସାହିତ୍ୟିକମାନଙ୍କୁ ନେଇ ପିଲାଙ୍କ କବିତା ପାଠୋତ୍ସବ ଅନୁଷ୍ଠିତ ହେବା ସହିତ ଶିଶୁ-ସାହିତ୍ୟ ବିଷୟକ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବିତା ପାଠୋତ୍ସବକୁ କମଳିନୀ ମଲ୍ଲିକ ଓ ସ୍ୱୟଂପ୍ରଭା ରଥ ସଂଯୋଜନା କରିଥିବାବେଳେ କୁଇଜ୍ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଡକ୍ଟର ଲିଙ୍ଗରାଜ ରଥ ଓ ଶିଶୁସାହିତ୍ୟିକ ହରିହର ଶୁକ୍ଳ ଯୋଗଦାନ କରିଥିଲେ। ପରିଶେଷରେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ତିନିଦିନିଆ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଆଗାମୀ ଜୁଲାଇ ପାଞ୍ଚ ତାରିଖ ଦିନ ଜୟଦେବ ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ସମସ୍ତ ପ୍ରତିଯୋଗିତାର ଯୋଗ୍ୟ ବିବେଚିତ ଶିଶୁପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଚିବ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

### ବରଗଡ଼ରେ ରବି ଧାନ କିଣା ଆରମ୍ଭ

## ୧୫ରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନକିଣା

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି। ବରଗଡ଼ରେ ସରକାରୀ ସ୍ତରରେ ଧାନ ବିକ୍ରୟ ପାଇଁ ପ୍ରାୟ ଏକ ଲକ୍ଷ ୫ ହଜାର ଚାଷୀ ପଞ୍ଜିକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ ହଜାର ୩୭୭ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ସେହିପରି ଆସନ୍ତା ୧୫ ତାରିଖରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନ ସଂଗ୍ରହ କରାଯିବ। ଚଳିତ ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ୩୮, ୧୧୩ ଚାଷୀ ପଞ୍ଜିକରଣ କରିଥିବା ବେଳେକଟକ ଜିଲ୍ଲାରେ ୩୫୧୮ ଜଣ, ପୁରୀରେ ୨୨,୨୩୬ ଜଣ ଓ ସମ୍ବଲପୁର ଜିଲ୍ଲାରେ ୧୯,୧୧୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଏହି ସବୁ ଜିଲ୍ଲାର ଚାଷୀ ମାନଙ୍କୁ ଯାଞ୍ଚ ପ୍ରକ୍ରିୟା ପରେ ଆଜି ଟୋକନ ପ୍ରଦାନ କରାଯିବ। ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକୀୟ ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତ କରାଯାଇଛି। ସବୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରି ଯେପରି ଏକ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ସେଡ୍, ପାନୀୟ ଜଳ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବାବେଳେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସିସିଟିଭିର ବ୍ୟବସ୍ଥା କରାଯାଇଛି। ସେହିଭଳି ଅଦିନିଆ ବର୍ଷା ଓ ଖରାକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଲିଥିନ୍‌ର ବ୍ୟବସ୍ଥା କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଯେପରି ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ନ ପଡ଼ନ୍ତି ସେଥି ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ରଖାଯାଉଛି। ଧାନକିଣା ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ସେହିଭଳି ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟଏବଂ ଇନ୍‌ପୁଟ ସବ୍‌ସିଡ଼ି ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ।

## ଆର୍ଟ ଅଫ୍ ଗିଭିଂ: ସୁଖ ଓ ଶାନ୍ତି ପାଇଁ ବିଶ୍ୱବ୍ୟାପୀ ଏକ କୋମଳ ଆନ୍ଦୋଳନ

‘ଆର୍ଟ୍ ଅଫ୍ ଗିଭିଂ’ ବା ଦେବାର କଳା ଏକ ଜୀବନ ଦର୍ଶନ ଯାହା ବିଶ୍ୱର କୋଟି କୋଟି ଲୋକଙ୍କୁ ଦୟା, କରୁଣା, ସ୍ନେହ, ପ୍ରେମ ଓ ସାମାଜିକ ସମ୍ପ୍ରୀତିର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ସହ ସେମାନଙ୍କୁ ଅନୁପ୍ରାଣିତ କରୁଛି। ମୌଳିକ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା ଓ ପ୍ରସାରରେ ସହାୟିକ ହୋଇପାରିଛି। ଏହି ଦାନ ଦର୍ଶନ କୌଣସି ନୂତନ ଉଦ୍ଭାବନ କି ଆବିଷ୍କାର ନୁହେଁ; ଏହା ମଣିଷର ଅନ୍ତଃ ପ୍ରବୃତ୍ତି, ଯାହା ଚିରନ୍ତନ ଓ ଶାଶ୍ୱତ, ତାର ଜାଗରଣ ଓ ପ୍ରତିଫଳନ। ନିଜ ଭିତରର ଦେବତ୍ୱର ସନ୍ଧାନ ଓ ବିକୀରଣ। ‘ଆର୍ଟ୍ ଅଫ୍ ଗିଭିଂ’ର ଆଧାର ହେଉଛି ନିଃସ୍ୱାର୍ଥପର ଦାନ ମାଧ୍ୟମରେ ସମାଜରେ ସୁଖ, ଶାନ୍ତି ପ୍ରୀତି ଓ ଖୁସିର ବିତରଣ, ପ୍ରସାରଣ ଓ ପ୍ରୋତ୍ସାହନ। ଯଦି ପ୍ରତ୍ୟେକଙ୍କ ମଧ୍ୟରେ ଏହି ଭାବ ବିକଶିତ ହେବ, ତେବେ ପୃଥବୀ ଆହୁରି ସୁନ୍ଦରତମ ଓ ବାସଯୋଗ୍ୟ ହୋଇପାରିବ।




ମୁଁ ଅତ୍ୟନ୍ତ ଆନନ୍ଦିତ ଓ କୃତଜ୍ଞ ଯେ ମୋ ଦ୍ୱାରା ଆରମ୍ଭ ହୋଇଥିବା କ୍ଷୁଦ୍ର ପ୍ରୟାସ, ଅଭିଯାନ, ଏବେ ଏକ ବିଶାଳ ବୈଶ୍ୱିକ ଆନ୍ଦୋଳନରେ ପରିଣତ ହୋଇଛି। ୨୦୧୩ ମସିହା ମେ ୧୭ ତାରିଖରୁ ହୋଇଥିବା ଏହି ଯାତ୍ରା ବିଶ୍ୱର ୨୨୨ଟି ଦେଶକୁ ପ୍ରସାରିତ ହୋଇଛି। ପ୍ରତିବର୍ଷ ପାଳିତ ହେଉଛି ମେ ୧୭ ତାରିଖରେ ଅନ୍ତର୍ଜାତୀୟ ‘ଆର୍ଟ୍ ଅଫ୍ ଗିଭିଂ’ ଦିବସ। ବର୍ଷକୁ ବର୍ଷ ଏହି ଅଭିଯାନର ଆକାର ପ୍ରକାର, କଳେବର, ଭୂଗୋଳ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଆମକୁ ଉତ୍ସାହିତ କରିଛି। ଆଜି ‘ଆର୍ଟ୍ ଅଫ୍ ଗିଭିଂ’ ପରିବାରରେ ୩ ନିୟୁତରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଅଛନ୍ତି। ସବୁ ମହାଦେଶରେ, ୨୨୨ ଦେଶରେ, ପଲ୍ଲୀଠୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ଏହା କାୟା ବିସ୍ତାର କରିଛି। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜନ୍ମସ୍ଥାନ, ଜାତୀୟତା, ବେଉସା, ବୟସ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଛନ୍ତି। କିଶୋର ଛାତ୍ରଛାତ୍ରୀଙ୍କଠାରୁ ବରିଷ୍ଠ ନାଗରିକ, ପଲ୍ଲୀବାସୀ, ବନବାସୀ, ସହରବାସୀ, ନଗରବାସୀ – ସମସ୍ତେ ଏକ ବିଚାରର ସୂତ୍ରରେ ବାନ୍ଧି ହୋଇଛନ୍ତି, ଯେଉଁ ବନ୍ଧନ ମୁକ୍ତ ହୃଦୟର ବନ୍ଦନା ଗାନ କରେ। ଜୀବନର ଜୟଗାନ କରେ। ସଂକୀର୍ଣ୍ଣତାର ସୀମା ବିଲୋପ କରି ଅସୀମତାର ଆବାହାନ କରେ। ଏଥିରୁ ଦୟା ଧର୍ମ ଦାନ ଦର୍ଶନର ସାର୍ବଜନୀନତା ସ୍ପଷ୍ଟ ଅନୁଭୂତ। ଆଗାମୀ ସମୟ ଯେ ଉଜ୍ଜ୍ୱଳ ସମୟ, ଆଲୋକ ଓ ଆନନ୍ଦର ସମୟ, ଏହି ଉପଲବ୍ଧି ଆମ ସମସ୍ତଙ୍କୁ ପୁଲକିତ କରୁଛି।



**ଅଚ୍ୟୁତ ସାମନ୍ତ**
ପ୍ରତିଷ୍ଠାତା, କିଟ୍, କିସ୍ ଓ ଆର୍ଟ ଅଫ୍ ଗିଭିଂ

ମୁଁ ଆଗରୁ କହିଛି, ‘ଆର୍ଟ ଅଫ୍ ଗିଭିଂ’ର ଆଭିମୁଖ୍ୟ ଏକ ଶାଶ୍ୱତ ଭାବର ପ୍ରୟୋଗ କେବଳ। ଏହି ଅଭିଯାନ ଆନୁଷ୍ଠାନିକ ରୂପ ଦେବାର ଯଥେଷ୍ଟ ପୂର୍ବରୁ, ମୋ ବାଲ୍ୟ ଓ କୈଶୋର କାଳରେ ଏହା ମୋତେ ଅଭିମନ୍ତ୍ରିତ କରିଥିଲା। କୌଣସି ଶାସ୍ତ୍ରର ପ୍ରଭାବରୁ ନୁହେଁ, ସ୍ୱତଃସ୍ଫୂର୍ତ୍ତ ଭାବରେ ମୁଁ ଏହି ଶିକ୍ଷା ଆହରଣ କରିଥିଲି ମୋ ଜୀବନ ବିଦ୍ୟାଳୟରୁ, ମୋ ପରିବେଶର ପାଠଶାଳାରୁ। ମୋର ବାଲ୍ୟ ଓ କୈଶୋର କଟିଛି ଉତ୍କଟ ଦାରିଦ୍ର୍ୟ, ଅସହାୟତା ଓ ନାନାଦି ପ୍ରତିକୂଳ ପରିବେଶରେ। ନାହିଁ ନାହିଁରେ। ଯେତେବେଳେ ମୁଁ ବସ୍ତୁତଃ ଶୂନ୍ୟ, ଦେବାକୁ ପ୍ରାୟ କିଛି ନଥିଲା, ସେତେବେଳେ ଏହି ଭାବ ମତେ ଆଲୋକିତ କରୁଥିଲା। ସାମାନ୍ୟ କିଛି ଦେଇଦେଲେ କାହାକୁ, ସେ ଭାବରେ ହେଉ କି ଦ୍ରବ୍ୟରେ; ମୁଁ ଶୂନ୍ୟରୁ ଆହୁରି ଶୂନ୍ୟ ହୋଇଯାଉନଥିଲି, ବରଂ ମୋ ଭିତର ପୂରି ଉଠୁଥିଲା ଅନନ୍ୟ ଅପୂର୍ବ ଆନନ୍ଦରେ, ଯାହା ସତରେ ଅମୂଲ୍ୟ ଓ ଅକଳ୍ପନୀୟ। ଏହା କ୍ରମଶଃ ମୋ ଜୀବନ ଶୈଳୀର ଅଂଶ ହେଇଗଲା। ନିଃସ୍ୱାର୍ଥପର ଦାନଶୀଳତା ମୋ ଜୀବନର ବ୍ରତ ହୋଇଗଲା। ପିଲାବେଳେ ଚକୁଳିଆ ପଣ୍ଡାଙ୍କଠୁ ଶୁଣିଥିବା ‘ଦେଇଥିଲେ ପାଇ...’ ଗୀତର ମର୍ମ ମୁଁ ଅନୁଭବ କରିପାରିଲି। ପ୍ରକୃତରେ ଦେଲେ ସରେନି, ବରଂ ବଢ଼େ; ଏବଂ ଏହି କୈଶୋର କାଳର ଉପଲବ୍ଧିର ପ୍ରୟୋଗ ଓ ବ୍ୟାଖାନର ଫଳଶ୍ରୁତି ହେଉଛି ‘ଆର୍ଟ୍ ଅଫ୍ ଗିଭିଂ’- ଯାହା ଏକ ଜନ ଆନ୍ଦୋଳନର ରୂପ ନେବା ମୋ ପାଇଁ ଚରମ ସନ୍ତୁଷ୍ଟି। ମୋର ଅନୁଭବ ଓ ଅନୁଭୂତି ଆଧାରରେ ମୋ ଦ୍ୱାରା ଲିଖିତ ଓ ରୂପା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏକ ପୁସ୍ତକ ‘ ଆର୍ଟ ଅଫ୍ ଗିଭିଂ- ଏ ୱେ ଅଫ୍ ଲାଇଫ୍’ ଗତ ବର୍ଷ ପ୍ରକାଶ ପାଇଛି ଯାହାର ବିପୁଳ ପାଠକୀୟତା ମତେ ଅଭିଭୂତ କରିଛି।

ପ୍ରତିବର୍ଷ ‘ ଆର୍ଟ୍ ଅଫ୍ ଗିଭିଂ’ ସମସାମୟିକ ଆହ୍ୱାନ ଓ ଆବଶ୍ୟକତା ଆଧାରରେ ଏକ ବିଷୟବସ୍ତୁ ଚୟନ କରେ। ୨୦୧୪ ମସିହାରେ ବିଷୟ ଥିଲା ‘ସମାଜ, ଆଧ୍ୟାତ୍ମିକତା ଓ ମାନବିକତା’। ୨୦୧୫ ମସିହାରେ ବିଷୟ ଥିଲା ‘କରୁଣା: ବସ୍ତ୍ର ବ୍ୟାଙ୍କ’ ଯେଉଁଥରେ ପୁରୁଣା ବସ୍ତ୍ର ଦାନ କରିବାକୁ କୁହାଯାଇଥିଲା। ୨୦୧୬ ର ବିଷୟ ଥିଲା ‘କୃତଜ୍ଞତା’– ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ ଭାବବୋଧରେ ନିଜକୁ ଓ ନିଜ ପରିପାର୍ଶ୍ୱ ସହ ସମ୍ପର୍କିତ ହେବାର ଆହ୍ୱାନ। ୨୦୧୭ ରେ ‘ସାଇକ୍ଲୋଥନ’ ବିଷୟକୁ ନେଇ ସ୍ୱାସ୍ଥ୍ୟ ଓ ସଂହତି ସମ୍ପର୍କିତ ଜନ ସଚେତନତାର ସମନ୍ୱିତ ବାର୍ତ୍ତା ବହନ କରିଥିଲା। ୨୦୧୮ ରେ ‘ପ୍ୟାରାଭରା ପ୍ୟାକ୍’ ନୂଆ ଇତିହାସ ସୃଷ୍ଟି କରିଥିଲା। ସାରା ଦେଶରେ ୨୦ ନିୟୁତରୁ ଊର୍ଦ୍ଧ୍ୱ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ‘ବ୍ୟାଗ୍ ଅଫ୍ ହାପିନେସ୍’– ଖୁସିର ବସ୍ତାନୀ ଉପକ୍ରମରେ ସ୍ୱେଚ୍ଛାସେବୀମାନେ ଅବହେଳିତ ବର୍ଗର ପିଲାମାନଙ୍କ ସହ ଖୁସି ବାଣ୍ଟିଥିଲେ। କରୋନା ବର୍ଷ ୨୦୨୦ ମସିହାର ବିଷୟ ‘କରୋନା ବିରୋଧରେ ଯୁଦ୍ଧ’ରେ କରୋନା ପ୍ରଭାବିତ ପରିବାର ଓ କରୋନା ଯୋଦ୍ଧାମାନଙ୍କୁ ସମର୍ଥନ ଓ ସହାୟତା ପ୍ରଦାନ। ୨୦୨୧ର ବିଷୟ ‘ମୋ ମା’- ମୋ ଆଦର୍ଶ’ ବ୍ୟାପକ ଆବେଗିକ ପ୍ଲାବନ ସୃଷ୍ଟି କରିଥିଲା। ସନ୍ତାନମାନଙ୍କର ନିଜ ନିଜର ମାଆମାନଙ୍କୁ ଆବେଗଭରା କୃତଜ୍ଞତାର ପତ୍ରରେ ବିପୁଳ ପୁଲକ ଓ ଆଲୋକ ଦେଖିବାକୁ ମିଳିଥିଲା। ୨୦୨୨ ମସିହାର ବିଷୟ ଥିଲା ‘ଆଶା, ଖୁସି ଓ ସମନ୍ୱୟ’। ‘ସାହାଯ୍ୟକାରୀଙ୍କୁ ସାହାଯ୍ୟ’- ୨୦୨୩ର ବିଷୟ ଆଧାରରେ ଆମ ଜୀବନରେ ଯେଉଁମାନଙ୍କର ସେବା ଆମେ ପାଇଥାଉ, ବିଶେଷ କରି ଘରୋଇ ପରିଚାରକ, ତାଙ୍କ ପ୍ରତି ସମ୍ବେଦନଶୀଳ ହେବା ଥିଲା ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ୨୦୨୪ର ବିଷୟ ଥିଲା ‘ଆହୁରି ଉଚ୍ଚମାନର – ଚିନ୍ତାରେ ଓ ଚେତନାରେ’। ‘ଆର୍ଟ ଅଫ୍ ଗିଭିଂ’ର ମହତ ବାର୍ତ୍ତାକୁ ବ୍ୟାପକ ଓ ସାର୍ବଜନୀନ କରିବାର ଅଙ୍ଗୀକାର। ‘ଉତ୍ତମ ପଡ଼ିଶା: ପଡ଼ୋଶୀଙ୍କ ସହ ସୁସମ୍ପର୍କ’ ସ୍ଥାନୀୟ ପରିବେଶକୁ ସମ୍ବେଦନାରେ ପୂର୍ଣ୍ଣ କରିବାର ପ୍ରୟାସ। ଚଳିତ ବର୍ଷର ବିଷୟ: ‘ସେୟାର ଟୁ ସାଇନ୍’- ସହଭାଗିତାରେ ସମୃଦ୍ଧି। ପାରସ୍ପରିକ ପ୍ରେମ, ସହାନୁଭୂତି ଓ ସମ୍ପ୍ରୀତିର କ୍ରିୟାଶୀଳ ପରିବେଶରେ ହିଁ ପ୍ରତ୍ୟେକଙ୍କର ଉନ୍ନତି; ଉଭୟ ବ୍ୟକ୍ତି ଓ ସମାଜର ଉତ୍ତରଣ। ଆଶା, ଏହା ସମଗ୍ର ବିଶ୍ୱରେ ଆତ୍ମ ନିରୀକ୍ଷଣ, ଆତ୍ମ ସମୀକ୍ଷା ଓ ଆତ୍ମୋପଲବ୍ଧି ନିମନ୍ତେ ପଥ ପ୍ରଶସ୍ତ କରିବ। ଦାନଶୀଳତା, ଯାହା ‘ଆର୍ଟ୍ ଅଫ୍ ଗିଭିଂ’ର ଅଂଶ ଓ ଆତ୍ମା, ତାହା ଆମ ସଂସ୍କୃତିର ଅନ୍ୟ ଏକ ବିଭବ। ଆମ ଅସ୍ତିତ୍ୱ, ସ୍ଥିତି ଓ ବ୍ୟାପ୍ତିର ବ୍ୟାକରଣ। ପ୍ରତ୍ୟେକ ଧର୍ମ ଓ ବିଶ୍ୱାସରେ ଦାନଶୀଳତାକୁ ମହିମାନ୍ୱିତ କରାଯାଇଛି। ଭଗବତ୍ ଗୀତାରେ କୁହାଯାଇଛି-

‘ଦାତବ୍ୟମିତି ଯଦ୍ଦାନଂ ଦୀୟତେ ନୁପକାରିଣେ।
ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ (୧୭/୨୦)’

ଅର୍ଥାତ, ଦାନ କରିବା କର୍ତ୍ତବ୍ୟ– ଏପରି ଭାବନା ରଖି ଯେଉଁ ଦାନ ଉପଯୁକ୍ତ ସ୍ଥାନ, କାଳ ଓ ପାତ୍ରରେ ଅନୁପକାରୀକୁ (ଅର୍ଥାତ୍ ନିଷ୍କାମ ଭାବରେ) ଦିଆଯାଏ, ତାହାକୁ ସାତ୍ତ୍ୱିକ ଦାନ କୁହନ୍ତି। ଗୀତା ଅନୁସାରେ ଅନ୍ୟର ମଙ୍ଗଳ ପାଇଁ କର୍ମ କରିବା ଯଜ୍ଞ, ସର୍ବଦା ପ୍ରସନ୍ନ ରହିବା ଓ ଦେୟଦ୍ରବ୍ୟକୁ ଦାନ ଗ୍ରହୀତାର ସ୍ୱତ୍ତ୍ୱ ମନେକରି ତାକୁ ଅର୍ପଣ କରିଦେବା ଦାନ ଅଟେ। ସ୍ୱାର୍ଥ ବୃଦ୍ଧିରେ ଦାନ ରାକ୍ଷସ ସ୍ୱାଭାବର ପରିଚାୟକ। ସାଧାରଣତଃ କୁହାଯାଏ ଏକ ଗୁଣ ଦାନ ସହସ୍ର ଗୁଣ ପୁଣ୍ୟ। ଯେ ଦିଏ ସେ ରହେ। କାଳ କାଳକୁ ଯେମିତି ଦାନବୀର କର୍ଣ୍ଣ, ଦାନବୀର ହରିଶ୍ଚନ୍ଦ୍ର। ଏମାନେ ଦାନଶୀଳତାର ଶିଖର ପ୍ରତୀକ। ଇସଲାମରେ ଜକାତ, ଖ୍ରୀଷ୍ଟ ଧର୍ମରେ ଚାରିଟି, ବୌଦ୍ଧ ଧର୍ମର କରୁଣା, ଜୈନ ଧର୍ମରେ ଜ୍ଞାନର ପ୍ରସାର ଓ ଜୀବନ ରକ୍ଷା, ଜୁଦାଇଜିମ୍‌ରେ ଓ ଜୋରାଷ୍ଟ୍ରିୟାନ୍‌ରେ ଦାରିଦ୍ର୍ୟ ଦୂରୀକରଣ ଜୁଦାଇଜିମ୍ ଓ ଜୋରାଷ୍ଟ୍ରିୟାନ୍‌ରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଆହ୍ୱାନ ଦାନଶୀଳତାର ପ୍ରଖର ପ୍ରଶଂସା ରହିଛି। ପ୍ରାଚୀନ ଆଦର୍ଶ, ମୂଲ୍ୟବୋଧ, ପରମ୍ପରା ଓ ପ୍ରକାର ଆଧୁନିକୀକରଣ ଓ ପ୍ରୟୋଗର କ୍ରିୟାଶୀଳ ରୂପ ହେଉଛି ‘ଆର୍ଟ୍ ଅଫ୍ ଗିଭିଂ’। ଏହା ଦିନିକିଆ ଉତ୍ସବ ନୁହେଁ, ପ୍ରତିଟି ମୁହୂର୍ତ୍ତର ଉତ୍ସବ। ସେବା ଓ ଦାନ ଭାବର ନିରନ୍ତର ପ୍ରକାର ଓ ପ୍ରସାରଣ। ଏହା ଦ୍ରବ୍ୟକୁ ଟପି ଭାବକୁ ସମ୍ପ୍ରସାରିତ। ଯେଉଁ ଭାବ ମୋଚନକୁ ଉନ୍ମୁଖ ରଖେ। ପରକୁ ଆପଣାର ମଣେ। ନିଜ ଭିତରେ ଅନ୍ୟକୁ ଦେଖେ, ଅନ୍ୟ ଭିତରେ ନିଜକୁ ଦେଖେ। ତାର ସେବା ସହାୟତା ପ୍ରକାରନ୍ତରେ ନିଜକୁ ସମର୍ପିତ। ଅନ୍ୟକୁ ଦେବା ପାଇଁ ବହୁ କଥା ଅଛି। ଖୋଜି ପାଇଲେ ହେଲା, ଦେଇ ପାରିଲେ ହେଲା। କିଛି ନ ହେଲେ ଅନ୍ତତଃ ଓଠରେ ସ୍ମିତହାସ୍ୟଟିଏ ତ ରଖୁହେବ। ଆହା ପଦେ ତ କହି ହେବ। ମାନସିକ ଆଶ୍ୱାସନା ତ ଦେଇହେବ। ଏହି ଭାବ ପ୍ରକଟିତ ହେଲେ ତାହା ଅନେକ ମାଧ୍ୟମରେ, ଆକାରରେ ପ୍ରକାରରେ ବାସ୍ତବାୟିତ ହୁଏ। ‘ ଆର୍ଟ୍ ଅଫ୍ ଗିଭିଂ’ର ଏହା ହିଁ ଲୟ ଓ ଲକ୍ଷ୍ୟ ।

‘ଆର୍ଟ ଅଫ୍ ଗିଭିଂ’ କୌଣସି ଆନୁଷ୍ଠାନିକ ବ୍ୟବସ୍ଥାରେ ପରିଚାଳିତ ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତିଗତ ଓ ସ୍ୱେଚ୍ଛାକୃତ। ଖୁସିର କଥା, ସ୍ୱେଚ୍ଛାସେବୀମାନେ ବର୍ଷ ବ୍ୟାପୀ ବିଭିନ୍ନ ପ୍ରକାରର କାର୍ଯ୍ୟରେ ଏହାର ରୂପାୟନ କରୁଛନ୍ତି। ଏହି ଖବର ଆମକୁ ଆହୁରି ସକ୍ରିୟ ଓ ସଶକ୍ତ ତଥା ଆସ୍ଥାବାନ କରୁଛି।

୧୩ତମ ଅନ୍ତର୍ଜାତୀୟ ‘ଆର୍ଟ୍ ଅଫ୍ ଗିଭିଂ’ ଦିବସ ଅବସରରେ ପୃଥିବୀର ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଅନୁରାଗ, ସହଯୋଗ, ସଦିଚ୍ଛା ଓ ମାନବବାଦର ଜୟଯାତ୍ରା ଫଳପ୍ରସୂ ଓ ସଶକ୍ତ ହେଉ ବୋଲି ମୋର କାମନା ଓ ପ୍ରାର୍ଥନା। ଯେଉଁ ଦାନଶୀଳତା ମଣିଷର ଗୁଣସୂତ୍ରରେ ଅଛି, ତାର ଉଜ୍ଜ୍ୱଳ ପରିପ୍ରକାଶ ଘଟୁ।

# ପତ୍ନୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ



**ନାଉଗାଁ,୧୧।୫/ଏନ୍‌ଏନ୍‌ଏସ୍:** ନାଉଗାଁ ଥାନା ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଏହାକୁ ନିଜ ପତ୍ନୀକୁ ମରଣାତ୍ମକ ଆକ୍ରମଣ କରିଥିବା ସ୍ୱାମୀକୁ ନାଉଗାଁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ କାରିଣୀ କଳ୍ପନା ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଗତକାଲି ରାତି ପ୍ରାୟ ସାଢେ ସାତଟା ସମୟରେ କଳ୍ପନା ଘରେ ରୋଷେଇ କରୁଥିବା ସମୟରେ ତାଙ୍କ ସ୍ୱାମୀ ସୁଶାନ୍ତ ମହାନ୍ତି ଆସି ଖାଇବାକୁ ମାଗିଥିଲେ। କଳ୍ପନା ରୋଷେଇ କରୁଥିବା ବେଳେ କିଛି ସମୟ ଅପେକ୍ଷା କରିବାକୁ କହିବାରୁ ସୁଶାନ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ମାରିଦେବା ଉଦ୍ଦେଶ୍ୟ ରଖି ଏକ କତା ସାହାଯ୍ୟରେ ତାଙ୍କ ମୁଣ୍ଡ ଓ ହାତକୁ ବାଡେଇଥିଲେ। ଯାହାଫଳରେ କଳ୍ପନାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ତାଙ୍କ ହାତ ଭାଙ୍ଗି ଯାଇଥିଲା। ସେ ଚିତ୍କାର କରିବାରୁ କଳ୍ପନାଙ୍କ ଶାଶୂ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଷ୍ଠୁର ପ୍ରଶାନ୍ତ ନିଜ ମାଆକୁ ମଧ୍ୟ ଛାଡ଼ି ନଥିଲେ। ତାଙ୍କୁ ମଧ୍ୟ ବାଡେଇ ଲହୁଲୁହାଣ କରିଦେଇଥିଲେ। ପ୍ରକାଶ, ପୂର୍ବରୁ ମଧ୍ୟ ସୁଶାନ୍ତ ଅନେକ ଥର ବିନା କାରଣରେ କଳ୍ପନାଙ୍କୁ ମାରଧର କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ସମାଧାନ କରାଯାଇଥିବା କଳ୍ପନା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପରେ ଉଭୟେ ଶାଶୂ, ବୋହୂ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ମେଡିକାଲ ଯାଇ ଚିକିତ୍ସିତ ହେବାପରେ କଳ୍ପନା ଏହି ଘଟଣାକୁ ନେଇ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ନାଉଗାଁ ପୁଲିସ ଅଭିଯୋଗକୁ ଭିତ୍ତି କରି ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ପୁନର୍ବାସ ପକ୍ଷରୁ 'ମାତୃ ସ୍ୱୀକୃତି ଉତ୍ସବ'

**କେନ୍ଦ୍ରାପଡ଼ା,୧୧।୫/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ମେ ୧୦ ତାରିଖକୁ ମାତୃ ଦିବସ ରୂପେ ପାଳନ କରାଯାଇ ଆସୁଥିବାବେଳେ ଏହାକୁ ଭିନ୍ନ ଢଙ୍ଗରେ ପାଳନ କରିଛି ପୁନର୍ବାସ। ଦୀର୍ଘ ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ କେନ୍ଦ୍ରାପଡ଼ା ଜିଲ୍ଲାରେ ଥେରାପି ଚିକିତ୍ସା ଓ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟ କରି ଆସୁଥିବା ଏହି ଅନୁଷ୍ଠାନ ପକ୍ଷରୁ ଏହାକୁ 'ମାତୃ ସ୍ୱୀକୃତି ଉତ୍ସବ' ରୂପେ ପାଳନ କରାଯାଇଛି। ସାଧାରଣ ପିଲାଙ୍କ ଅପେକ୍ଷା ସ୍ୱତନ୍ତ୍ର ଏହି ମା'ମାନଙ୍କର ଅସୀମ ତ୍ୟାଗକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗଶିଶୁଙ୍କ ମା' ନିଜର ଶିଶୁଙ୍କୁ ନେଇ ରହିଥିବା ଦୈନିକ ସଂଘର୍ଷ ଓ ସ୍ୱପ୍ନର ଅପ୍ରକାଶ୍ୟ ଭାବନାକୁ ପ୍ରକାଶ କରିଥିଲେ। ଥେରାପିଷ୍ଟ କୀର୍ତ୍ତି ଦାଶ ଓ ଶୁଭଶ୍ରୀ ଦାସ ପ୍ରତ୍ୟେକ ମା'ମାନଙ୍କର ଭୂମିକା ଉଦାହରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଶିଶୁଙ୍କ ମା'ମାନଙ୍କୁ ସମ୍ବର୍ଦ୍ଧନା ପୂର୍ବକ




ଶିଶୁମାନଙ୍କ ଲାଳନପାଳନ ଅଧିକ ସ୍ନେହ ଓ ଧୈର୍ଯ୍ୟ ଆବଶ୍ୟକତା ରଖେ। ଏଠାରେ ଥେରାପି ସେବା ଗ୍ରହଣ କରୁଥିବା ଏହିପରି ଦିବ୍ୟାଙ୍ଗ ଶିଶୁ ମା'ମାନଙ୍କ ନିମନ୍ତେ ଏହି ସ୍ୱତନ୍ତ୍ର ଉତ୍ସବକୁ ସମର୍ପିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ଏବଂ ବିଶିଷ୍ଟ ଲେଖିକା ନବଜ୍ୟୋତି ରାୟ, ଆନ୍ତର୍ଜାତୀୟ ବାକ୍ ଓ ଶ୍ରବଣ ବାଧିତ କ୍ରୀଡ଼ାବିତ୍ ଦିବଂଗତ ସୁକାନ୍ତ ଚୌଧୁରୀଙ୍କ ପତ୍ନୀ ସମାଜସେବୀ ଜୟନ୍ତୀ ଚୌଧୁରୀ ଓ ୧୦ନମ୍ବର ୱାର୍ଡର ପୌରସଭ୍ୟା ରଶ୍ମିତା ସିଂ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଏକ ସ୍ମାରକୀ ଉପହାର ପ୍ରଦାନ କରାଯାଇଥିଲା। ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତିଙ୍କ ପ୍ରାରମ୍ଭିକ ସମ୍ଭାଷଣ ପରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ପରିଚାଳନାରେ ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ମହମ୍ମଦ ଜାହିଦ୍ ଖାନ୍ ଓ କର୍ମଚାରୀ ରାଜେନ୍ଦ୍ର ମହାପାତ୍ର, ଧରଣୀଧର ସେଠୀ, ସଂଜୀବ କୁମାର ଜେନା, କେଦାରନାଥ ବାରିକ ଓ ପ୍ରଭାତ କୁମାର ସାମଲ ପ୍ରମୁଖ ସହାୟତା କରିଥିବାବେଳେ ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି



**ଅନୁଗୋଳ,୧୧।୫/ଏନ୍‌ଏନ୍‌ଏସ୍:** ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବଣଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୨୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୧ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମୀର କୁମାର ପଣ୍ଡା, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କୃଷ୍ଣଚନ୍ଦ୍ର ପାଲ, ବଣଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ମିତ୍ କୁମାର, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# କନ୍ଦରପୁର - ବାଘିଲୋ କେନାଲ୍ ରାସ୍ତା ଶୋଚନୀୟ

**ଚାଦୋଳ,୧୧।୫/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଲେଇ ପଞ୍ଚାୟତର କନ୍ଦରପୁର ଠାରେ ଚାଦୋଳ-ଗୋଲରାହାଟ ପୂର୍ତ୍ତବିଭାଗ ରାସ୍ତାରୁ ବାଘିଲୋ ଯାଏ ୧୧ ନଂ କେନାଲ୍ ବନ୍ଧ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପାଞ୍ଚବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କନ୍ଦରପୁର ଠାରୁ ବାଘିଲୋ ଓ ବାଘିଲୋ ଠାରୁ ଓଲଢି ପର୍ଯ୍ୟନ୍ତ ଏହି ରାସ୍ତାଟି ଦୁଇଟି ପର୍ଯ୍ୟାୟରେ ନିର୍ମାଣ କରାଯାଇଥିଲା। ଏହି ରାସ୍ତାଦେଇ ପଲେଇ ପଞ୍ଚାୟତର ଜନସାଧାରଣଙ୍କ ସମେତ ଖମୋଳ, ଗୋଲରାହାଟ ଓ କାଉପଡ଼ା ପଞ୍ଚାୟତର ଜନସାଧାରଣ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ, ତହସିଲ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ସର୍ବୋପରି ଜିଲ୍ଲା ମୁଖ୍ୟାଳୟକୁ ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତାଟିର ବହୁ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଥିଲା। ତେବେ ଏହି ରାସ୍ତାର ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଠାରୁ ବାଘିଲୋ ପର୍ଯ୍ୟନ୍ତ ଗତ କିଛିମାସ ତଳେ ଚଉଡ଼ା କରାଯାଇ ନିର୍ମାଣ ସରିଛି। ହେଲେ ବାଘିଲୋ ଠାରୁ କନ୍ଦରପୁର ପର୍ଯ୍ୟନ୍ତ ରାସ୍ତାଟି ଆଦୌ ମରାମତି ନହେବାରୁ ଏବେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାତାୟତ ଅନୁପଯୋଗୀ ହୋଇପଡ଼ିଛି। ଯାହାଫଳରେ ରାସ୍ତାରୁ ମେଷ୍ଟାଲଗୁଡ଼ିକ ଉଠି ଗଡୁଥିବାରୁ ଏହା ପଥଚାରୀ ଓ ବାଇକ୍ ଆରୋହୀଙ୍କ ପାଇଁ ଯାତାୟତରେ ବାଧକ ସାଜୁଛି। ତୁରନ୍ତ ଏହି ରାସ୍ତାଟିକୁ ନିର୍ମାଣ କରିବାକୁ ସମାଜସେବୀ ଦୀପକ ଘଡ଼େଇଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ରସୁଲପୁର,୧୧।୫/ଏନ୍‌ଏନ୍‌ଏସ୍:** କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସ ନାୟକଙ୍କ ଦ୍ୱାରା ରସୁଲପୁର ବ୍ଲକ୍‌ର ମୁଗୁପାଳ ଏବଂ ବାହାଦଲାପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବିଧାୟକ ଶ୍ରୀ ନାୟକଙ୍କୁ କୁଆଖିଆରୁ ମୁଗୁପାଳ ପର୍ଯ୍ୟନ୍ତ ବିଜେପି ଯୁବ କର୍ମୀମାନେ ଏକ ମୋଟର ସାଇକେଲ ଶୋଭା ଯାତ୍ରାରେ ମୁଗୁପାଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ମୁଗୁପାଳ ଏବଂ ବାହାଦଲାପୁର ପଞ୍ଚାୟତର ଜନସାଧାରଣଙ୍କ ତରଫରୁ ବିଧାୟକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବରଂଶ-ନିରଞ୍ଜନପୁର ଛକଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ବିଜେପି ନେତା ଦୁଷ୍ମନ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ନାୟକ ଯୋଗଦେଇ ଆରଡି ବିଭାଗ ତରଫରୁ ମଞ୍ଜୁର ହୋଇଥିବା ୩କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଞ୍ଜୁର ହୋଇଥିବା ବରଂଶ ଭାୟା ବଡନିରଞ୍ଜନପୁର-ସାରଙ୍ଗପୁର ଆରଡି ରାସ୍ତା ଓ ବଡନିରଞ୍ଜନପୁର ଦୁଧେଇ ନାଳ ଉପରେ ନୂତନ ବ୍ରିଜ୍‌ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା



୫ହଜାରରୁ ଊର୍ଦ୍ଧ୍ୱ ଲୋକ ଦୈନିକ ଉପକୃତ ହେବା ସହ ମୁଗୁପାଳ, ବାହାଦଲାପୁର ତଥା ପଡୋଶୀ ପଞ୍ଚାୟତର ଜନସାଧାରଣଙ୍କ ଦୈନନ୍ଦିନ ଗମନା ଗମନ କ୍ଷେତ୍ରରେ ସୁବିଧା ହୋଇପାରିବ ବୋଲି ବିଧାୟକ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିବା ସହ ବିଜେପିର ୨ବର୍ଷ ସରକାର ସମୟରେ କୋରେଇରେ ୨୦ବର୍ଷର କାର୍ଯ୍ୟ ହୋଇପାରିଥିବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ୍‌ର ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ମୁଗୁପାଳ ସରପଞ୍ଚ ପ୍ରଜ୍ଞାପରମିତା ମଲ୍ଲିକ, ବାହାଦଲାପୁର ପଞ୍ଚାୟତର ସମିତିସଭ୍ୟା ମାମି ମହାନ୍ତି, ମୁଗୁପାଳ ପଞ୍ଚାୟତର ସମିତି ସଭ୍ୟ ନରୋତମ ସାହୁ, ଆରଡି ବିଭାଗ ଜାରକାର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ବାଳା, ଏସ୍‌ଡିଓ ଜନ୍ମେଞ୍ଜୟ ଷଡଙ୍ଗୀ, ମଧୁସୂଦନ ମିଶ୍ର, ସୁଧାଂଶୁ ବାହାଲିଆ, ସୟେଦ୍ ଆବାଶ ଅଲ୍ଲି, ବିଜେପି ନେତା ଗୋପିନାଥ ପତି, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏତଦ୍ ବ୍ୟତିତ ମୁଗୁପାଳଠାରେ ୧୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫାସିଲେଟେଡ୍ ସେଣ୍ଟର, ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ , ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖଇରାବାଦ ପାଟଣା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଓ କାର୍ଯ୍ୟାଳୟ ଗୃହକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ବିନୋଦ କୁମାର ମହାରଣା, ବଜେପି ନେତା ଦିଲୀପ ଦାସ, ହିମାଂଶୁ ବେହେରା, ସୁବ୍ରତ ନାୟକ, ବସନ୍ତ ପଣ୍ଡା, ରଞ୍ଜନ ଦେଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଜେପି ନେତା ଓ କର୍ମୀମାନେ ଉପସ୍ଥିତ ରହିଥିଲେ।

# ପାନୀୟଜଳ ସମସ୍ୟା ନେଇ ଦାବିପତ୍ର



**ତାଳଚେର,୧୧।୫/ଏନ୍‌ଏନ୍‌ଏସ୍:** ତାଳଚେରରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ଅଞ୍ଚଳବାସୀ ପାନୀୟଜଳରୁ ବଞ୍ଚିତ ହେବା ନେଇ ରାଜ୍ୟ ମୁଖ୍ୟଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଗତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଳଚେର ଉପ-ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ତାଳଚେର ବର୍ତ୍ତମାନ ସ୍ଥିତିରେ ତାପମାତ୍ରାରେ ସର୍ବ ଭାରତୀୟସ୍ତରରେ ଏକ ନମ୍ବର ଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଚଳିତ ବର୍ଷ ତାଳଚେର ଉପଖଣ୍ଡର ତାଳଚେର ବ୍ଲକ, କଣିହାଁ ବ୍ଲକ, ତାଳଚେର ପୌର ପରିଷଦ ଅଞ୍ଚଳରେ ପାନୀୟଜଳର ଘୋର ସଂକଟ ଓ ସମସ୍ୟା ଦେଖାଦେଇଛି। ଆରଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ଡିଏମ୍‌ଏଫ୍ ଓ ସିଏସ୍‌ଆର୍‌ର ବିନିଯୋଗରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ପାନୀୟଜଳ ପାଇଁ ବାରମ୍ବାର ପାଇପ୍ ବିଛାଯାଇଛି। ଥରେ ନୁହେଁ କି ଦୁଇ ଥର ନୁହେଁ, ଅନେକ ଥର ପାଇପ୍ ବିଛା ହୋଇଥିଲେ ମଧ୍ୟ ସେଥିରେ ପାଣି ପଡୁନି। ଏନେଇ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ, ତାଳଚେର ଉପଜିଲ୍ଲାପାଳ, ଆରଡବ୍ଲ୍ୟୁଏସ୍‌ଏସ୍‌ର ଉଚ୍ଚ ପଦାଧିକାରୀ ଏବଂ ଏମ୍‌ସିଏଲ୍‌ର ଉଚ୍ଚ ପଦାଧିକାରୀଙ୍କୁ ବାରମ୍ବାର ଦାବିପତ୍ର ଦେବା ସହ ଅଭିଯୋଗ କରାଯାଇଛି। କିନ୍ତୁ କେହି ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି। ଫଳରେ ସମସ୍ତ ତାଳଚେରବାସୀ ଜଳ ସଂକଟର ଶୀକାର ହେଉଛନ୍ତି । ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି ପାନୀୟଜଳ ସଂକଟରୁ ନିରାକରଣ ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ପାଇଁ ଅନୁରୋଧ କରାଯାଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ ନେତା ରାଜକିଶୋର ସାହୁ, ତାଳଚେର ବ୍ଲକ କଂଗ୍ରେସ୍ ସଭାପତି ବିମ୍ବାଧର ବେହେରା, ବଣଁରପାଳ ବ୍ଲକ କଂଗ୍ରେସ୍ ସଭାପତି ବିନୋଦ ବିହାରୀ ବେହେରା, ଯୁବ କଂଗ୍ରେସ୍ ନେତା କିର୍ତି ରଞ୍ଜନ ବିଶୋଇ, ଜଗା ସାମଲ, ବେଡା କାଞ୍ଜି, ସୁନୀଲ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଉପରୁ ବାଲି, ଗୋଡ଼ି ହଟାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**କେନ୍ଦ୍ରାପଡ଼ା,୧୧।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ଉପରେ ମନମୁତାବକ ବାଲି, ଗୋଡି ମହଜୁଦ ରଖିବା ଦ୍ୱାରା ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଜିଲ୍ଲାପାଳ ତୁରନ୍ତ ରାସ୍ତା ଉପରେ ଥିବା ଏହାକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାପଡା ସଦରଥାନା ନିକଟରୁ ବସପୁର ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ପରିମାଣରେ ରାସ୍ତା ଉପରେ ବାଲି, ଗୋଡି, ମାଟି ଇତ୍ୟାଦି ପଡି ରହିଥିବାରୁ ବିଭିନ୍ନ ସ୍କୁଲ୍ କଲେଜ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାତାୟତ କରୁଥିବା ହଜାର ହଜାର ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ବ୍ୟାପକ ପରିମାଣରେ ବାଲି ଓ ଗୋଡି ଗଦା କରି ଏହାକୁ ବିକ୍ରି କରୁଛନ୍ତି। ତୁରନ୍ତ ଏହିଗୁଡାକୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଥିବାରୁ ଜିଲ୍ଲାପାଳ ତୁରନ୍ତ ଏହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ପ୍ରାକ୍ତନ ପୋଷ୍ଟ୍‌ମାଷ୍ଟର ହେମନ୍ତ ବେହେରାଙ୍କ ପରଲୋକ

**ତାଳଚେର,୧୧।୫/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ କଣ୍ଡାଳ ପଞ୍ଚାୟତ ତାଳବଡ଼ା ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ହେମନ୍ତ ବେହେରା (୬୫)ଙ୍କ ଗତକାଲି ବିଳମ୍ବିତ ରାତ୍ରୀରେ ନିଜ ବାସଭବନରେ ଦେହାନ୍ତ ଘଟିଛି। ସେ ଖାଇ ସାରି ଶୋଇଥିବା ଅବସ୍ଥାରେ ହଠାତ ଅସୁସ୍ଥ ହୋଇ ପଡ଼ିଥିବାରୁ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏବଂ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରିବାପରେ ମୃତ ଘୋଷଣା କରିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ସେ ଦୀର୍ଘବର୍ଷ ପୋଷ୍ଟ ଅଫିସ୍‌ରେ କାର୍ଯ୍ୟ କରୁଥିବା ସମୟରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ, ସହୃଦୟ ବ୍ୟକ୍ତି ଥିଲେ। ଏବଂ ଭାଗବତ ଗୀତାରେ ରୁଚି ରଖୁଥିଲେ। ତାଙ୍କର ମରଶରୀରକୁ ପରିବାର ପକ୍ଷରୁ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ ସମ୍ପର୍ଣ୍ଣ କରାଯିବା ସହ ତାଙ୍କର ଏକମାତ୍ର ପୁତ୍ର ଅଭିଷେକ ବେହେରା ମୁଖାଗ୍ନି ଦେଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

# ମହିଳା କଂଗ୍ରେସ ପକ୍ଷରୁ ମଶାଲ୍ ଶୋଭାଯାତ୍ରା

**ଯାଜପୁର,୧୧।୫/ଏନ୍‌ଏନ୍‌ଏସ୍:** ମହିଳା ସଂରକ୍ଷଣ ଆଇନକୁ କେନ୍ଦ୍ରକରି ବିଜେପି ସମଗ୍ର ଦେଶରେ ବିଭ୍ରାନ୍ତି ସୃଷ୍ଟି କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏହାକୁ କେନ୍ଦ୍ରକରି ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସ ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଇ ସାଧାରଣ ଜନତାଙ୍କୁ ଜାଗ୍ରତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସେହିପରୀ ଯାଜପୁର ଜିଲ୍ଲାର ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ସ୍ୱାଇଁଙ୍କ ଆହ୍ୱାନକ୍ରମେ ଶତାଧିକ ମହିଳାଙ୍କ ସମେତ କଂଗ୍ରେସ କର୍ମକର୍ତ୍ତା ନେତୃମଣ୍ଡଳୀ ଛାମୁ ସଂଗଠନର ଶତାଧିକ କର୍ମୀ ଯୋଗଦେଇ ସ୍ଥାନୀୟ ରାମ ମନ୍ଦିର ଛକ ଠାରେ ଏକତ୍ରିତ ହୋଇ ଏକ ମଶାଲ ଶୋଭାଯାତ୍ରାରେ ଗାନ୍ଧୀଛକ ଠାରେ ପହଞ୍ଚିଥିଲେ। ସେଠାରେ ମୋଦି ହାଟୋଓ ଦେଶ ବଞ୍ଚାଓ ମହିଳା ସଂରକ୍ଷଣ ଆମର ଦାବି ପ୍ରଭୃତି ସ୍ଲୋଗାନ ଦେଇଥିଲେ। ପ୍ରକାଶ, ସମ୍ପ୍ରତି କ୍ରମେ ୨୦୨୩ ମସିହା ସେପ୍ଟେମ୍ବର ମହିଳା ସଂରକ୍ଷଣ ଆଇନ ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲ କରିଥିଲେ ମଧ୍ୟ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ ସରକାର ୩୦ ମାସ କାଳ ତାକୁ ଲାଗୁ ନକରି ଓଲଟା କଂଗ୍ରେସକୁ ମହିଳା ବିରୋଧି ବୋଲି ଜନସାଧାରଣ ମଧ୍ୟରେ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ଏବଂ ଚଞ୍ଚକତା କରି



ଡିଲିମିଟେସନକୁ ମହିଳା ସଂରକ୍ଷଣ ବିଲ୍ ସହ ଯୋଡ଼ିବାରୁ ସଂସଦରେ ତାହା କାଟ୍ ଖାଇଥିବା ବେଳେ ବିଭିନ୍ନ ସମାବେଶ ଜରିଆରେ ମିଛ ପ୍ରଚାର କରାଯାଇଛି ବୋଲି ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ସ୍ୱାଇଁ ଅଭିଯୋଗ କରିଛନ୍ତି। ମହିଳାଙ୍କ ପାଇଁ ସଦାସର୍ବଦା କଂଗ୍ରେସ ଉଦ୍ୟମ କରିଆସୁଥିବା ବେଳେ ବିଜେପିର ଏପରି ଡାହା ମିଛକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତା ଜରୁରୀ ବୋଲି ପୂର୍ବତନ ମନ୍ତ୍ରୀ ଶରତ ରାଉତ କହିଥିଲେ ଆଗାମୀ ଦିନରେ ତୃଣମୂଳ ସ୍ତରରେ ବିଜେପିର ଡାହା ମିଛକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବ୍ଲକସ୍ତରରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଯାଜପୁର ବିଧାନସଭା ମଣ୍ଡଳୀ ଦାୟିତ୍ୱରେ ଥିବା ନେତା ସନ୍ତୋଷ ନନ୍ଦ ଚେତାବନି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ଯାଜପୁର ବିଧାନସଭା ମଣ୍ଡଳୀର ଦାୟିତ୍ୱରେ ଥିବା ସନ୍ତୋଷ କୁମାର ନନ୍ଦ, ଯାଜପୁର ବ୍ଲକର ସଭାପତି ଗଦାଧର ଦାସ, ପୌରପାଳିକାର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ସ୍ୱାଇଁ, କଳ୍ପନା ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ, ମଞ୍ଜୁଶ୍ରୀ ମିଶ୍ର, ସୁଲୋଚନା ଦାସ, ସସ୍ମିତା ସେଠୀ, ତିଳୋତମା ଦଳାଇ, ପ୍ରତିମା କର, ସନ୍ଧ୍ୟା ଖୁଣ୍ଟିଆ, ମିହିର ମିଶ୍ର, ସଞ୍ଜୟ ରାଉତ, ସମିର ନାୟକ, ପ୍ରତାପ ଦାସ, ଏକାଦଶୀ ତ୍ରିପାଠୀ, ରମାକାନ୍ତ ମଲ୍ଲିକ, ସେକ୍ ଅବ୍ଦୁଲ୍ ହଲିମ, ବିଦ୍ୟାଧର ଜେନା, ମଧୁସୂଦନ ଜେନା, ସଂଗ୍ରାମ ସାହାଣୀ, ନିକୁଞ୍ଜ ସାମଲ, ନକୁଳଦେବ ସାହୁ, ବିଭୂତିଭୂଷଣ ମହାପାତ୍ର, ଭାସ୍କର ମହାନ୍ତି, ହିମାଂଶୁ ମହଲ, ପ୍ରକାଶ ଦାସ, ମାନସ ପଣ୍ଡା, ଅର୍ଜ୍ଜିତ ନାୟକ, ପ୍ରଭୃତି ଶତାଧିକ କର୍ମୀ ମସାଲ ଶୋଭାଯାତ୍ରା ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ଜିଲ୍ଲା ଜଜ୍‌ଙ୍କ ବିୟୋଗରେ ଶୋକସଭା

**କେନ୍ଦ୍ରାପଡ଼ା,୧୧।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଅନାଥ ବନ୍ଧୁ ଦାସଙ୍କ ବିୟୋଗରେ ଏକ ଶୋକସଭା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ସ୍ୱର୍ଗତ ଦାସ କେନ୍ଦ୍ରାପଡା କୋର୍ଟରେ ଓକିଲ ସଂଘର ସଭ୍ୟ ଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ଦାସଙ୍କ ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ଓକିଲ ସଂଘର ଉପସଭାପତି ନୃସିଂହ ରାଉତ, ସଂପାଦକ ନିହାର ରଞ୍ଜନ ମହାପାତ୍ର, ହରିପ୍ରସାଦ କର, ମମତା ସାମଲ, ପ୍ରାର୍ଥ ଚକ୍ରବର୍ତ୍ତୀଙ୍କ ସମେତ ବରିଷ୍ଠ ଓକିଲ ଅକ୍ଷୟ କୁମାର ମହାନ୍ତି, ଭୀମସେନ ଭୂୟାଁ, ସରୋଜ ରାଜ ସିଂ, ଆଶୀଷ ସେନାପତି, ଗୋବର୍ଦ୍ଧନ ରାଉତ, ସୁବାସ ଚନ୍ଦ୍ର ଦାସ, ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ସ୍ୱର୍ଗତଃ ଦାସଙ୍କ ନିମନ୍ତେ ସ୍ମୃତିଚାରଣ କରିଥିଲେ।

# ମିଶନ ଆଶ୍ରମରେ ଭର୍ତ୍ତି ହେଲେ ମହିଳା

**ତାଳଚେର,୧୧।୫/ଏନ୍‌ଏନ୍‌ଏସ୍:** ତାଳଚେର ରାମଚନ୍ଦ୍ର ବଜାର ଫାଷ୍ଟଗେଟ ଠାରେ ଅନେକ ଦିନ ହେବ ଜଣେ ବିକାରଗ୍ରସ୍ତ ମହିଳା ଆନୁମାନିକ ବୟସ (୪୦) ଏହି ମାର୍କେଟରେ ସେ ଘୁରି ବୁଲୁଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହେବାପରେ ତାଳଚେର ପୁଲିସ ଏହାକୁ ହୃଦୟଙ୍ଗମ କରି ସମାଜସେବୀଙ୍କ ସହାୟତାରେ ତାଳଚେର ଟାଉନ ସ୍ଥିତ ଚମ୍ପାପଶି ରୋଡ୍‌ରେ ଥିବା ମିଶନ ଆଶ୍ରମରେ ଭର୍ତ୍ତି କରାଯାଇଥିଲା। ଏହି ମହିଳା ଜଣଙ୍କର ପ୍ରକୃତ ଠିକଣା ଜଣାପଡ଼ିନଥିବା ବେଳେ ସେ କାହାକୁ କ'ଣ କୁହନ୍ତି ତାହା ବୁଝି ପଡ଼ିନଥାଏ। କେବଳ ସେ ଛକମାନଙ୍କରେ ଚୁପଚାପ୍ ହୋଇ ଘଣ୍ଟାଘଣ୍ଟା ଧରି ଛିଡ଼ା ହୋଇ ରହିଥାନ୍ତି ଏବଂ କିଛି ନକହି ଠଉରାଇବା ଭଳି ଆଚରଣ କରିଥାନ୍ତି। ପ୍ରକାଶ, ମିଶନ ଆଶ୍ରାରେ ଏପରି ମାନସିକ ବିକାରଗ୍ରସ୍ତ ବେସାହାରା ଅସହାୟ ମହିଳାମାନଙ୍କୁ ସଂସ୍ଥା ପକ୍ଷରୁ ରଖି ସେବା କରାଯାଇଥାଏ। ମିଶନ ଆଶ୍ରମରେ ପକ୍ଷରୁ ସେମାନଙ୍କର ସ୍ୱାସ୍ଥ୍ୟଗତ ପରୀକ୍ଷା, ନିରୀକ୍ଷା କରାଯିବା ପରେ ସେମାନଙ୍କୁ ସଂସ୍ଥା ପକ୍ଷରୁ ଔଷଧ, ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥାଏ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ମାର୍ଶାଘାଇ,୧୧।୫/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ମାର୍ଶାଘାଇ ସ୍ଥିତ ଜଳସେଚନ ବିଭାଗ ଡାକ ବଙ୍ଗଳାଠାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାଗୁଡିକର ସମୀକ୍ଷା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ, କ୍ରୀଡା, ପାନୀୟଜଳ, ଦକ୍ଷତାବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ, ବିଦ୍ୟୁତ୍, ଶିଳ୍ପ ସହ ବିଭିନ୍ନ ବିଭାଗର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ



ଅବଗତ କରାଇଥିଲେ। ମନ୍ତ୍ରୀ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚାଲିଥିବା ପ୍ରକଳ୍ପଗୁଡିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର୍ ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକାଶ, ଆଜି ସକାଳେ ମନ୍ତ୍ରୀ ମହାକାଳପଡ଼ା ବ୍ଲକର ନୀଳକଣ୍ଠେଶ୍ୱର ମନ୍ଦିରଠାରେ ଆୟୋଜିତ 'ସୋମନାଥ ସ୍ୱାଭିମାନ ପର୍ବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ନିତି ଭାରତୀ**

ପବନ ସବୁଠି ଥିଲେ ସୁଦ୍ଧା ଯେମିତି ତାକୁ ଅନୁଭବ କରିବା ପାଇଁ ପଙ୍ଖାଟିଏ ଦରକାର, ଠିକ୍ ସେମିତି ଈଶ୍ୱର ସର୍ବବିଦ୍ୟମାନ ହୋଇଥିଲେ ସୁଦ୍ଧା ତାଙ୍କୁ ପୂଜା କରିବା ପାଇଁ ମନ୍ଦିରଟିଏ ତୋଳାଯାଏ । **- ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN
ମଙ୍ଗଳବାର, ୧୨ ମେ' ୨୦୨୬

# ରାଜନୀତିର ଅପରାଧୀକରଣ



ବୃହସ୍ପତି ସାମଲ

ଲୋକତାନ୍ତ୍ରିକ ସୁଧାର ସଂଘ (ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍-ଏଡିଆର) ଦ୍ୱାରା ପଶ୍ଚିମବଙ୍ଗ ବିଧାନସଭାର ନବନିର୍ବାଚିତ ବିଧାୟକମାନଙ୍କ ଉପରେ ପ୍ରକାଶିତ ସର୍ବଶେଷ ରିପୋର୍ଟ ଭାରତୀୟ ଲୋକତନ୍ତ୍ର ପାଇଁ ରାଜନୀତିର ଅପରାଧୀକରଣକୁ ସବୁଠାରୁ ଗୁରୁତର ବିପଦ ଭାବେ ପୁଣିଥରେ ଉଜାଗର କରିଛି । ଏହି ରିପୋର୍ଟ ଅନୁସାରେ, ପଶ୍ଚିମବଙ୍ଗର ନବ ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ ପ୍ରାୟ ୬୫ ଶତାଂଶ ନିଜ ବିରୋଧରେ ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି ଏବଂ ୫୮ ଶତାଂଶ ବିଧାୟକ ହତ୍ୟା, ହତ୍ୟାର ପ୍ରଚେଷ୍ଟା, ମହିଳାଙ୍କ ବିରୋଧରେ ଅପରାଧ ଓ ଦୁର୍ନୀତି ପରି ଗୁରୁତର ଅପରାଧିକ ମାମଲାରେ ଜଡ଼ିତ ଅଛନ୍ତି । ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କର ସଂସଦ ଓ ବିଧାନସଭାରେ ବୃଦ୍ଧି ସାମ୍ବିଧାନିକ ନୈତିକତାକୁ ଦୁର୍ବଳ, ଲୋକଙ୍କ ବିଶ୍ୱାସକୁ କ୍ଷୀଣ ଏବଂ ଆଇନର ଶାସନକୁ ଅବମୂଲ୍ୟାୟନ କରିବା ସହ ଲୋକତାନ୍ତ୍ରିକ ଉତ୍ତରଦାୟିତ୍ୱକୁ କ୍ଷତିଗ୍ରସ୍ତ କରୁଛି । ଏହି ଚିନ୍ତାଜନକ ପ୍ରବୃତ୍ତି କେବଳ ଗୋଟିଏ ରାଜ୍ୟରେ ସୀମିତ ନୁହେଁ । ଗତ ଦୁଇ ଦଶକ ଧରି ଏହା ସାରା ଦେଶରେ ଧୀରେ ଧୀରେ ମଜଭୁତ ହେଉଥିବା ଏକ ଲୋକତାନ୍ତ୍ରିକ ସଙ୍କଟର ପ୍ରତିଫଳନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ବିରୋଧାଭାସ ।

୨୦୦୦ ମସିହା ପରଠାରୁ ରାଜନୀତିର ଅପରାଧୀକରଣ ନିରନ୍ତର ଭାବେ ବୃଦ୍ଧି ପାଇଛି । ଏଡିଆର ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁସାରେ, ୨୦୨୪ ଲୋକସଭା ନିର୍ବାଚନରେ ୫୪୩ ଜଣ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୨୫୧ ଜଣ, ଅର୍ଥାତ୍ ପ୍ରାୟ ୪୬ ଶତାଂଶ ନିଜ ଘୋଷଣାନାମାରେ ଅପରାଧିକ ମାମଲାରେ ଜଡ଼ିତ ଥିବା ଘୋଷଣା କରିଥିଲେ । ତା'ଠାରୁ ଅଧିକ ଭୟଙ୍କର କଥା ହେଲା, ୧୭୦ ଜଣ ସାଂସଦ ହତ୍ୟା, ହତ୍ୟାର ପ୍ରଚେଷ୍ଟା, ଅପହରଣ, ଧର୍ଷଣ, ଦାଦାବଟି ଆଦାୟ, ସାମ୍ପ୍ରଦାୟିକ ହିଂସା ଏବଂ ମହିଳାଙ୍କ ବିରୋଧରେ ଅପରାଧ ପରି ଗୁରୁତର ମାମଲାରେ ଜଡ଼ିତ ଥିବା ଉଲ୍ଲେଖ କରିଥିଲେ । ଏହି ପ୍ରବୃତ୍ତି ବର୍ଷାଦିକ୍ରମେ ଭୟଙ୍କର ଭାବେ ବୃଦ୍ଧି ପାଇଛି । ୨୦୦୪ ମସିହାରେ ଲୋକସଭାର କେବଳ ୨୩ ଶତାଂଶ ସାଂସଦଙ୍କ ବିରୋଧରେ ଅପରାଧିକ ମାମଲା ଥିଲା । ୨୦୦୯ରେ ଏହା ୩୦ ଶତାଂଶରେ, ୨୦୧୪ରେ ୩୪ ଶତାଂଶରେ, ୨୦୧୯ରେ ୪୩ ଶତାଂଶରେ ଏବଂ ୨୦୨୪ରେ ୪୬ ଶତାଂଶରେ ପହଞ୍ଚିଛି । ଆଜି ଭାରତରେ ସଂସଦର ପ୍ରାୟ ଅର୍ଦ୍ଧାଂଶ ଏମିତି ବ୍ୟକ୍ତିମାନଙ୍କରେ ପୂର୍ଣ୍ଣ, ଯେଉଁମାନେ ଅପରାଧିକ ଅଭିଯୋଗରେ ଛନ୍ଦି ହୋଇଛନ୍ତି । ବିଭିନ୍ନ ରାଜ୍ୟର ବିଧାନସଭାର ସ୍ଥିତି ତ ଏହାଠାରୁ ଆହୁରି ଖରାପ । ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, କେରଳ ଓ ପଶ୍ଚିମବଙ୍ଗ ପରି ରାଜ୍ୟଗୁଡ଼ିକରେ ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରେ ଅପରାଧିକ ପୃଷ୍ଠଭୂମି ଥିବା ପ୍ରତିନିଧିଙ୍କ ସଂଖ୍ୟା ଅତ୍ୟନ୍ତ ଅଧିକ । କେତେକ ବିଧାନସଭାରେ ତ ଅର୍ଦ୍ଧାଧିକ ପ୍ରତିନିଧି ଅପରାଧିକ ମାମଲାରେ ଜଡ଼ିତ । ବିଶେଷକରି ମହିଳାଙ୍କ ବିରୋଧରେ ଅପରାଧ ସମ୍ବନ୍ଧୀୟ ମାମଲାଗୁଡ଼ିକ ଅତ୍ୟନ୍ତ ଚିନ୍ତାଜନକ । ଏଡିଆରର ୨୦୨୪ ରିପୋର୍ଟ ଅନୁସାରେ, ବର୍ତ୍ତମାନର ସାଂସଦ ଓ ବିଧାୟକମାନଙ୍କ ମଧ୍ୟରୁ ୧୫୧ ଜଣ ମହିଳାଙ୍କ ବିରୋଧରେ ଅପରାଧ ସମ୍ବନ୍ଧୀୟ ମାମଲାରେ ଜଡ଼ିତ ଥିବା ଘୋଷଣା କରିଛନ୍ତି, ଯାହା ମଧ୍ୟରୁ ଅନେକଙ୍କ ବିରୋଧରେ ଧର୍ଷଣ ଅଭିଯୋଗ ମଧ୍ୟ ରହିଛି । ଏହିପରି ତଥ୍ୟ ଭାରତୀୟ ଲୋକତନ୍ତ୍ରର ନୈତିକ ଓ ସାମ୍ବିଧାନିକ ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନ ଉଠାଏ ।

ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କର ନିର୍ବାଚନରେ ସଫଳତା କୌଣସି ଆକସ୍ମିକ ଘଟଣା ନୁହେଁ । ଏହା ନିର୍ବାଚନୀ ଓ ରାଜନୈତିକ ବ୍ୟବସ୍ଥାର ଗଭୀର ଗଠନାତ୍ମକ ବିକୃତିର ଫଳ । ଆଜି ରାଜନୈତିକ ଦଳଗୁଡ଼ିକ ନୈତିକତା କିମ୍ବା ସାମ୍ବିଧାନିକ ମୂଲ୍ୟବୋଧଠାରୁ 'ଜିତିବାର କ୍ଷମତା'କୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଧନବଳ, ବାହୁବଳ, ଜାତିଆଣ ଓ ସ୍ଥାନୀୟ ପ୍ରଭାବ ଥିବା ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଦୃଷ୍ଟିରୁ ଲାଭଜନକ ବୋଲି ବିବେଚନା କରାଯାଉଛି । ଭାରତରେ ନିର୍ବାଚନ ଅତ୍ୟନ୍ତ ବ୍ୟୟବହୁଳ ହୋଇ ପଡ଼ିଛି, ଯାହା ଅପରାଧିକ ପୃଷ୍ଠଭୂମି ଥିବା ଧନୀ ବ୍ୟକ୍ତିମାନଙ୍କୁ ରାଜନୀତିରେ ପ୍ରବେଶ ପାଇଁ ସୁଯୋଗ ଦେଉଛି । ଏହା ସହିତ ସାମ୍ବିଧାନିକ ଦୁର୍ବଳତା ଓ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମନ୍ଥର ଗତି ଅଭିଯୁକ୍ତ ରାଜନେତାମାନଙ୍କୁ ବର୍ଷ ବର୍ଷ ଧରି ଦୋଷୀ ସାବ୍ୟସ୍ତ ନ କରି ନିର୍ବାଚନ ଲଢ଼ିବାର ସୁଯୋଗ ଦେଉଛି । ସମ୍ବିଧାନର ଧାରା ୮୪ ଓ ୧୭୩ ସଂସଦ ଓ ବିଧାୟକମାନଙ୍କ ଯୋଗ୍ୟତା ଏବଂ ଧାରା ୧୦୨ ଓ ୧୯୧ ଅଯୋଗ୍ୟତା ନିର୍ଦ୍ଧାରଣ କରେ । କିନ୍ତୁ ଏହି ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ବହୁ ଅଂଶରେ ସଂସଦ ପ୍ରଣୀତ ଆଇନ ଉପରେ ନିର୍ଭର କରେ । ଏହି ପ୍ରସଙ୍ଗରେ ଜନପ୍ରତିନିଧିତ୍ୱ ଆଇନ, ୧୯୫୧ ମୁଖ୍ୟ ଆଇନ ଭାବେ କାର୍ଯ୍ୟ କରେ, ଯାହାର ଧାରା ୮ ଅନୁସାରେ, ନିର୍ଦ୍ଦିଷ୍ଟ ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ ହିଁ ଅଯୋଗ୍ୟ ଘୋଷଣା କରାଯାଏ । ଫଇସଲା ଆଳରେ ବାରମ୍ବାର ତାରିଖ ପରିବର୍ତ୍ତନ, ଅପିଲ, ତଦନ୍ତ ପ୍ରକ୍ରିୟା ପ୍ରଭାବିତ, ସାକ୍ଷୀ ଭୟଭୀତ ତଥା ମାମଲା ମନ୍ଥର ହେବା ସହ ପ୍ରକ୍ରିୟାଗତ ଦୁର୍ବଳତା ଯୋଗୁଁ ଅପରାଧିକ ମାମଲାଗୁଡ଼ିକ ବର୍ଷ ବର୍ଷ ପର୍ଯ୍ୟନ୍ତ ଚାଲିଥାଏ । ଏହି ସମୟରେ ଅଭିଯୁକ୍ତମାନେ କୌଣସି ବାଧା ବନ୍ଧନ ବିନା ନିର୍ବାଚନରେ ଲଢ଼ି ବିଧାୟକ, ସାଂସଦ ଓ ମନ୍ତ୍ରୀ ହେଉଛନ୍ତି । ଅନେକ ସ୍ଥାନରେ ଦୁର୍ବଳ ଶାସନ ବ୍ୟବସ୍ଥା ଥିବାରୁ ଲୋକମାନଙ୍କ ମଧ୍ୟରେ ଏମିତି ଧାରଣା ମଧ୍ୟ ଗଢ଼ି ଉଠୁଛି ଯେ ସ୍ଥାନୀୟ 'ଶକ୍ତିଶାଳୀ' ନେତାମାନେ ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରି ପାରିବେ । ରାଜନୈତିକ ସ୍ୱାର୍ଥ, ନ୍ୟାୟିକ ବିଳମ୍ବ, ଧନବଳ ଓ ସାମାଜିକ ବିଭାଜନ ମିଶି ଅପରାଧମୂଳକ ରାଜନୀତି ପାଇଁ ଉର୍ବର ପରିବେଶ ସୃଷ୍ଟି କରିଛି ।

ମାନ୍ୟବର ସୁପ୍ରିମ୍‌କୋର୍ଟ ରାଜନୀତିର ଅପରାଧୀକରଣ ନେଇ ବାରମ୍ବାର ଗଭୀର ଚିନ୍ତା ପ୍ରକଟ କରିଥିଲେ ମଧ୍ୟ କଠୋର ଅଯୋଗ୍ୟତା ଆଇନର ବିରୋଧୀମାନେ ସାଧାରଣତଃ 'ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଅଭିଯୁକ୍ତ ନିର୍ଦ୍ଦୋଷ' ବୋଲି ଯେଉଁ ନ୍ୟାୟିକ ସିଦ୍ଧାନ୍ତ ରହିଛି, ତାହାକୁ ଆଗକୁ ଆଣନ୍ତି । ଏଫ୍‌ଆଇଆର୍ ରୁଜୁ ହେବା କିମ୍ବା ଚାର୍ଜସିଟ୍ ଦାଖଲ ହେବା ମାତ୍ରେ ଏମାନେ ଦୋଷୀ ବୋଲି ପ୍ରମାଣିତ ନ ହେବାରୁ ଅନାୟାସରେ ଟିକେଟ ପାଇ ନିର୍ବାଚନ ମଇଦାନକୁ ଡିଆଁ ମାରନ୍ତି । ଏହା ଅପରାଧିକ ନ୍ୟାୟ ବ୍ୟବସ୍ଥା ଓ ସାମ୍ବିଧାନିକ ସ୍ୱାଧୀନତାର ଏକ ମୂଳ ନୀତି ହେଲେ ବି ଲୋକତନ୍ତ୍ରରେ ବ୍ୟକ୍ତିଗତ ଅଧିକାର ସହିତ ବ୍ୟାପକ ସାର୍ବଜନୀନ ହିତ ଓ ସଂସ୍ଥାଗତ ସତ୍ୟନିଷ୍ଠାର ସନ୍ତୁଳନ ରକ୍ଷା କରିବା ମଧ୍ୟ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସରକାରୀ କର୍ମଚାରୀର କଥା ବିଚାର କରାଯାଇ ପାରେ । ସାଧାରଣ ସରକାରୀ ସେବାରେ ଗୁରୁତର ଅଭିଯୋଗ ହେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବା ପୂର୍ବରୁ ପ୍ରାଥମିକ ସ୍ତରରେ ସରକାରୀ କର୍ମଚାରୀଟିଏ ଚାକିରିରୁ ନିଲମ୍ବିତ ହୁଏ ଏବଂ ତଦନ୍ତ ଚାଲିଥିବା ସମୟରେ ମାସିକ ବେତନ ବଦଳରେ ନିଲମ୍ବନ ଭତ୍ତା ପାଇଁ ପଦୋନ୍ନତିରୁ ମଧ୍ୟ ବଞ୍ଚିତ ହୁଏ । କୁହାଯାଏ, ନିଲମ୍ବନ ଦଣ୍ଡାଦେଶ ନୁହେଁ । ସେହିଭଳି ନ୍ୟାୟାଧୀଶମାନେ ସନ୍ଦେହ ହେଲେ ନିଜେ ମାମଲାରୁ ଦୂରେଇ ରୁହନ୍ତି । କିନ୍ତୁ ଦେଶ ପାଇଁ ଆଇନ ତିଆରି କରୁଥିବା ଜନପ୍ରତିନିଧିମାନେ ସରକାରୀ କର୍ମଚାରୀ ଭଳି ବେତନ, ଭତ୍ତା ଓ ପେନ୍‌ସନ୍ ପାଉଥିଲେ ମଧ୍ୟ ଗୁରୁତର ଅପରାଧରେ ଅଦାଲତ ଦ୍ୱାରା ଚାର୍ଜ ଫ୍ରେମ୍ ହେଲା ପରେ ବି ପ୍ରଭାବିତ ନହେବା ଦୁଃଖଦାୟକ । ଏପରି ବ୍ୟକ୍ତିମାନଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରିବା କୌଣସି ଦଣ୍ଡ ନୁହେଁ; ବରଂ ଏହା ଲୋକତନ୍ତ୍ର ଓ ସାମ୍ବିଧାନିକ ନୈତିକତାକୁ ସୁରକ୍ଷିତ କରିବାର ଏକ ପ୍ରତିରକ୍ଷାମୂଳକ ବ୍ୟବସ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହିପରି ବ୍ୟବସ୍ଥାର ଦୁରୁପଯୋଗ ରୋକିବା ସହ ଲୋକତନ୍ତ୍ରକୁ ଅପରାଧିକ ପୃଷ୍ଠଭୂମି ଥିବା ଜନପ୍ରତିନିଧିଙ୍କ କବଳରୁ ସୁରକ୍ଷିତ କରିବା ପାଇଁ ଉପଯୁକ୍ତ ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ଏବେ ଅନିବାର୍ଯ୍ୟ ମନେହୁଏ । ଆଜି ଭାରତ ଏକ ବିପଜ୍ଜନକ ସାମ୍ବିଧାନିକ ବିରୋଧାଭାସର ସମ୍ମୁଖୀନ ହେଉଛି । ସମ୍ବିଧାନ ପ୍ରଣେତାମାନେ ସଂସଦ ଓ ବିଧାନସଭାକୁ ଜନନୈତିକତା, ସାମ୍ବିଧାନିକ ମୂଲ୍ୟବୋଧ ଓ ଲୋକତାନ୍ତ୍ରିକ ଦାୟିତ୍ୱର ପ୍ରତୀକ ଭାବେ କଳ୍ପନା କରିଥିଲେ । କିନ୍ତୁ ଆଜି ରାଜନୀତିରେ ଅପରାଧୀକରଣକୁ ସାଧାରଣ ଘଟଣା ଭାବେ ଗ୍ରହଣ କରାଯାଉଛି । ଯେତେବେଳେ ସଂସଦ ଓ ବିଧାନସଭାରେ ଅପରାଧିକ ମାମଲାରେ ଛନ୍ଦି ହୋଇଥିବା ପ୍ରତିନିଧିମାନଙ୍କ ସଂଖ୍ୟା ବଢ଼ି ଚାଲିଛି, ରାଜନୈତିକ ଦଳମାନେ ଖୋଲାଖୋଲି ଅପରାଧୀମାନଙ୍କୁ ଟିକେଟ୍ ଦେଉଛନ୍ତି, ଅପରାଧିକ ଅର୍ଥବଳ ଶାସନକୁ ପ୍ରଭାବିତ କରୁଛି, ଆଇନ ପ୍ରଣେତାମାନେ ନିଜ ବିରୋଧରେ ଚାଲୁଥିବା ତଦନ୍ତକୁ ପ୍ରଭାବିତ କରୁଛନ୍ତି ଏବଂ ନାଗରିକମାନେ ଲୋକତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ବିଶ୍ୱାସ ହରାଉଛନ୍ତି, ସେତେବେଳେ ଲୋକତନ୍ତ୍ର ସୁସ୍ଥ ରହି ପାରିବ ନାହିଁ । ଏହି ପରିସ୍ଥିତିରେ ଏକ ଦୃଢ଼ ସାମ୍ବିଧାନିକ ଓ ନିର୍ବାଚନୀ ସଂଶୋଧନର ଆବଶ୍ୟକତା ରହିଛି । ସମ୍ବିଧାନର ଧାରା ୧୦୨ ଓ ୧୯୧ରେ ସଂଶୋଧନ କରାଯାଇ ଏମିତି ବ୍ୟବସ୍ଥା କରାଯିବା ଉଚିତ, ଯାହାଦ୍ୱାରା ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ କାରାଦଣ୍ଡଯୋଗ୍ୟ ଗୁରୁତର ଅପରାଧରେ ଉପଯୁକ୍ତ ନ୍ୟାୟାଳୟ ଦ୍ୱାରା ଚାର୍ଜ ଫ୍ରେମ୍ ହୋଇଥିବା ପ୍ରାର୍ଥୀମାନଙ୍କୁ ଅସ୍ଥାୟୀ ଭାବେ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବ । ଏପରି ସଂଶୋଧନ 'ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ' ବୋଲି ଥିବା ନ୍ୟାୟିକ ସିଦ୍ଧାନ୍ତର ଉଲ୍ଲଙ୍ଘନ ହେବନାହିଁ, ବରଂ ଏହା କେବଳ ଲୋକତନ୍ତ୍ରର ପବିତ୍ରତା ଓ ସାମ୍ବିଧାନିକ ସତ୍ୟନିଷ୍ଠାର ବୃହତ୍ତର ସ୍ୱାର୍ଥରେ ସାର୍ବଜନୀନ ପଦବୀ ପାଇଁ ଯୋଗ୍ୟତାକୁ ନିୟନ୍ତ୍ରିତ କରିବ ।

ଏହା ସହିତ ଜନପ୍ରତିନିଧି ସମ୍ବନ୍ଧୀୟ ଅପରାଧିକ ମାମଲାର ତୁରନ୍ତ ଶୁଣାଣି ପାଇଁ ବିଶେଷ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରାଯିବା ଆବଶ୍ୟକ । ବିଳମ୍ବିତ ନ୍ୟାୟ ଏବେ ଲୋକତନ୍ତ୍ରକୁ ବଞ୍ଚିତ କରୁଥିବା ଏକ ଅସ୍ତ୍ରରେ ପରିଣତ ହୋଇଛି । ଗୁରୁତର ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କୁ ଲଗାତର ଟିକେଟ୍ ଦେଉଥିବା ରାଜନୈତିକ ଦଳମାନଙ୍କ ବିରୋଧରେ ଦଳର ସ୍ୱୀକୃତି ରଦ୍ଦ, କର ସୁବିଧା ପ୍ରତ୍ୟାହାର କିମ୍ବା ନିର୍ବାଚନୀ ଚିହ୍ନ ଉପରେ ପ୍ରତିବନ୍ଧକ ପରି କଠୋର ପଦକ୍ଷେପ ନିଆଯିବା ଉଚିତ । ପ୍ରାର୍ଥୀମାନଙ୍କ ଅପରାଧିକ ରେକର୍ଡକୁ ବାଲଟ୍ ପେପର, ନିର୍ବାଚନ କମିଶନର ୱେବ୍‌ସାଇଟ୍ ଓ ସାର୍ବଜନୀନ ବିଜ୍ଞାପନରେ ସ୍ପଷ୍ଟ ଭାବେ ପ୍ରଦର୍ଶନ କରାଯିବା ଦରକାର, ଯାହାଦ୍ୱାରା ଭୋଟରମାନେ ସଚେତନ ହୋଇ ସଠିକ୍ ନିଷ୍ପତ୍ତି ନେଇ ପାରିବେ । ନିର୍ବାଚନୀ ଅର୍ଥ ବ୍ୟବସ୍ଥାର ସଂଶୋଧନ ମଧ୍ୟ ଅତ୍ୟାବଶ୍ୟକ, କାରଣ ଅନିୟନ୍ତ୍ରିତ ନିର୍ବାଚନୀ ଖର୍ଚ୍ଚ ରାଜନୀତିରେ ଅପରାଧୀକରଣକୁ ବଢ଼ାଇ ଥାଏ । ସରକାରୀ ଭାବେ ନିର୍ବାଚନୀ ଅର୍ଥାୟନ, ନିର୍ବାଚନୀ ଖର୍ଚ୍ଚର କଠୋର ଯାଞ୍ଚ ଏବଂ ଏକ ଶକ୍ତିଶାଳୀ ନିରୀକ୍ଷଣ ବ୍ୟବସ୍ଥା ଆବଶ୍ୟକ । ସଂସଦ ଓ ବିଧାୟକମାନଙ୍କ ସମ୍ପୃକ୍ତ ଅପରାଧିକ ମାମଲାଗୁଡ଼ିକ ଉପରେ ସୁପ୍ରିମ୍‌କୋର୍ଟ ଏବଂ ଉଚ୍ଚ ନ୍ୟାୟାଳୟମାନଙ୍କର ନିୟମିତ ନ୍ୟାୟିକ ପର୍ଯ୍ୟବେକ୍ଷଣ ଜାଣିଶୁଣି କରା ଯାଉଥିବା ବିଳମ୍ବ ଏବଂ ପ୍ରକ୍ରିୟାଗତ ଦୁରୁପଯୋଗକୁ ଆହୁରି ପ୍ରତିରୋଧ କରି ପାରିବ ।

ଭାରତୀୟ ଲୋକତନ୍ତ୍ର କେବଳ ଏକ ନିୟମିତ ନିର୍ବାଚନ ଦ୍ୱାରା ତିଷ୍ଠି ରହି ପାରିବ ନାହିଁ । ଲୋକତନ୍ତ୍ର ପାଇଁ ନୈତିକ ବୈଧତା, ସଂସ୍ଥାଗତ ବିଶ୍ୱସନୀୟତା, ସାମ୍ବିଧାନିକ ନୈତିକତା ଓ ଜନବିଶ୍ୱାସ ମଧ୍ୟ ଅତ୍ୟାବଶ୍ୟକ । ଆଜିର ସବୁଠାରୁ ବଡ଼ ବିପଦ କେବଳ ଏତିକି ନୁହେଁ ଯେ ଅପରାଧୀମାନେ ରାଜନୀତିରେ ପ୍ରବେଶ କରୁଛନ୍ତି; ବରଂ ରାଜନୀତି ନିଜେ ଅପରାଧକୁ ସୁରକ୍ଷା ଦେବାର ଏକ ଯନ୍ତ୍ରରେ ପରିଣତ ହେଉଛି । ଯେତେବେଳେ ଆଇନ ଭଙ୍ଗକାରୀମାନେ ଆଇନ ପ୍ରଣେତା ହୋଇ ଯାଆନ୍ତି, ସେତେବେଳେ ଶାସନ ଓ ଦଣ୍ଡ ମୁକ୍ତି ମଧ୍ୟରେ ଥିବା ସୀମାରେଖା ଧୀରେ ଧୀରେ ନଷ୍ଟ ହୁଏ । ସମ୍ବିଧାନ ପ୍ରଣେତାମାନେ କେବେ ମଧ୍ୟ ସଂସଦ ଓ ବିଧାନସଭାକୁ ଗୁରୁତର ଅପରାଧରେ ଅଭିଯୁକ୍ତ ଲୋକମାନଙ୍କ ଆଶ୍ରୟସ୍ଥଳୀ ଭାବେ କଳ୍ପନା କରି ନଥିଲେ । ନିର୍ବାଚନୀ ବିଜୟ କେବେ ମଧ୍ୟ ଏକ ନୈତିକ ମୁକ୍ତିପତ୍ର ନୁହେଁ କିମ୍ବା ଜନମତ କେବେ ମଧ୍ୟ ସାମ୍ବିଧାନିକ ସତ୍ୟନିଷ୍ଠା ଓ ନୈତିକ ଉତ୍ତରଦାୟିତ୍ୱର ବିକଳ୍ପ ହୋଇ ପାରିବ ନାହିଁ । ତେଣୁ ଦେଶ ଯଦି ସାହସିକ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ରାଜନୀତିକୁ ପରିଷ୍କାର କରିବାର ପଦକ୍ଷେପ ନେଉନାହିଁ, ତେବେ ଅପରାଧୀକରଣ ଲୋକତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଭିତରୁ କ୍ଷୟ କରି ଚାଲିବ । ଏହି ଆହ୍ୱାନ ଏବେ କେବଳ ରାଜନୈତିକ ନୁହେଁ; ଏହା ସାମ୍ବିଧାନିକ, ପ୍ରତିଷ୍ଠାନଗତ ଓ ସଭ୍ୟତାଗତ ଅସ୍ତିତ୍ୱର ଏକ ପ୍ରଶ୍ନ । ଏକ ଶକ୍ତିଶାଳୀ ଲୋକତନ୍ତ୍ର ପାଇଁ କେବଳ ମୁକ୍ତ ନିର୍ବାଚନ ନୁହେଁ, ସ୍ୱଚ୍ଛ ଓ ନିଷ୍କଳଙ୍କ ପ୍ରତିନିଧିମାନେ ମଧ୍ୟ ଆବଶ୍ୟକ । ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ଏହା ନିର୍ଭର କରିବ ଯେ ଦେଶ ଏପରି ଏକ ବ୍ୟବସ୍ଥା ଗଢ଼ି ପାରିବ କି ନାହିଁ, ଯେଉଁଠାରେ ଆଇନ ପ୍ରଣେତାମାନେ ନିଜେ ଗୁରୁତର ଆଇନ ଉଲ୍ଲଙ୍ଘନର ସନ୍ଦେହରୁ ମୁକ୍ତ ରହିବେ ।

**ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର**
**ମୋ: ୯୪୩୭୦୨୨୬୬୯**

# ନୂଆ ମୁଖ୍ୟମନ୍ତ୍ରୀ-ନୂଆ ଆହ୍ୱାନ

ତାମିଲନାଡୁରେ ସି ଯୋଶେଫ୍ ବିଜୟ ଏବଂ ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଭାବରେ ନିଜ ନିଜ ରାଜ୍ୟର ଶାସନ ଭାର ସମ୍ଭାଳିବା କେବଳ ସରକାରରେ ଏକ ପରିବର୍ତ୍ତନକୁ ସୂଚୀତ କରୁନାହିଁ, ବରଂ ଉପରୋକ୍ତ ଦୁଇ ରାଜ୍ୟର ରାଜନୀତି କ୍ଷେତ୍ରରେ ଏକ ବଦଳକୁ ସୂଚୀତ କରୁଛି, ଯେଉଁ ରାଜ୍ୟ ଦୁଇଟି ସେମାନଙ୍କର ସାଂସ୍କୃତିକ ଇତିହାସ ଓ ପରିଚୟକୁ ନେଇ ଗର୍ବ ଅନୁଭବ କରିଥାନ୍ତି । ଶ୍ରୀଯୁକ୍ତ ବିଜୟ ହୁଏତ କୌଣସି କାରଣ ନଥାଇ ମୁଖ୍ୟମନ୍ତ୍ରୀ ଆସନରେ ଉପବେଶନ କରିବା ପାଇଁ ତାଙ୍କର ଯାତ୍ରାକୁ ତାମିଲନାଡୁର ରାଜ୍ୟପାଳଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ କଷ୍ଟକର ଅନୁଭବ କରିଥାଇ ପାରନ୍ତି, କିନ୍ତୁ ତାଙ୍କର ସେହି ଆସନରେ ଅଧିଷ୍ଠିତ ହେବା ବାସ୍ତବରେ ଦ୍ରାବିଡୀୟ ରାଜନୀତିରେ ଅଭ୍ୟସ୍ତ ରାଜନୀତିକ ଦଳମାନଙ୍କ ଦ୍ୱାରା ପ୍ରାୟ ଛଅ ଦଶନ୍ଧି ପର୍ଯ୍ୟନ୍ତ ଶାସିତ ହୋଇ ଆସିଥିବା ଶାସନର ଅନ୍ତ ଘଟାଇଛି । ଗତ ଛଅ ଦଶନ୍ଧି ପର୍ଯ୍ୟନ୍ତ ତାମିଲନାଡୁ ଦୁଇ ଗୋଟି ଦ୍ରାବିଡୀୟ ଦଳ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ଦ୍ୱାରା ଶାସିତ ହୋଇ ଆସିଛି; କଂଗ୍ରେସର ଶେଷ ମୁଖ୍ୟମନ୍ତ୍ରୀ ଏ ଭକ୍ତବତ୍ସଲମ୍ ୧୯୬୭ରେ ଗାଦି ପରିତ୍ୟାଗ କରିଥିଲେ । ଏହାର ସ୍ୱଳ୍ପ ସମୟ ପରେ ସର୍ବୋଚ୍ଚ ପଦରେ ଡିଏମ୍‌କେ ପିତାମହ ସିଏନ୍ ଆନ୍ନାଦୁରାଇ ଅଧିଷ୍ଠିତ ହେବା ସହିତ ଦ୍ରାବିଡୀୟ ଶାସନ ଆରମ୍ଭ ହୋଇଥିଲା । ଏହା ପରେ ଦ୍ରାବିଡୀୟ ଦଳଗୁଡ଼ିକ ବିଭାଜନଗୁଡ଼ିକର ସମ୍ମୁଖୀନ ହୋଇଥିଲା, ଯେଉଁଥିରୁ ପ୍ରମୁଖ ବିଭାଜନଟି ୧୯୭୨ରେ ଘଟିଥିଲା, ଯେତେବେଳେ ଫିଲ୍ମ ଷ୍ଟାର୍ ଏମଜି ରାମଚନ୍ଦ୍ରନ୍ ଦଳରୁ ଅଲଗା ହୋଇ ନିଜର ଏକ ଦଳ ଏଆଇଏଡିଏମ୍‌କେ ଗଠନ କରିଥିଲେ, ଯାହା ୧୯୭୭ରେ ନିର୍ବାଚନରେ ବିଜୟ ଲାଭ କରିଥିଲା । ଏହା ପରେ ପିଢ଼ି ପରେ ପିଢ଼ି ବଦଳି ଚାଲିଥିଲା, କିନ୍ତୁ ସରକାରଗୁଡ଼ିକ ଦ୍ରାବିଡୀୟ ନୀତିରେ ଶାସନ କରି ଚାଲିଥିଲେ । ଶ୍ରୀଯୁକ୍ତ ବିଜୟ ଘୋଷଣା କରି ସାରିଛନ୍ତି ଯେ ସେ ସେହି ସମାନ ନୀତିଗୁଡ଼ିକରୁ ତଥା ଇଭିଆର୍ ପେରିୟାର ଏବଂ ସିଏନ୍ ଆନ୍ନାଦୁରାଇଙ୍କ ଭଳି ନେତାମାନଙ୍କ ଜୀବନରୁ ପ୍ରେରଣା ଲାଭ କରିଛନ୍ତି । ସେ ମଧ୍ୟ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେ କାମରାଜଙ୍କ ପ୍ରତି ନିଜର ଗଭୀର ଶ୍ରଦ୍ଧା ଓ ସମ୍ମାନ ପ୍ରକଟ କରିଛନ୍ତି, ଯାହାଙ୍କର ଶାସନ କାଳକୁ ତାମିଲନାଡୁର ସମସାମୟିକ ଇତିହାସରେ ସୁବର୍ଣ୍ଣ ଯୁଗ ବୋଲି ଏବେ ସୁଦ୍ଧା କୁହାଯାଇଥାଏ ।

ନୂଆ ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ନିଜର ଏକ ଆର୍ଥିକ ନୀତି ପ୍ରସ୍ତୁତ କରି ନାହାନ୍ତି, ଆଉ ସେଥିପାଇଁ ସେ ଏକ ଶିଳ୍ପଭିତ୍ତିକ ରାଜ୍ୟ ତାମିଲନାଡୁ, ଯାହା ଭାରତର ଜିଡିପି କ୍ଷେତ୍ରକୁ ନଅ ପ୍ରତିଶତରୁ ଅଧିକ ଅବଦାନ ଦେଇଥାଏ, ତାକୁ କେଉଁ ପଥରେ ପରିଚାଳିତ କରିବାକୁ ଯାଉଛନ୍ତି, ତାହା ଦେଖିବାକୁ ବାକି ରହିଛି । ନିଜର ପ୍ରଥମ ଭାଷଣରେ ଶ୍ରୀଯୁକ୍ତ ବିଜୟ ଦୃଢ଼ କଣ୍ଠରେ ଦାବି କରିଛନ୍ତି ଯେ ସେ ଦ୍ରାବିଡୀୟ ଆନ୍ଦୋଳନର ବିଶେଷତ୍ୱ ସମୂହ ଭାବରେ ବିବେଚିତ 'ପ୍ରକୃତ ଧର୍ମନିରପେକ୍ଷତା ଏବଂ ସାମାଜିକ ନ୍ୟାୟ'କୁ ପ୍ରତିଫଳିତ କରୁଥିବା ଶାସନର ଏକ ମଡେଲକୁ କାର୍ଯ୍ୟରେ ଲଗାଇବେ । ସେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦୁର୍ନୀତିକୁ ସେ ପ୍ରଶ୍ରୟ ଦେବେନାହିଁ- ଏକ ଅବଗୁଣ, ଯାହା ସମଗ୍ର ରାଜ୍ୟକୁ ଦୁର୍ବଳ କରିଦେବା ଭଳି ଶକ୍ତ ପଞ୍ଝା ଭିତରେ କବଳିତ କରି ରଖିଛି । ସ୍ୱଳ୍ପ ରାଜନୀତିକ ବା ପ୍ରଶାସନିକ ଅନୁଭୂତିସମ୍ପନ୍ନ ଜଣେ ସିନେ ଅଭିନେତାରୁ ମୁଖ୍ୟମନ୍ତ୍ରୀ ପାଲଟି ଥିବା ବ୍ୟକ୍ତି ଆଠ କୋଟି ଜନସଂଖ୍ୟାବିଶିଷ୍ଟ ଏକ ରାଜ୍ୟର ଲୋକମାନଙ୍କର ଦୈନନ୍ଦିନ ଜୀବନକୁ କିପରି ପରିଚାଳନା କରୁଛନ୍ତି, ତାହା ଦେଖିବା ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ହେବ । ସେଥିପାଇଁ ସେ ହୁଏତ ତାଙ୍କର ପ୍ରଥମ ଉଦ୍‌ବୋଧନରେ ଶେଷ ବାକ୍ୟ ଭାବରେ 'ଆତ୍ମବିଶ୍ୱାସୀ ହୋଇଥିବା' କହିଥିଲେ ।

ଏବେ ଆସନ୍ତୁ ପଶ୍ଚିମବଙ୍ଗକୁ । ଦୀର୍ଘ ବର୍ଷର ତୃଣମୂଳ କଂଗ୍ରେସ ଶାସନର ଅବସାନ ଘଟି ଏବେ ଏହି ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ବିଜେପିର ଶାସନ । ଏହି ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବା ରାଜ୍ୟର ରାଜନୀତିକ ଇତିହାସ କ୍ଷେତ୍ରରେ ଏକ ନୂତନ ପରିଭାଷା ସୃଷ୍ଟି କରିବା ଭଳି ମୁହୂର୍ତ୍ତ, କାରଣ ମାତ୍ର ପାଞ୍ଚ ବର୍ଷ ପୂର୍ବେ ଏହା ସମ୍ପୃକ୍ତ ରାଜ୍ୟରେ ହିନ୍ଦୁତ୍ୱ ତରଙ୍ଗକୁ ପ୍ରବାହିତ କରିଥିଲା, ଯଦିଓ ଦେଶର ଅବଶିଷ୍ଟ ଭାଗରେ ଏହା ଉପରୋକ୍ତ ତରଙ୍ଗ ବଳରେ ଶାସନ କ୍ଷମତାରେ ରହି ସାରିଥିଲା । ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଜେପି ହୁଏତ ଏହାର ସର୍ବାଧିକ ଖରାପ କୌଶଳକୁ ବ୍ୟବହାର କରିଥାଇ ପାରେ- ଲୋକମାନଙ୍କୁ ଭାଗ ଭାଗ କରିବା ଏବଂ ସେମାନଙ୍କ ମଧ୍ୟରେ ରହିଥିବା ଫାଟକୁ ଅଧିକ ପ୍ରସାରିତ କରିବା, ଏପରିକି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କରିବା ଭଳି କାର୍ଯ୍ୟ ସମ୍ପାଦନ କରାଇ ପ୍ରଶାସନ ଉପରେ ଅଧିକାର ସାବ୍ୟସ୍ତ କରିବା ଇତ୍ୟାଦି । ପୁନଶ୍ଚ, ନିର୍ବାଚନ କମିଶନ ମଧ୍ୟ ଏହି କାର୍ଯ୍ୟକଳାପରେ ଏକ ସ୍ୱେଚ୍ଛାସେବୀ ଭାଗିଦାର ଥିବା ମଧ୍ୟ ଆଜିକା ଦିନରେ ଆଉ ଏକ ଲୁଚାଛପା କଥା ହୋଇ ରହିନାହିଁ: ସେମାନଙ୍କର କୌଣସି ଦୋଷ ନଥାଇ ମଧ୍ୟ ୨୭ ଲକ୍ଷ ଭୋଟର ସେମାନଙ୍କ ମତଦାନ କରିବାର ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରି ପାରି ଥିଲେ । ଲୋକମାନଙ୍କ ଗଣତାନ୍ତ୍ରିକ ଅଧିକାରଗୁଡ଼ିକର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିବା ନାଟକର ସମ୍ପୂର୍ଣ୍ଣ ଦୃଶ୍ୟକୁ ମଧ୍ୟ ଅବିଚଳିତ ଭାବରେ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ଦେଖି ଚାଲିଥିଲେ । ପ୍ରତ୍ୟେକ ଜିନିଷ ବିଜେପିର ରାଜନୀତିକ ଲକ୍ଷ୍ୟ ହାସଲ କରିବାର ଅବିଶ୍ରାନ୍ତ ଅନ୍ୱେଷଣ ପାଇଁ ଯଥାର୍ଥ ଥିବା ମନେ ହୋଇଥିଲା । ଏକଥା ଏକ ତଥ୍ୟ ଯେ ସର୍ବାଧିକ ଜନସଂଖ୍ୟା ଘନତ୍ୱ ଥିବା ଏକ ରାଜ୍ୟ ପଶ୍ଚିମବଙ୍ଗ ହେଉଛି ଏକ ସର୍ବାଧିକ ଅର୍ଥନୀତିକ ପଛୁଆ ରାଜ୍ୟ । ଏଭଳି ଏକ ଅବାଞ୍ଛନୀୟ ପରିସ୍ଥିତି ପାଇଁ କଂଗ୍ରେସ, କମ୍ୟୁନିଷ୍ଟ ଏବଂ ତୃଣମୂଳ କଂଗ୍ରେସକୁ ସାମୂହିକ ଭାବରେ ଦାୟୀ କରାଯାଇପାରେ । 'ଡବଲ ଇଞ୍ଜିନ୍' ସରକାର ଏହି ରାଜ୍ୟର ଭାଗ୍ୟକୁ ବଦଳାଇ ପାରିବ କି ?

# ଗୁରୁଦେବ ଓ ଗୀତାଞ୍ଜଳି



ପ୍ରମୋଦ କୁମାର ପଣ୍ଡା

ସର୍ବବିଦ୍ୟା ବିଶାରଦ ରବୀନ୍ଦ୍ରନାଥ ଟାଗୋର ୧୮୬୧ ମସିହା ମେ' ମାସ ସାତ ତାରିଖ ଦିନ କଲିକତାସ୍ଥିତ ନିଜ ପୈତୃକ ବାସଭବନ ଜୋରସାଙ୍କୋ ଠାକୁରବାଡ଼ିରେ ଜନ୍ମଗ୍ରହଣ କରିଥିଲେ । ଏକାଧାରରେ ସେ ଥିଲେ ଜଣେ ମହାନ କବି, ସାହିତ୍ୟିକ, ଦାର୍ଶନିକ, ଔପନ୍ୟାସିକ, ନାଟ୍ୟକାର, ଚିତ୍ରକର ଓ ସଙ୍ଗୀତକାର । ଦାର୍ଶନିକ ପିତା ଦେବେନ୍ଦ୍ରନାଥ ଟାଗୋର ଓ ଗୃହିଣୀ ମାତା ଶାରଦା ଦେବୀଙ୍କର ସେ ଚତୁର୍ଦ୍ଦଶ ତଥା ଅନ୍ତିମ ସନ୍ତାନ । ପିଲାଦିନରୁ ପାରମ୍ପରିକ ଘୋଷାପାଠ ପ୍ରତି ତାଙ୍କର ଆଦୌ ରୁଚି ନଥିଲା । ତେଣୁ ସେ ତାଙ୍କ ବାଲ୍ୟକାଳ ଶିକ୍ଷା ଘରେ ପ୍ରାପ୍ତ କରିଥିଲେ । ୧୯୭୮ ମସିହାରେ ବାରିଷ୍ଟରୀ ଶିକ୍ଷା ପାଇଁ ସେ ଇଂଲଣ୍ଡ ଯାତ୍ରା କରିଥିଲେ । କିନ୍ତୁ ସେଠାରୁ ସେ ବିନା ଡିଗ୍ରୀରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ସାହିତ୍ୟ ପ୍ରତି ତାଙ୍କର ଅନନ୍ତ ଅନୁରାଗ ଥିଲା । ମାତ୍ର ଆଠ ବର୍ଷ ବୟସରୁ ସେ ସାରଗର୍ଭକ କବିତା ଲେଖିବା ଆରମ୍ଭ କରିଥିଲେ । ୧୯୦୧ ମସିହାରେ ସେ ବଙ୍ଗଳାର ବୋଲପୁର ନିକଟରେ ଏକ ସ୍କୁଲ ସ୍ଥାପନ କଲେ- ଶାନ୍ତିନିକେତନ, ଯାହା ସମ୍ପ୍ରତି ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ରୂପେ ସୁପରିଚିତ । କେବଳ ଭାରତ ନୁହେଁ, ଆନ୍ତର୍ଜାତିକ ଖ୍ୟାତି ଅର୍ଜିତ । ମହିମାମଣ୍ଡିତ ।

ରବୀନ୍ଦ୍ରନାଥ ଟାଗୋର ଗୁରୁଦେବ ଭାବେ ଖ୍ୟାତ । ଗୁରୁ ଅର୍ଥ ଶିକ୍ଷକ କିମ୍ବା ମାର୍ଗଦର୍ଶକ । ଏହି ଉପାଧି ତାଙ୍କୁ ଜାତିର ଜନକ ପରମ ପୂଜ୍ୟ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଦତ୍ତ । ମହାତ୍ମା ଗାନ୍ଧୀ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ମଧ୍ୟରେ ମଧୁର ସମ୍ପର୍କ ଥିଲା । ଗାନ୍ଧିଜୀଙ୍କୁ ମହାତ୍ମା ଉପାଧି ଗୁରୁଦେବ ନିଜେ ପ୍ରଦାନ କରିଥିଲେ । ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରଚଣ୍ଡ ସାହିତ୍ୟିକ ଓ ଆଧ୍ୟାତ୍ମିକ ଜ୍ଞାନ, ଶାନ୍ତିନିକେତନରେ ନବାଚାର, ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଅଭିନବ ପ୍ରୟୋଗ ଏବଂ ବଙ୍ଗାଳୀ ସାହିତ୍ୟ ଓ କଳାରେ ତାଙ୍କର ଅସୀମ ଯୋଗଦାନ ଗୁରୁଦେବ ଉପାଧିକୁ ପୂର୍ଣ୍ଣତଃ ଯୁକ୍ତିଯୁକ୍ତ ସିଦ୍ଧ କରେ ।

ସାହିତ୍ୟ ସାଧକ ରବୀନ୍ଦ୍ରନାଥ ଟାଗୋର ଥିଲେ କବିତା ପ୍ରିୟ । ମୂଳ ବଙ୍ଗଳା ଭାଷାରେ ରଚିତ ଓ ୧୯୧୦ ମସିହାରେ ପ୍ରକାଶିତ 'ଗୀତାଞ୍ଜଳି' ତାଙ୍କର କାଳଜୟୀ କୃତୀ । ସାହିତ୍ୟ ଜଗତକୁ ଅନବଦ୍ୟ ଅବଦାନ । ୧୫୭ ବିଶିଷ୍ଟ କବିତା ଗୁଚ୍ଛର ସମାହାର, ସଂଗ୍ରହ । ଦୁଇଟି ଶବ୍ଦ 'ଗୀତ' ଏବଂ 'ଅଞ୍ଜଳି'ର ସମାହାରରେ ସୃଷ୍ଟ 'ଗୀତାଞ୍ଜଳି' ଅର୍ଥ ଗୀତର ଉପହାର । ସାମାନ୍ୟ ଚକ୍ଷୁକୁ ସାଧାରଣ ପରିଦୃଶ୍ୟ ହେଉଥିବା ଏହି କବିତା ସଂଗ୍ରହ ସାଧାରଣ ନୁହେଁ, ଅସାଧାରଣ ଯାହା ଭାରତୀୟ ସାହିତ୍ୟ, ଦର୍ଶନ ଏବଂ ଆଧ୍ୟାତ୍ମିକତାକୁ ବିଶ୍ୱ ଦରବାରରେ ପରିଚିତ କରାଏ । ପ୍ରସିଦ୍ଧି ସାଉଁଟେ ।

ରବୀନ୍ଦ୍ରନାଥ ଟାଗୋର ସ୍ୱୟଂ ନିଜେ ନିଜ ମୂଳ ବଙ୍ଗାଳୀ ଭାଷାରେ ରଚିତ ଗୀତାଞ୍ଜଳିର ଇଂରାଜୀ ପଦ୍ୟାନୁବାଦ କରିଥିଲେ । ସୁପ୍ରତିଷ୍ଠିତ ଇଂରାଜୀ କବି ୱିଲିୟମ ବଟଲର ୟିଟସ୍ ଏହାର ଇଂରାଜୀ ସଂସ୍କରଣର ପ୍ରସ୍ତାବନା ଲିପିବଦ୍ଧ କରିଥିଲେ । ଗୀତାଞ୍ଜଳିର ଇଂରାଜୀ ସଂସ୍କରଣ 'ସଙ୍ଗ୍ ଅଫରିଙ୍ଗସ୍' ୧୯୧୨ ମସିହାରେ ଆତ୍ମପ୍ରକାଶ କରିଥିଲା । ଏହି ପ୍ରସିଦ୍ଧ ପ୍ରକାଶନ ପାଇଁ ୧୯୧୩ ମସିହାରେ ତାଙ୍କୁ ନୋବେଲ ସମ୍ମାନରେ ସମ୍ମାନିତ କରାଯାଇଥିଲା । ନୋବେଲ ପୁରସ୍କାର ପାଇବାରେ ରବୀନ୍ଦ୍ରନାଥ ଟାଗୋର ହେଉଛନ୍ତି ପ୍ରଥମ ଅଣୟୁରୋପୀୟ ନାଗରିକ । ଗୀତାଞ୍ଜଳି କାବ୍ୟ କୌଣସି କାହାଣୀ ଅଥବା କାଳ୍ପନିକ କବିତା ନୁହେଁ । ବରଂ ଏହା ରବୀନ୍ଦ୍ରନାଥ ଟାଗୋରଙ୍କ ଈଶ୍ୱର




ଅନୁଭୂତି ପର୍ଯ୍ୟବସିତ । ଆତ୍ମା ଓ ପରମାତ୍ମାଙ୍କ ଶାଶ୍ୱତ ମିଳନ, ପ୍ରେମ, ପ୍ରକୃତି ଏବଂ ମୃତ୍ୟୁ ପ୍ରତି ସମର୍ପଣର ଏକ ଆଧ୍ୟାତ୍ମିକ ଯାତ୍ରା ଅଟେ । କବି କବିତା ମାଧ୍ୟମରେ ଈଶ୍ୱରଙ୍କୁ ନିଜର ସଖା, ସହୋଦର, ପ୍ରେମୀ ରୂପେ ବର୍ଣ୍ଣନା କରିଛନ୍ତି । ଗୀତାଞ୍ଜଳିର କବିତା ମୁଖ୍ୟତଃ ମଧ୍ୟବର୍ତ୍ତୀକାଳୀନ ଭାରତୀୟ ଭକ୍ତି ଆନ୍ଦୋଳନ ଦ୍ୱାରା ପ୍ରେରିତ । ତାଙ୍କ କୃତ କବିତା ଗୁଚ୍ଛରେ ଈଶ୍ୱରଙ୍କ ପ୍ରତି ପ୍ରେମ, ସମର୍ପଣ ଓ ଆଧ୍ୟାତ୍ମିକ ବ୍ୟାକୁଳତାର ପ୍ରତିଚ୍ଛବି ପରିଲକ୍ଷିତ ହୁଏ । ଲୋକମତ ଅନୁସାରେ କବି ରବୀନ୍ଦ୍ରନାଥ ଟାଗୋର ଗୀତାଞ୍ଜଳିର ଅନେକ କବିତା ଶାନ୍ତିନିକେତନର ରମଣୀୟ ପ୍ରକୃତି କୋଳରେ ଅବସ୍ଥାନ କାଳରେ ଅଥବା ନୌକା ବିହାର ସମୟରେ ରଚନା କରିଥିଲେ । ତାଙ୍କ କବିତା ପାଠ କଲେ ମାନସିକ ଶାନ୍ତି ମିଳେ । ଈଶ୍ୱରଙ୍କ ସହିତ ଅପୂର୍ବ ମିଳନର ଅନୁଭୂତି ପ୍ରଦାନ କରେ । ଗୀତାଞ୍ଜଳି ଭକ୍ତି ସଙ୍ଗୀତର ସମାହାର ଭଳି ଅନୁଭୂତ ହେଲେ ସୁଦ୍ଧା ଏହା ମାନବୀୟ ପ୍ରେମ ଓ ସ୍ୱତନ୍ତ୍ରତା କାମନାର ନଶ୍ୱର ସ୍ୱର ଅଟେ ।

ରବୀନ୍ଦ୍ରନାଥ ଟାଗୋର ଭାରତର ରାଷ୍ଟ୍ରଗାନ 'ଜନ ଗଣ ମନ ଅଧିନାୟକ' ଏବଂ ବାଂଲାଦେଶର ରାଷ୍ଟ୍ରୀୟ ସଙ୍ଗୀତ 'ଆମାର ସୋନାର ବାଂଲା'ର ରଚୟିତା । ୧୯୧୫ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କୁ ନାଇଟହୁଡ୍ ଉପାଧି ପ୍ରଦାନ କରାଯାଇଥିଲା । କିନ୍ତୁ ୧୯୧୯ ମସିହା ଜାଲିଆନାୱାଲାବାଗ ହତ୍ୟାକାଣ୍ଡକୁ ବିରୋଧ କରି ସେ ତାଙ୍କୁ ମିଳିଥିବା ଉପାଧି ଫେରସ୍ତ କରି ଦେଇଥିଲେ । ୧୯୪୧ ମସିହା ଅଗଷ୍ଟ ମାସ ସାତ ତାରିଖ ଦିନ ତାଙ୍କ ପୈତୃକ ଘରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ୨୦୦୦ରୁ ଅଧିକ ଗୀତ (ରବୀନ୍ଦ୍ର ସଙ୍ଗୀତ), ଉପନ୍ୟାସ, ଲଘୁକଥା ଓ ନାଟକ ରଚନା କରିବା ସହିତ ଅନେକ ଚିତ୍ତାକର୍ଷକ ପେଣ୍ଟିଂ ଆଙ୍କିଛନ୍ତି ।

ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ବୌଦ୍ଧିକ, ସାଂସ୍କୃତିକ ଏବଂ ନୈତିକ ମାର୍ଗଦର୍ଶନର ଭୂମିକା ଅତୁଳନୀୟ । ୧୯୦୫ ମସିହା ବଙ୍ଗ ବିଭାଜନକୁ ବିରୋଧ କରି ସେ ସ୍ୱଦେଶୀ ଆନ୍ଦୋଳନକୁ ଗଭୀର ସମର୍ଥନ କରିଥିଲେ । ସଂକୀର୍ଣ୍ଣ ମନୋଭାବ ନୁହେଁ, ବିସ୍ତୃତ ଦୃଷ୍ଟିକୋଣ, ଅହିଂସକ ଆନ୍ଦୋଳନ, ଶୈକ୍ଷିକ ଉତ୍‌ଥାନ ଓ ବିଶ୍ୱ ବନ୍ଧୁତ୍ୱ ଭିତ୍ତିରେ ସେ ଦେଶ ସ୍ୱାଧୀନ ହେବାର ସ୍ୱପ୍ନ ଦେଖୁଥିଲେ । ହିନ୍ଦୁ-ମୁସଲିମ ବିଭାଜନକୁ ପ୍ରତିହତ କରିବା ପାଇଁ ଓ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ଏକତାର ଶକ୍ତ ରଜ୍ଜୁରେ ବାନ୍ଧି ରଖିବାକୁ ସେ ସତତଃ ପ୍ରୟାସ କରିଥିଲେ । ରକ୍ଷାବନ୍ଧନ ଭଳି ସାମାଜିକ ଉତ୍ସବର ପ୍ରଚଳନ କରିଥିଲେ ।

ସମଗ୍ର ଭାରତବର୍ଷରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ପ୍ରତି ବର୍ଷ ମେ' ମାସ ସାତ ତାରିଖ ଦିନ ପାଳିତ ହୁଏ । କିନ୍ତୁ ପଶ୍ଚିମବଙ୍ଗ ଓ ବାଂଲାଦେଶରେ ଏହା ୧୨୬୮ ବଙ୍ଗାଳୀ କ୍ୟାଲେଣ୍ଡରର ବୈଶାଖ ମାସ ପଞ୍ଚବିଂଶତି ଦିବସରେ ପାଳନ କରାଯାଇଥାଏ, କାରଣ ଗୁରୁଦେବ ଏହି ତିଥିରେ ଜନ୍ମଗ୍ରହଣ କରିଥିଲେ, ଯାହା ଇଂରାଜୀ କ୍ୟାଲେଣ୍ଡରର ୧୮୬୧ ମସିହା ମେ' ମାସରେ ପଡ଼େ । ତାରିଖ କିନ୍ତୁ ପ୍ରତି ବର୍ଷ ଭିନ୍ନ ହୋଇଥାଏ ।

ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କର ଅସାମାନ୍ୟ ପ୍ରତିଭା ସର୍ବଜନମାନ୍ୟ । ଭାରତୀୟ ସାହିତ୍ୟ, ସଂସ୍କୃତି, କଳା, ଦର୍ଶନ ଓ ଆଧ୍ୟାତ୍ମବାଦ କ୍ଷେତ୍ରରେ ତାଙ୍କ ବିଚାର ବିଶ୍ୱ ପ୍ରସିଦ୍ଧ । ଭାରତର ଶୈକ୍ଷିକ ଅଭିବୃଦ୍ଧି ଏବଂ ସାମାଜିକ ସମୃଦ୍ଧି ଆନୟନରେ ତାଙ୍କର ଯୋଗଦାନ ଅତୁଳନୀୟ । ଅବିସ୍ମରଣୀୟ । ସମଗ୍ର ବିଶ୍ୱ ତାଙ୍କୁ ସଦାକାଳ ପାଇଁ ମନେ ରଖିବ । ଗୁରୁଦେବ ଓ ତାଙ୍କ ଗୀତାଞ୍ଜଳି ଅମୃତର ସନ୍ତାନ ଓ ଅମୃତ କୃତୀ ହୋଇ ରହିବେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କୁ ଆମର କୋଟି ପ୍ରଣାମ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**
**ମୋ: ୭୯୭୮୨୮୩୧୯୦**

# ରଥ ଖଳାର ଇଷ୍ଟଦେବୀ



ସନ୍ତୋଷ କୁମାର ଦାଶ

ପୁରୀ ଶ୍ରୀକ୍ଷେତ୍ରର ରାଜନଅର ସମ୍ମୁଖରେ ପୂଜା ପାଉଛନ୍ତି ମା' ଚର୍ଚ୍ଚିକା ଠାକୁରାଣୀ । ମା' ହେଉଛନ୍ତି ରଥ ଖଳାର ଇଷ୍ଟଦେବୀ ଓ ରଥ ଖଳାର ରକ୍ଷାକର୍ତ୍ତ୍ରୀ । ମା' ଚର୍ଚ୍ଚିକା ଠାକୁରାଣୀଙ୍କ ବାମ ପାର୍ଶ୍ୱରେ ମା' ଚଣ୍ଡୀ, ଦକ୍ଷିଣ ପାର୍ଶ୍ୱରେ ମା' ଚାମୁଣ୍ଡା ଓ ନିକଟରେ ଶ୍ରୀହନୁମାନ ପୂଜା ପାଉଛନ୍ତି । ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ଖଳାରେ ଶ୍ରୀଜିଉମାନଙ୍କର ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ ଦୂରରେ ଦେବୀ ଚର୍ଚ୍ଚିକାଙ୍କ ପାଖରେ ରଥ ଖଳା ଅବସ୍ଥିତ । ଓଡ଼ିଆଙ୍କ ଆରାଧ୍ୟ ଦେବତା ତଥା ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ପାଇଁ ତିନୋଟି ରଥ ନିର୍ମାଣ କରାଯାଏ । ଦେବୀ ଚର୍ଚ୍ଚିକା ହେଉଛନ୍ତି ରଥ ନିର୍ମାଣର ଇଷ୍ଟଦେବୀ । ଶ୍ରୀନଅର ସମ୍ମୁଖରେ ଏହି ଦେବୀ ବିରାଜିତା । ତେଣୁ ସେହି ସ୍ଥାନରେ ରଥ ଖଳା କରାଯାଇ ରଥ ନିର୍ମାତା ବିଶ୍ୱକର୍ମା ଓ ସହଯୋଗୀ ମହାରଣାଙ୍କ ଦ୍ୱାରା ନିର୍ମାଣ କରାଯାଏ ଶ୍ରୀଜିଉଙ୍କ ରଥ । ଦେବୀ ଚର୍ଚ୍ଚିକାଙ୍କ କରୁଣାରୁ ଶାସ୍ତ୍ରୀୟ ବିଧିରେ ରଥ ନିର୍ମାଣ ସୁରୁଖୁରୁରେ ସଂପନ୍ନ ହେଇଥାଏ ବୋଲି ବିଶ୍ୱାସ ରହିଛି । ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥ ନିର୍ମାଣରେ ପ୍ରବୃତ୍ତ ହୋଇଥାନ୍ତି । ପ୍ରତ୍ୟେକ ରଥ ନିର୍ମାଣର ବିଶେଷ ବିଧି ରହି ଆସିଛି । ବିଶ୍ୱକର୍ମା ମହାରଣାମାନେ ପୈତୃକ ଗୃହରେ ଥିବା ମାପ, ନିର୍ମାଣ ଶୈଳୀ ଅନୁସାରେ ତିନି ରଥ ନିର୍ମାଣ କରିଥାନ୍ତି । ଅକ୍ଷୟ ତୃତୀୟାରେ ମା'ଙ୍କ ମନ୍ଦିର ଆଗରେ ରଥ କାଠ ଅନୁକୂଳ ହୋଇଥାଏ ଓ ଭଉଁରୀ ତିଥିରେ ଚକ ଡେରା ନୀତି କରା ଯାଇଥାଏ । ଅକ୍ଷୟ ତୃତୀୟା ଓ ଭଉଁରୀ ତିଥିରେ ରଥକୁ ଆଜ୍ଞାମାଳ ବିଜେ ପରେ ସେସବୁ ଆଜ୍ଞାମାଳକୁ ମା' ଚର୍ଚ୍ଚିକାଙ୍କୁ ଅର୍ପଣ କରା ଯାଇଥାଏ । ବିଶ୍ୱାସ ରହିଛି, ମା' ଚର୍ଚ୍ଚିକାଙ୍କ ଆଶୀର୍ବାଦରୁ ତିନି ରଥର ନିର୍ମାଣ ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ । ମା' ଚର୍ଚ୍ଚିକା ପୁରୀ ଶ୍ରୀକ୍ଷେତ୍ରରେ ପୂଜା ପାଉଥିବା ଅଷ୍ଟ ଚଣ୍ଡୀଙ୍କ ମଧ୍ୟରୁ ଅନ୍ୟତମ । ଜୟ ମା ଚର୍ଚ୍ଚିକା ।



**ତୁଳସୀପୁର, ପୁରୀ**
**ମୋ: ୯୪୩୯୩୬୧୮୮୮**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ରଥଯାତ୍ରା ପୂର୍ବରୁ ଗୁଣ୍ଡିଚା ବିହାର ନଳା ସଫେଇ ଦାବି ତେଜିଲା



**ପୁରୀ,୧୧।୫/ଏନ୍ଏନ୍ଏସ୍:** ପୁରୀ ସହରର ଗୁଣ୍ଡିଚା ବିହାର ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ନଳା ସଫେଇ ଦାବି ଜୋର ଧରିଛି। ରଥଯାତ୍ରା ସମୟରେ ଏହି ଅଞ୍ଚଳ ଭକ୍ତ ଓ ପର୍ଯ୍ୟଟକଙ୍କ କେନ୍ଦ୍ରବିନ୍ଦୁ ପାଲଟୁଥିବା ବେଳେ ଆଶ୍ରମ ଛକଠାରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ସଂଯୁକ୍ତ ହୋଇଥିବା ମୁଖ୍ୟ ନଳାଟି ପୋତି ହୋଇ ରହିବା ଫଳରେ ସମଗ୍ର ଅଞ୍ଚଳ ନଳାପାଣିରେ ଭାସୁଛି। ଅଭିଯୋଗ ଅନୁଯାୟୀ, ନବକଳେବର ବର୍ଷ ଏହି ନଳା ନିର୍ମାଣ ହେବା ପରଠାରୁ ଏହାକୁ ଥରୁଟିଏ ମଧ୍ୟ ସଠିକ୍ ଭାବେ ସଫା କରାଯାଇନାହିଁ। ଗତବର୍ଷ ପୌର ଅଧିକାରୀ ଅଭିମନ୍ୟୁ ବେହେରା ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେଇଥିଲେ ହେଁ ଅସମୟ ବର୍ଷା ଯୋଗୁଁ ତାହା ସଫଳ ହୋଇପାରିନଥିଲା। ବର୍ତ୍ତମାନ ଏହି ନଳାରେ ଅଣ୍ଟାଏ ଉଚ୍ଚର ପଙ୍କ ଜମି ରହିବା ସହ ଅଧିକାଂଶ ସ୍ଥାନରେ ସ୍ଲାବ୍ ନଥିବାରୁ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି।

## ପୌର କମିଶନରଙ୍କୁ ଭେଟିଲେ ଅଞ୍ଚଳବାସୀ

ଚଳିତ ବର୍ଷ ବର୍ଷାଦିନେ ରଥଯାତ୍ରା ପଡୁଥିବାରୁ ଘରେ ଘରେ ପାଣି ପଶିବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ନଳା ସଫେଇ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ମୁଖିଆ ଭଗବାନ ଦାଶଙ୍କ ନେତୃତ୍ୱରେ ବଦ୍ରି ମିଶ୍ର, ଅଶୋକ ମହାପାତ୍ର, ସୁରେନ୍ଦ୍ର ସାମନ୍ତରାୟ, ଅଶୋକ ରଥ, କୃତ୍ତିବାସ ଦାଶ, ରାଜକିଶୋର ମିଶ୍ର ଓ ଯୋଗେନ୍ଦ୍ର ସିଂହସାମନ୍ତ ପ୍ରମୁଖ ପୌର କମିଶନର ସ୍ନେହା ଅରଗୁଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସେମାନେ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରାଙ୍କ ସହ ଏହି ସମସ୍ୟା ଉପରେ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଅଞ୍ଚଳର ଦୂରାବସ୍ଥା ଅନୁଧ୍ୟାନ କରିବା ପାଇଁ କମିଶନର ଓ ଯୁଗ୍ମ କମିଶନର ଖୁବ୍ ଶୀଘ୍ର ଗୁଣ୍ଡିଚା ବିହାର ଗସ୍ତ କରନ୍ତୁ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ଡକ୍ଟର ବଦ୍ରି ମିଶ୍ର ଦାବି ରଖିଛନ୍ତି। ଏହି ଦାବି ପୂରଣ ନହେଲେ ଆଗାମୀ ଦିନରେ ଅସନ୍ତୋଷ ତେଜିବା ଆଶଙ୍କା ପ୍ରକାଶ ପାଇଛି।

# ପିଚୁକୁଳି ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ବୋଲଗଡ଼,୧୧।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପିଚୁକୁଳି ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା, ସଚେତନତା ସୃଷ୍ଟି ସହିତ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣାଣି ପାଇଁ ଏହି ଶିବିରର ଆୟୋଜନ କରାଯାଇଥିଲା। ବୋଲଗଡ଼ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡଃ ରତିକାନ୍ତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

## ୭୪ ଅଭିଯୋଗରୁ ୫୪ର ତତ୍କାଳ ସମାଧାନ

ଏହି ଶିବିରରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, ସାମାଜିକ ସୁରକ୍ଷା, ମିଶନ ଶକ୍ତି ଭଳି ପ୍ରାୟ ସମସ୍ତ ବିଭାଗ ଅଂଶଗ୍ରହଣ କରିଥିଲେ। ମୋଟ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୫୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବାକି ୨୦ଟି ଅଭିଯୋଗର ତଦନ୍ତ ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ, ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ କୁମାର ଗୁମାନସିଂହ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର କୁମାର ସାହୁ ଏବଂ ଏଡିଇଓ ପ୍ରତିଭା ମହାପାତ୍ର ପ୍ରମୁଖ ଏହି ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ବ୍ଲକ ମୁଖ୍ୟ କିରାଣୀ ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

# ରାସ୍ତାକଡ଼ରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର



**ଗଣିଆ,୧୧।୫/ଏନ୍ଏନ୍ଏସ୍:** ଗଣିଆ ଥାନା ଅନ୍ତର୍ଗତ ବାଲିସାହି-ଏରୁଣ୍ଡିପଥର ରାସ୍ତାକଡ଼ରୁ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଓ ଏଏସଆଇ ସାହା ଆଲାମ ଖାଁ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ଅବସ୍ଥାରେ ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ଡାହାଣ ହାତରେ 'ସଂଜୟ' ନାମକ ଏକ ଟାଟୁ ରହିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସମୟରେ ଖବର ପାଇ ଖଣ୍ଡପଡ଼ା ଥାନା ଅନ୍ତର୍ଗତ କନ୍ଧମିରିଗି ଗ୍ରାମର ଡଲି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟି ତାଙ୍କ ପୁଅ ସଞ୍ଜୟ ପ୍ରଧାନ (୧୮)ଙ୍କର ବୋଲି ଚିହ୍ନଟ କରିଛନ୍ତି। କେହି ଯୋଜନାବଦ୍ଧ ଭାବେ ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଡଲି ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ଖଣ୍ଡପଡ଼ା ଏସଡିପିଓ ସୁଦିପ୍ତ ସାହୁ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି। ଆସନ୍ତାକାଲି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କଲା ପରେ ହତ୍ୟାର ପ୍ରକୃତ କାରଣ ଓ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ମା'

# ବୀରତୁଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

## ରୋଗୀ ସେବା ବିପର୍ଯ୍ୟସ୍ତ, ସ୍ଥାୟୀ ନିଯୁକ୍ତି ଦାବିରେ ଗ୍ରାମବାସୀ

**ଗୋପ,୧୧।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଏକ ବର୍ଷ ହେବ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଅଞ୍ଚଳରେ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ନଥିବାରୁ ବୀରତୁଙ୍ଗ ସମେତ ଆଖପାଖ ୩୦ଟି ଗାଁର ପ୍ରାୟ ୧୫ ହଜାର ଜନସାଧାରଣ ମୌଳିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି କେବଳ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ଚାଲିଥିବା ବେଳେ ଜରୁରୀକାଳୀନ ଚିକିତ୍ସା, ପ୍ରସୂତି ସେବା ଓ ଶିଶୁ ଟିକାକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସାଧାରଣ ରୋଗର ଚିକିତ୍ସା ପାଇଁ ମଧ୍ୟ ଲୋକଙ୍କୁ ଏଠାରୁ ପ୍ରାୟ ୧୦ କିଲୋମିଟର ଦୂର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ରାତିଅଧିଆ ଜରୁରୀ ପରିସ୍ଥିତି ଉପୁଜିଲେ ଗରିବ ଲୋକମାନେ ଗାଡ଼ି ଭଡ଼ା କରି ବାହାରକୁ ଯିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଗତ ସପ୍ତାହରେ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ ପାଇଁ ପୁରୀ ନେବା ସମୟରେ ବାଟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଗକୁ ମୌସୁମୀ ଋତୁ ଆସୁଥିବାରୁ ଡାଇରିଆ ଓ ମ୍ୟାଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ରହିଛି, ଯାହା ଡାକ୍ତରଙ୍କ ଅନୁପସ୍ଥିତିରେ ଭୟାବହ ରୂପ ନେଇପାରେ ବୋଲି ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ତୁରନ୍ତ ବୀରତୁଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦେବା ପାଇଁ ସମାଜସେବୀ ତଥା ସେବକ ସଙ୍ଗଠନ ଫାଉଣ୍ଡେସନର ନିର୍ଦ୍ଦେଶକ ଆଲୋକ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।




# ବିଦ୍ୟାଳୟ ଖୋଲିଲା, ହେଲେ ପାଠ୍ୟପୁସ୍ତକର ଦେଖା ନାହିଁ

**କୁଆଁପାଳ,୧୧।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକରେ ସରକାରୀ ଶିକ୍ଷା ବ୍ୟବସ୍ଥାର ଚରମ ଅବହେଳା ସାମ୍ନାକୁ ଆସିଛି। ବିଦ୍ୟାଳୟଗୁଡ଼ିକ ଖୋଲିଥିଲେ ହେଁ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ମାଗଣା ପାଠ୍ୟପୁସ୍ତକ ଯୋଗାଇବାରେ ବିଫଳ ହୋଇଛନ୍ତି। ପୁସ୍ତକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଥିବା ବେଳେ ପ୍ରଶାସନିକ ଉଦାସୀନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ଛୁଟି ସମୟରେ ଅନ୍‌ଲାଇନ୍‌ରେ ପାଠ ପଢ଼ାଇବାକୁ ଯୋଜନା କରାଯାଉଥିବା ବେଳେ ପାଖରେ ବହି ନଥାଇ ପିଲାମାନେ କିଭଳି ପାଠ ପଢ଼ିବେ, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ପଞ୍ଚମ, ଅଷ୍ଟମ ଏବଂ ଦଶମ ଶ୍ରେଣୀରେ ବୋର୍ଡ ପରୀକ୍ଷା କରାଯାଉଥିବା ବେଳେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଠିକ୍ ଭାବେ ପାଠପଢ଼ା ହେଉନଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍କୁଲରେ ବିଷୟଭିତ୍ତିକ ଶିକ୍ଷକଙ୍କ ଅଭାବ ଯୋଗୁଁ ଶିକ୍ଷାଦାନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବିଗତ ସରକାରଙ୍କ ଅମଳରୁ ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଅଭାବରୁ ମାହାଙ୍ଗା ବ୍ଲକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି, ଯାହା ଫଳରେ ଅନେକ ବିଦ୍ୟାଳୟରେ ତାଲା ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନର ସରକାର ମଧ୍ୟ ଶିକ୍ଷା ବ୍ୟବସ୍ଥା ପ୍ରତି ଆବଶ୍ୟକ ଧ୍ୟାନ ଦେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ମାହାଙ୍ଗା ବ୍ଲକର ସମସ୍ତ ବିଦ୍ୟାଳୟକୁ ପାଠ୍ୟପୁସ୍ତକ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

## କଣ୍ଟିଲୋରେ ପ୍ରଭୁ ନୀଳମାଧବଙ୍କ ଭଉଁରୀ ଯାତ୍ରା

# ବିରାଟ ପଟୁଆରରେ ଚାପକୁ ବିଜେ କଲେ ଶ୍ରୀଜିଉ

**କଣ୍ଟିଲୋ,୧୧।୫/ଏନ୍ଏନ୍ଏସ୍:** ଆଦି କ୍ଷେତ୍ର କଣ୍ଟିଲୋରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପବିତ୍ର ଚନ୍ଦନ ଯାତ୍ରାର ଅନ୍ତିମ ପର୍ଯ୍ୟାୟ ତଥା ଭଉଁରୀ ଯାତ୍ରା ରବିବାର ଅତ୍ୟନ୍ତ ଆଡ଼ମ୍ବର ସହକାରେ ସମ୍ପନ୍ନ ହୋଇଯାଇଛି। ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ଦୈନନ୍ଦିନ ନୀତିକାନ୍ତି ଶେଷ ହେବା ପରେ ଚଳନ୍ତି ପ୍ରତିମା ପ୍ରଭୁ ଶ୍ରୀ ମଦନ ମୋହନ, ମା' ଲକ୍ଷ୍ମୀ, ସରସ୍ୱତୀ ଏବଂ ଶିବ-ପାର୍ବତୀ ସିଂହଦ୍ୱାର ଦୋଳବେଦୀ ନିକଟରେ ସୁସଜ୍ଜିତ ମଣି ବିମାନରେ ଆରୂଢ଼ ହୋଇଥିଲେ। ଏହାପରେ ଏକ ବିରାଟ ପଟୁଆରରେ ମହାପ୍ରଭୁ ଚାପ ପୋଖରୀ ଅଭିମୁଖେ ଗମନ କରିଥିଲେ। ଏହି ଶୋଭାଯାତ୍ରାରେ ନଦୀଆ କୀର୍ତ୍ତନ, ଘଣ୍ଟ, କାହାଳୀ, ଶଙ୍ଖ, ଢୋଲ ବାଦ୍ୟ ସାଙ୍ଗକୁ ଆଧୁନିକ ଶବ୍ଦ ଯନ୍ତ୍ରର ପ୍ରକମ୍ପନ ପରିବେଶକୁ ଉତ୍ସବମୁଖର କରିଥିଲା। ପଟୁଆରରେ ଅଘରୀ, ଘଣ୍ଟୁଆ ଦଳ, ନରକଙ୍କାଳ ନୃତ୍ୟ, ବାଡ଼ିଖେଳ ଏବଂ ଭବ୍ୟ ବାଣ ରୋଷଣୀ ସହ ଉଜ୍ଜ୍ୱଳ ଆଲୋକୀକରଣ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ଶ୍ରୀକ୍ଷେତ୍ର ପୁରୀର ନରେନ୍ଦ୍ର ପୋଖରୀ ଭଳି କଣ୍ଟିଲୋରେ ମଧ୍ୟ ଭଉଁରୀ ଚାପର ଦୃଶ୍ୟ ଖୁବ୍ ମନୋରମ ହୋଇଥିଲା। ବିଶେଷ କରି କଣ୍ଟିଲୋ ଯୁବଗୋଷ୍ଠୀଙ୍କ ଦ୍ୱାରା ନୂତନ ଭାବେ ଗଠିତ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରାୟ ୭-୮ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ଓ ଚିତ୍ତାକର୍ଷକ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିଲା। ଗ୍ରାମର କଳାକାର ପ୍ରଶାନ୍ତ କୁମାର ସାହୁଙ୍କ ନିଖୁଣ କଳାକୃତିକୁ ଦର୍ଶକମାନେ ବହୁ ପ୍ରଶଂସା କରିଥିଲେ। ସ୍ଥାନୀୟ ବିଧାୟକ, ନୟାଗଡ଼ ଜିଲ୍ଲାପାଳ ଏବଂ ଆରକ୍ଷୀ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ପରିଚାଳିତ ହୋଇଥିଲା। କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଏବଂ ସହକାରୀ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ସୂଚନା ମିଳିଛି। ପୂରା ଅଞ୍ଚଳ ଏହି ଭକ୍ତିମୟ ଓ ହୃଦୟସ୍ପର୍ଶୀ ପରିବେଶରେ ବିଭୋର ହୋଇଉଠିଥିଲା।

# ବ୍ରାଉନ୍‌ସୁଗର୍ ଜବତ, ୪ ଗିରଫ

**ଚିଲିକା,୧୧।୫/ଏନ୍ଏନ୍ଏସ୍:** ନାଚୁଣୀ ଥାନା ପୁଲିସକୁ ମାଦକ ଦ୍ରବ୍ୟ କାରବାର ବିରୋଧରେ ଏକ ବଡ଼ ଧରଣର ସଫଳତା ମିଳିଛି। ବ୍ରାଉନସୁଗର୍ ଚୋରା ଚାଲାଣ କରୁଥିବା ଅଭିଯୋଗରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୦ ଗ୍ରାମ ଓଜନର ବ୍ରାଉନ ସୁଗାର ଓ ବ୍ୟବହୃତ ଚାରିଚକିଆ ଯାନକୁ ଜବତ କରିଛି। ସୂଚନା ଅନୁଯାୟୀ, ୩ ଜଣ ଚାଲାଣକାରୀ ବ୍ରହ୍ମପୁରରୁ ଖୋର୍ଦ୍ଧା ଯାଇଥିଲେ ଏବଂ ସେଠାରେ ଆଉ ଜଣେ ବ୍ୟକ୍ତି ସେମାନଙ୍କ ସହ ସାମିଲ ହୋଇଥିଲେ। ଏହି ୪ ଜଣ ଗୋଟିଏ ଗାଡ଼ି ଯୋଗେ ଫେରୁଥିବା ନେଇ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କୁ ସୂଚନା ମିଳିଥିଲା। ଖବର ପାଇ ବାଲୁଗାଁ ଉପଖଣ୍ଡ ପୁଲିସ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ଏବଂ ନାଚୁଣୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଭୁତିଭୂଷଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପୁଲିସ ଦଳ ଗଠନ କରାଯାଇଥିଲା। ଉପ-ନିରୀକ୍ଷକ ମୋତିରାମ ଜାଲ୍ଲୀଙ୍କ ନେତୃତ୍ୱରେ ପୁଲିସ ଦଳ ୧୬ ନମ୍ବର ଜାତୀୟ ରାଜପଥ କଇଥପଲା ଛକଠାରେ ଛକି ରହିଥିଲେ। ସେହି ସମୟରେ ଏକ ଚାରିଚକିଆ ଯାନ (ଓଆର-୦୨-ଏଏନ-୬୪୦୯) ସେଠାରେ ପହଞ୍ଚିବା କ୍ଷଣି ପୁଲିସ ଗାଡ଼ିଟିକୁ ଅଟକାଇ ୪ ଜଣଙ୍କୁ କାବୁ କରିଥିଲା। ପରେ ସେମାନଙ୍କ ନିକଟରୁ ମାଦକ ଦ୍ରବ୍ୟ ଜବତ କରାଯାଇଥିଲା। ଏହି ସଂକ୍ରାନ୍ତରେ ନାଚୁଣୀ ଥାନା ପକ୍ଷରୁ ୧୬୯/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ସହକାରୀ ଉପ-ନିରୀକ୍ଷକ ଗଙ୍ଗାଧର ହେମ୍ବ୍ରମଙ୍କ ସମେତ କନେଷ୍ଟବଳ ଏ. ପୁରୀ, ପି. ବେହେରା ଓ ଗ୍ରାମରକ୍ଷୀ ପ୍ରସନ୍ନ ନାୟକ ସହଯୋଗ କରିଥିଲେ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ନୟାଗଡ଼,୧୧।୫/ଏନ୍ଏନ୍ଏସ୍:** ନୟାଗଡ଼ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରୀମାନଙ୍କ ପାଇଁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏ-୧ ଏବଂ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନଙ୍କୁ ସେମାନଙ୍କର ଅସାଧାରଣ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ପରୀକ୍ଷାରେ ବିଦ୍ୟାଳୟର ଛାତ୍ରୀ ବୈଭବି ଦିବ୍ୟଦର୍ଶିନୀ ମୋଟ ୫୪୪ ନମ୍ବର (୯୦.୬୬%) ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଏ-୨ ଗ୍ରେଡରେ ସଫଳତା ପାଇଥିବା ସ୍ମିତ ପ୍ରଜ୍ଞା ସାହୁ (୫୧୬ ନମ୍ବର), ଶୁଭଲକ୍ଷ୍ମୀ ପ୍ରଧାନ (୫୧୩ ନମ୍ବର) ଏବଂ ଧ୍ରିତି ମଧୁଲିକା (୫୧୧ ନମ୍ବର)ଙ୍କୁ ମଧ୍ୟ ଅତିଥିମାନେ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ କଠିନ ପରିଶ୍ରମ ଜାରି ରଖି ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀମାନଙ୍କ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅଭିଭାବକମାନଙ୍କୁ ମଧ୍ୟ ସେ ସାଧୁବାଦ ଜଣାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀବାନି ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

# ଲକ୍ଷାଧିକ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ ଅଧପନ୍ତରିଆ

**ନୟାହାଟ,୧୧।୫/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ପାଇକସାହିଠାରେ ସରକାରୀ ଅନୁଦାନରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ପ୍ରଶାସନିକ ଅବହେଳା ଯୋଗୁଁ ଏବେ ଭୂତକୋଠିରେ ପରିଣତ ହୋଇଛି। ପ୍ରାୟ ୪ ବର୍ଷ ତଳେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଏବେ ଅଧା ନିର୍ମିତ ଅବସ୍ଥାରେ ପଡ଼ିରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଅଧାଗଢ଼ା ଘର ଭିତରେ ବଡ଼ ବଡ଼ ଗଛ ଉଠି ସାପ ଓ ଅନ୍ୟାନ୍ୟ ବିଷାକ୍ତ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଅଭିଯୋଗ ହେଉଛି ଯେ, ସଂପୃକ୍ତ କାର୍ଯ୍ୟର ଠିକାଦାର ନିଜ ବିଲ୍ ପାଇ ସାରିଥିଲେ ମଧ୍ୟ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନକରି ଅଧାରୁ ଛାଡ଼ି ଦେଇଛନ୍ତି। ଏହି ସମ୍ପର୍କରେ ଗୋପ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଛବିରାଣୀ ସାହୁଙ୍କୁ ପଚାରିବାରୁ ସେ ଏ ବାବଦରେ କନିଷ୍ଠ ଯନ୍ତ୍ରୀ ଜାଣିଥିବେ କହି ନିଜ ଦାୟିତ୍ୱ ଏଡ଼ାଇ ଦେଇଛନ୍ତି। ଅପରପକ୍ଷରେ ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ କହିଛନ୍ତି ଯେ, ଏହି କାର୍ଯ୍ୟ ତାଙ୍କ ସମୟର ନୁହେଁ, ଏହା ପୂର୍ବତନ ସରପଞ୍ଚଙ୍କ ସମୟରେ ଆରମ୍ଭ ହୋଇଥିଲା। ଯଦି ଏହି ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ, ତେବେ ଏହା ପଞ୍ଚାୟତର ରାଜସ୍ୱ ବୃଦ୍ଧିରେ ସହାୟକ ହୋଇପାରନ୍ତା। ମାତ୍ର ପ୍ରଶାସନିକ ସମନ୍ୱୟ ଅଭାବରୁ ଏହି ବହୁମୂଲ୍ୟ ସରକାରୀ ସମ୍ପତ୍ତି ଏବେ ନଷ୍ଟ ହେବାକୁ ବସିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



# ବିଭିନ୍ନ ଶୈବପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'







**ଓଡ଼ଗାଁ,ଶରଣକୁଳ,୧୧।୫/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶରଣକୁଳ ଲଡୁବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଗୁଜରାଟର ସୋମନାଥ ମନ୍ଦିର ଉପଲକ୍ଷେ ଏକ ସ୍ୱତନ୍ତ୍ର 'ସୋମନାଥ ସ୍ମୃତି କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପୀ ପାଳନ କରାଯାଉଥିବା 'ସୋମନାଥ ସ୍ୱାଭିମାନ ପର୍ବ - ୧୦୦୦ ବର୍ଷର ଅଖଣ୍ଡ ବିଶ୍ୱାସ' ଅବସରରେ ସୋମବାର ଏହି ଭକ୍ତିପୂତ ବିଶାଳ ସମାବେଶର ଆୟୋଜନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଗୁଜରାଟର ସୋମନାଥ ମନ୍ଦିରର ମହାଦେବଙ୍କ ଦର୍ଶନ ଓ କୁମ୍ଭାଭିଷେକ ଆଦି ସମସ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ରଖିଥିବା ମୂଲ୍ୟବୋଧଭିତ୍ତିକ ବକ୍ତବ୍ୟ ପରେ ଅପରାହ୍ନ ୧ଟାରେ ଏହି ସିଧା ପ୍ରସାରଣ ଶେଷ ହୋଇଥିଲା। ଏହାପରେ ମନ୍ଦିର ପରିସରରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ପରିବେଷଣର ଭବ୍ୟ ଆୟୋଜନ ହୋଇଥିଲା। ଏହି ଅନନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସାମାଜିକ କର୍ମୀ ବିଭୁପ୍ରସାଦ ମହାପାତ୍ର ଏବଂ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବିଶାଳ ସମାବେଶରେ ଶରଣକୁଳ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା, ପୁରୁଷ, ବୃଦ୍ଧବୃଦ୍ଧା ଏବଂ ମନ୍ଦିରର ସେବାୟତମାନେ ଅଂଶଗ୍ରହଣ କରିଥିଲେ। ସୋମନାଥ ମହାଦେବଙ୍କ ହଜାରେ ବର୍ଷର ଗୌରବମୟ ଇତିହାସ ଓ ବିଶ୍ୱାସକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି।

● **ଆଠଗଡ଼:** ଗୁଜରାଟର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ବାବା ଧବଳେଶ୍ୱରଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'ର ସିଧା ପ୍ରସାରଣ କରାଯାଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ସୋମନାଥ ମନ୍ଦିରରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ବିଶେଷ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ବଡ଼ ପରଦା ମାଧ୍ୟମରେ ଏଠାରେ ପ୍ରସାରିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ମନ୍ଦିର ଚୂଡ଼ାରେ ବିଶେଷ ସମର୍ପଣ କରିଥିଲେ, ଯାହା ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଐତିହ୍ୟର ସୁରକ୍ଷା ଦିଗରେ ଏକ ସଶକ୍ତ ବାର୍ତ୍ତା ପ୍ରଦାନ କରିଛି। ସିଧା ପ୍ରସାରଣ ସମୟରେ ଧବଳେଶ୍ୱର ପୀଠ ପରିସର ଭକ୍ତିମୟ ଜୟଧ୍ୱନି ଓ 'ହର ହର ମହାଦେବ' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ କଟକ ଜିଲ୍ଲା ବିଜେପି ସଭାପତି ଶ୍ରୀ ରାମ ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଏବଂ ଆଠଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଶ୍ରଦ୍ଧାର ସହ ଦେଖିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ପୂଜାର୍ଚ୍ଚନାର ଏହି ଦୃଶ୍ୟ ଦେଖି ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ସରକାର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଥାନାରେ ପୁଲିସର 'ଷ୍ଟାଫ୍ ବ୍ରିଫିଂ' କାର୍ଯ୍ୟକ୍ରମ



**ବାଲେଶ୍ୱର, ୧୧।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ସୋମବାର 'ମର୍ଣ୍ଣିଂ ରୋଲ୍ କଲ୍' ବା 'ଷ୍ଟାଫ୍ ବ୍ରିଫିଂ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ଅଧିକ ସୁଧାର ଆଣିବା ଏବଂ ପୁଲିସ ବାହିନୀକୁ ସାଧାରଣ ଲୋକଙ୍କ ନିକଟତର କରିବା ଲକ୍ଷ୍ୟରେ ରାଜ୍ୟ ପୁଲିସ ପକ୍ଷରୁ ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ, ଥାନାର ସମସ୍ତ କର୍ମଚାରୀ ବ୍ରିଫିଂର ୨୪ ଘଣ୍ଟା ପୂର୍ବରୁ ସଂପୃକ୍ତ ଥାନା ଅଧୀନରେ ଘଟିଥିବା କିମ୍ବା ଘଟିବାକୁ ଥିବା କୌଣସି ଆଶଙ୍କାଜନକ ଗୁରୁତ୍ୱପୂର୍ଣ୍ଣ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରିବେ। ଏହାସହିତ ସେହିଦିନର ସମସ୍ତ କାର୍ଯ୍ୟକୁ କିଭଳି ଶୃଙ୍ଖଳିତ ଏବଂ ପ୍ରଭାବୀ ଢଙ୍ଗରେ ସମ୍ପାଦନ କରାଯାଇପାରିବ, ସେ ନେଇ ବୈଠକରେ ବ୍ୟାପକ ଆଲୋଚନା କରାଯାଉଛି। ଏହି ପ୍ରକ୍ରିୟା ପୁଲିସର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଥାନାରେ ଏହି କାର୍ଯ୍ୟକ୍ରମ ନିରନ୍ତର ଭାବେ ଜାରି ରହିବ ବୋଲି ସୂଚନା ମିଳିଛି।

# ଖଣ୍ଡାସାହିରେ ଶ୍ରୀ ରାଧାକୃଷ୍ଣ ଜିଉଙ୍କ ଓଲଟି ଚନ୍ଦନ ଯାତ୍ରା



**ସୋର, ୧୧।୫/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଖଣ୍ଡାସାହିସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜିଉଙ୍କ ପ୍ରସିଦ୍ଧ ଓଲଟି ଚନ୍ଦନ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ମନୋରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ବିଜେ କରାଯାଇଥିଲା। ଭଜନ କୀର୍ତ୍ତନ, ଢୋଲ ବାଦ୍ୟ ଓ ବାଣ ରୋଶଣି ସହ ଏକ ବିଶାଳ ଶୋଭାଯାତ୍ରା ମେଘମାଧବ ଓ କୋଦଣ୍ଡପୁର ଗ୍ରାମ ପରିକ୍ରମା କରି ମା' ମାଟିଆ ମଙ୍ଗଳା ପୋଖରୀ ନିକଟରେ ପହଞ୍ଚିଥିଲା। ସେଠାରେ ଠାକୁରଙ୍କୁ ପହଣ୍ଡି କରାଯାଇ ପୋଖରୀ ମଧ୍ୟରେ ପ୍ରସ୍ତୁତ ସୁସଜ୍ଜିତ ନାବରେ ବସାଯାଇଥିଲା। ବିଧି ଅନୁଯାୟୀ ୭ ଫେରା ନାବ ଚାପ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପୋଖରୀ ଚାରିପାଖରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଏହି ଯାତ୍ରାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ନିଆରା ପରମ୍ପରା। ଏଠାରେ ହିନ୍ଦୁ ଓ ମୁସଲିମ୍ ଉଭୟ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ମିଳିତ ଭାବେ ଚନ୍ଦନ ଯାତ୍ରାର ପରିଚାଳନା କରି ସାମ୍ପ୍ରଦାୟିକ ସଦ୍ଭାବନାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଭାପତି ଲମ୍ବୋଦର ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମଣ ପ୍ରସାଦ ବାରିକ, ଦୟାନିଧି ମହାଳିକ, ସେକ ଅବଦୁଲ, ସେକ ଆକବର, ସେକ ମୁନମୁନ, ରତିକାନ୍ତ ମହାଳିକ, ଶ୍ରୀକାନ୍ତ ବାରିକ, ରମାକାନ୍ତ ବାରିକ ଏବଂ ଶାରଦା ପ୍ରସନ୍ନ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। ମା' ମାଟିଆ ମଙ୍ଗଳା ଯୁବ ପରିଷଦର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ରାତି ତମାମ ଶ୍ରଦ୍ଧାଳୁଙ୍କ ଗହଳିରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା।

# ୧୦୦ ରକ୍ତବୀର ସମ୍ବର୍ଦ୍ଧିତ

**ବାଲେଶ୍ୱର, ୧୧।୫/ଏନ୍‌ଏନ୍‌ଏସ୍:** ସ୍ୱେଚ୍ଛାସେବୀ ସଙ୍ଗଠନ 'ଯୁବ ବାଲେଶ୍ୱର' ପକ୍ଷରୁ ବାଲେଶ୍ୱର ଓଟି ରୋଡ଼ସ୍ଥିତ ଉଦ୍ୟୋଗ ଭବନ ପରିସରରେ ଗତ ଶନିବାର ଏକ ଭବ୍ୟ 'ରକ୍ତବୀର ସେବା ସମ୍ମାନ ସମାରୋହ' ଆୟୋଜିତ ହୋଇଯାଇଛି। ଯୁବନେତା ସିମନ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ସମୟରେ ରକ୍ତଦାନ କିମ୍ବା ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୧୦୦ ଜଣ ଯୁବ ଯୋଦ୍ଧାଙ୍କୁ 'ରକ୍ତବୀର ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷ କରି କୋଭିଡ୍ ମହାମାରୀ, ବାହାନଗା ରେଳ ଦୁର୍ଘଟଣା ଏବଂ ଥାଲାସେମିଆ ରୋଗୀଙ୍କୁ ଜରୁରୀ ସମୟରେ ରକ୍ତ ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରକ୍ତବୀରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସମାରୋହରେ ପୂର୍ବତନ ସାଂସଦ ଙ୍କ ରବୀନ୍ଦ୍ର କୁମାର ଜେନା, ପୌରାଧକ୍ଷା ସବିତା ସାହୁ, କବି ପ୍ରଶାନ୍ତ ଦାସ, ରକ୍ତଦାତା ସଂଘ ସଭାପତି କମଲ ଚକ୍ରବର୍ତ୍ତୀ, ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ପ୍ରାକ୍ତନ ବ୍ରିଟ୍ ଅଧକ୍ଷ ଆଲୋକ କୁମାର ସାହୁ ଏବଂ ବିବିସିସି ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ଦାସ, ଅଜୟ ସାମଲ, ବାଦଲ ଦାସ, ଭାଗବତ ସାହୁ, ଅସିତ ଦାସ, ପ୍ରବୀର ଦାସ ଓ ଶ୍ରୀମନ୍ତ ମାଝୀ ଉପସ୍ଥିତ ରହି ରକ୍ତବୀରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆଗଧାଡ଼ିର ସମାଜସେବୀ ସାହିରୁଲ ହକ୍ ଏବଂ 'ସମ୍ବାଦ ଆମ ଓଡ଼ିଶା'ର ଉତ୍ତର ଓଡ଼ିଶା ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କୁ ସେମାନଙ୍କର ନିରନ୍ତର ସେବା ପାଇଁ 'ଆଜୀବନ ରକ୍ତବୀର' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ଏହି ପ୍ରୟାସକୁ ସାଧାରଣରେ ବହୁ ପ୍ରଶଂସା କରାଯାଇଛି।

# ବ୍ରାଉନ୍‌ସୁଗର୍ ଜବତ, ୨ ଗିରଫ



**ଧାମନଗର, ୧୧।୫/ଏନ୍‌ଏନ୍‌ଏସ୍:** ଧାମନଗର ବ୍ଲକ ଶହୀଦ ନଗର ଅଞ୍ଚଳରେ ଧୂଷୁରୀ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଦୁଇ ଯୁବକ ଖପରପଦା ଗ୍ରାମର ବିଚିତ୍ର ମାଝୀ (୩୭) ଏବଂ ଶ୍ରୀଗଙ୍ଗା ଗ୍ରାମର ଶତ୍ରୁଘ୍ନ ସେଠୀ (୧୯)ଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଆଜି ବିଚିତ୍ର ଏବଂ ଶତ୍ରୁଘ୍ନ ଶହୀଦ ନଗର ନିକଟସ୍ଥ ପଥରଡିହ ପଡ଼ିଆରେ ବ୍ରାଉନସୁଗାର ଧରି କୌଣସି ଅପରାଧିକ ଯୋଜନା କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଧୂଷୁରୀ ଥାନା ଏସଆଇ ସୁଜାତା ସାହୁ ସେଠାରେ ଚଢ଼ଉ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ୮.୨୦ ଗ୍ରାମର ଧଳା ଜହର ଜବତ କରିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ବେଆଇନ କାରବାର ସଂକ୍ରାନ୍ତରେ ଧୂଷୁରୀ ଥାନାରେ କେସ୍ ନମ୍ବର ୨୨୨/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଅଞ୍ଚଳରେ ନିଶା କାରବାର ରୋକିବା ଦିଗରେ ପୁଲିସର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବେତନଟୀ ରେଞ୍ଜରେ ଝାଡ଼ଖଣ୍ଡୀ ହାତୀପଲଙ୍କ ଉପଦ୍ରବ







**ବୈଶିଙ୍ଗା, ୧୧।୫/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜରେ ପୁଣି ଥରେ ବିଶାଳ ଝାଡ଼ଖଣ୍ଡୀ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। କିଛି ଦିନର ବ୍ୟବଧାନ ପରେ ହାତୀପଲ ଏହି ଅଞ୍ଚଳକୁ ଲେଉଟିଥିବା ବେଳେ ସେମାନଙ୍କ ଗତିବିଧି ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ଦିନ ବେଳେ ହାତୀପଲ ସଂରକ୍ଷିତ ଜଙ୍ଗଲରେ ଡେରା ପକାଉଥିବା ବେଳେ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ହାତୀମାନେ ବିଲରେ ପଶି ଖରାଟିଆ ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି ଏବଂ ଲୋକଙ୍କ ଘରଦ୍ୱାର ମଧ୍ୟ ଭାଙ୍ଗୁଛନ୍ତି। ଗତକାଲି ବିଳମ୍ବିତ ରାତି ପ୍ରାୟ ୧୦ଟା ସମୟରେ ମେର୍ଦା ପଞ୍ଚାୟତର ଦୁର୍ଗାପୁର ଦେଇ ଏକ ୬୦ ଟିକିଆ ହାତୀପଲ ଅଁଳା ପଞ୍ଚାୟତର ରାଇକମା ଗ୍ରାମରେ ପହଞ୍ଚିଥିଲେ। ସେଠାରେ କ୍ଷେତ୍ରମୋହନ ମହାନ୍ତ ନାମକ ଜଣେ ଚାଷୀ ଭାଗଚାଷ କରିଥିବା ୫ ମାଣ ଖରାଟିଆ ଧାନ ଜମିରୁ ପ୍ରାୟ ୪ ମାଣ ଫସଲକୁ ହାତୀପଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଏହାପରେ ହାତୀପଲ ବୈଦିପୁର ଅଭିମୁଖେ ଯାଇଥିବା ଚାଷୀ ପ୍ରକାଶ କରିଛନ୍ତି। ସେହିପରି ସେହି ରାତିରେ ମେର୍ଦା ପଞ୍ଚାୟତ ବର୍ତ୍ତନା ଉପକଣ୍ଠ ଆଳଦିଆ ଗ୍ରାମର ଶମ୍ଭୁଆ ମହାକୁଡ଼ଙ୍କ ଘର ଭାଙ୍ଗି ହାତୀପଲ ବ୍ୟାପକ ଉପଦ୍ରବ ଘଟାଇଛନ୍ତି। ବନ ବିଭାଗ ପକ୍ଷରୁ ନିୟୋଜିତ ଗଜସାଥୀମାନେ ଉପସ୍ଥିତ ଥିଲେ ହେଁ ଏତେ ବଡ଼ ହାତୀପଲକୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରଭାବିତ ଚାଷୀ ଓ ଗ୍ରାମବାସୀ ଦାବି କରିଛନ୍ତି।

# 'ମୟୂରଭଞ୍ଜ ଗାନ୍ଧୀ' ଶରତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ବାରିପଦା, ୧୧।୫/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ପ୍ରଜା ମଣ୍ଡଳ ଆନ୍ଦୋଳନର ପୁରୋଧା ତଥା 'ମୟୂରଭଞ୍ଜ ଗାନ୍ଧୀ' ଭାବେ ପରିଚିତ ସ୍ୱର୍ଗତ ଶରତ ଚନ୍ଦ୍ର ଦାସଙ୍କ ସ୍ମୃତି ରକ୍ଷା ନିମନ୍ତେ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଦାବି ଜୋର୍ ଧରିଛି। ବାରିପଦା ସହରରେ ଶରତ ଚନ୍ଦ୍ର ଦାସଙ୍କର ଏକ ଭବ୍ୟ ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନ ସହ ତାଙ୍କ ଦ୍ୱାରା ନିର୍ମିତ ମୟୂରଭଞ୍ଜ ସ୍ୱରାଜ ଆଶ୍ରମର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପାଣ୍ଠି ଯୋଗାଇ ଦେବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତ ସ୍ୱାଧୀନତା ପରେ ଏବଂ ଓଡ଼ିଶା ସହ ମିଶ୍ରଣ ପୂର୍ବରୁ ସ୍ୱାଧୀନ ମୟୂରଭଞ୍ଜ ରାଜ୍ୟର ପ୍ରଧାନମନ୍ତ୍ରୀ ଭାବେ ଶରତ ଚନ୍ଦ୍ର ଦାସ ଶାସନ ଭାର ଗ୍ରହଣ କରିଥିଲେ। ୧୯୪୮ ମସିହାରେ ସେ ରାଜ୍ୟ ବିଧାନ ପରିଷଦ ଗଠନ କରି ପ୍ରଜାମାନଙ୍କ ମତ ଅନୁଯାୟୀ ଶାସନ ପରିଚାଳନା କରୁଥିଲେ। ୧୯୪୮ ଅକ୍ଟୋବର ୧୭ରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ଏହା କେନ୍ଦ୍ରାଞ୍ଚଳ ଭାବେ ଶାସିତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ୧୯୪୯ ଜାନୁଆରୀ ୧ ତାରିଖରେ ଓଡ଼ିଶା ସହିତ ଏକ ଜିଲ୍ଲା ଭାବେ ମିଶିଥିଲା। ଏଭଳି ଜଣେ ମହାନ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମଞ୍ଚ ନିବେଦନ କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ପଣ୍ଡିତ ଭାଗବତ ପଣ୍ଡା, ଆଇନଜୀବୀ ସତ୍ୟନାରାୟଣ ସାହୁ, ନନ୍ଦଲାଲ ସିଂହ, ପିତାମ୍ବର ମଲ୍ଲିକ ଓ ଗୋଲୋକ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



## ସୋହଜଲ ବନ୍ଧରେ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ୧୦ ଲକ୍ଷ ମାଗିବା ଅଭିଯୋଗକୁ ଖଣ୍ଡନ



## ମୁହଁ ଖୋଲିଲେ ୪ ଅଭିଯୁକ୍ତ

**ଖଇରା, ୧୧।୫/ଏନ୍‌ଏନ୍‌ଏସ୍:** ଖଇରା ଥାନା ଅଧୀନ କେନ୍ଦୁବଦଳୀ ଗ୍ରାମର ସନାତନ ବାରିକଙ୍କ ପୁଅ ହେମନ୍ତଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଏବେ ନୂଆ ମୋଡ଼ ଆସିଛି। ସନାତନଙ୍କ ଅଭିଯୋଗକୁ ନେଇ ଅଭିଯୁକ୍ତମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ମୁହଁ ଖୋଲିବା ସହ ନିଜ ପକ୍ଷ ରଖିଛନ୍ତି। ପୁଲିସ ଏତଲାରେ ଅଭିଯୁକ୍ତ ଦର୍ଶାଯାଇଥିବା ହେମନ୍ତଙ୍କ ଶ୍ୱଶୁର ଶୁକଦେବ ପରିଡ଼ା, ଗତ ପଞ୍ଚାୟତ ନିର୍ବାଚନର ସରପଞ୍ଚ ପ୍ରାର୍ଥୀ ଜୟନ୍ତ ନାୟକ, ନିରାକାର ମାଝୀ, ନବ କିଶୋର ପରିଡ଼ା ଓ ମାୟାଧର କୁଅଁର ଏକ ସମ୍ବାଦଦାତା ସମ୍ମିଳନୀ ଜରିଆରେ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ହେମନ୍ତଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ସସ୍ମିତା ବାରିକ ନିର୍ଯାତନା ଅଭିଯୋଗ ଆଣିବା ପରେ ପ୍ରାୟ ୨୦ ଦିନ ତଳେ ଖଇରା ଥାନାରେ ଅଭିଯୋଗ ହୋଇଥିଲା। ଅମାରଗଡ଼ିଆ ଗ୍ରାମର ଶୁକଦେବଙ୍କ ନିମନ୍ତ୍ରଣ କ୍ରମେ ସେମାନେ ଏହି ପାରିବାରିକ ବିବାଦର ମଧ୍ୟସ୍ଥତା କରିଥିଲେ। ଦମ୍ପତି କିଭଳି ପୁଣି ଥରେ ଭଲରେ ସଂସାର କରିବେ, ସେଥିପାଇଁ ସେମାନେ ସମସ୍ତ ପ୍ରକାର ଚେଷ୍ଟା କରିଥିବା ଦାବି କରିଛନ୍ତି। ମାତ୍ର ଏହି ଘଟଣାକୁ ନେଇ ହେମନ୍ତ ସେମାନଙ୍କୁ ଫୋନରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନଙ୍କ ନାମରେ ୧୦ ଲକ୍ଷ ଟଙ୍କା ମାଗିବା ନେଇ ଥାନାରେ ହୋଇଥିବା ଅଭିଯୋଗ କିମ୍ବା ଭାଇରାଲ ହୋଇଥିବା ଭିଡିଓ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେମାନେ କହିଛନ୍ତି। ବରଂ ଏଭଳି ଭିଡିଓ ଅନ୍ୟ କୌଣସି ବ୍ୟକ୍ତିଙ୍କ ପ୍ରରୋଚନାରେ କରାଯାଇଥିବା ନେଇ ସେମାନେ ପାଲଟା ଅଭିଯୋଗ ଆଣିଛନ୍ତି। ଶ୍ୱଶୁର ଶୁକଦେବ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ହେମନ୍ତ ତାଙ୍କ ଝିଅକୁ ନିର୍ଯାତନା ଦେଉଥିବାରୁ ସେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସମସ୍ତେ ଝିଅ-ଜୋଇଁଙ୍କ ମଧ୍ୟରେ ମିଳାମିଶା ଚାହୁଁଥିବାରୁ ସେତେବେଳେ ମାମଲା ରୁଜୁ ହୋଇପାରିନଥିଲା। ପୁଲିସ ତଦନ୍ତ ଉପରେ ସେମାନଙ୍କର ଯଥେଷ୍ଟ ଭରସା ଅଛି ଏବଂ ସେମାନଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି।

**AFFIDAVIT**

By virtue of an affidavit sworn before (Executive Magistrate, Niali, dated 11/05/2026 I, Subash Chandra Sahoo, Address At-Ratanpur, Po-Madhab, Ps-Niali, Dist-Cuttack, Pin-754004 declare that I have changed the name of my daughter from Swatapadma Sahoo to K.Swetapadma Sahoo. Henceforth, she shall be known as **K.Swetapadma Sahoo** for all purposes.

(SUBASH CHANDRA SAHOO)

**AFFIDAVIT**

By virtue of an affidavit sworn before (Executive Magistrate, Nimapada, dated 06/05/2026 I, Bhimasen Sethi, Address At-Sudarekha, Po-Tampalo, Ps-Charichhak, Dist-Puri, Pin-752110 declare that I have changed the name of my daughter from Priyanka Sethi to Sandhyarani Sethi Henceforth, she shall be known as **SANDHYARANI SETHI** for all purposes. (BHIMASEN SETHI)

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dtd. 27.04.2026, I, Pallavirani Das Jena @ Shriya Shivangini, D/o - Priyadarshi Jena of vill - Dahanasuni, Garadpur, Ps - Purunabazar, (Dasasahi Sangat), Dist - Bhadrak do hereby declare that my LIC policy bearing no. 586239774 name is Pallavirani Das Jena but my bank passbook name is Shriya Shivangini as per my voter card & pan card. That **Pallavirani Das Jena** and **Shriya Shivangini**, D/o - Priyadarshi Jena is same and one person.

# 'ମୋବାଇଲ୍ ଛାଡ଼, ବହି ଧର' ଅଭିଯାନ

**ବାହାନଗା, ୧୧।୫/ଏନ୍‌ଏନ୍‌ଏସ୍:** ଖରା ଛୁଟିରେ ପିଲାମାନଙ୍କୁ ମୋବାଇଲ୍ ନିଶାରୁ ଦୂରେଇ ପୁସ୍ତକ ଅଭିମୁଖୀ କରାଇବା ପାଇଁ ମଦନାପୁର ଶାସନସ୍ଥିତ 'ଲୋକନାଥ ପାଠାଗାର ଓ ସଂଗ୍ରହାଳୟ' ପକ୍ଷରୁ 'ମୋବାଇଲ୍ ଛାଡ଼ ବହି ଧର' ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ହରିପୁର ଶିକ୍ଷାପ୍ରଦୀପ ଶିକ୍ଷାନୁଷ୍ଠାନରେ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସମ୍ପାଦକ ବିକାଶ କୁମାର ଶତପଥୀ ପିଲାମାନଙ୍କୁ ମାର୍ଗଦର୍ଶନ ଦେଇଥିବା ବେଳେ ଶିକ୍ଷକ ପ୍ରଭାତ କୁମାର ମହାପାତ୍ର, ବାସନ୍ତୀ ସେଠୀ ଓ ନାରାୟଣ ପ୍ରସାଦ ସାହୁ ମୋବାଇଲର ଅପକାରିତା ସମ୍ପର୍କରେ ସଚେତନ କରିଥିଲେ।

# ବିଶ୍ୱ ମାତୃ ଦିବସ



**ବୈଶିଙ୍ଗ, ୧୧।୫/ଏନ୍‌ଏନ୍‌ଏସ୍:** ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀସ୍ଥିତ ସେବାକେନ୍ଦ୍ର ପରିସରରେ ରବିବାର ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ମା' ସୁଖୀ ପରିବାରର ଆଧାରଶୀଳା' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କେସିପୁର ମହାବିଦ୍ୟାଳୟର ଅଧକ୍ଷା ଡଃ. ମନ୍ଦାକିନୀ ସାହୁ ମୁଖ୍ୟ ଅତିଥି, ଆନ୍ତର୍ଜାତୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନର ଓଡ଼ିଶା ମୁଖ୍ୟ ଡଃ. ସୁବାଷ ଷଡଙ୍ଗୀ ମୁଖ୍ୟବକ୍ତା ଏବଂ ବରିଷ୍ଠ ଭ୍ରାତା ବ୍ରହ୍ମାକୁମାର ସୁବାଷ ଭାଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ଗୀତା ପାଠଶାଳାର ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିବା ବେଳେ ବ୍ରହ୍ମାକୁମାର କୃପାସିନ୍ଧୁ, ନିତ୍ୟାନନ୍ଦ, ପଙ୍କଜ, ପ୍ରଶାନ୍ତ, ସରୋଜ, ଶରତ, ପ୍ରଭାତି ମାତା, ସବିତା, ଲିପି ଓ ସୁଷମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ବ୍ରକୁ ସାବିତ୍ରୀ ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE MUNICIPAL COUNCIL: SUNDARGARH**

13001/436/2627

Tender Call Notice No. 2577, Dt.02.05.2026
COMPETITIVE BIDDING THROUGH e-Procurement
**NOTICE INVITING TENDER**
Bid Reference No. SNGM-04/2026-27 Dt. 02.05.2026

1. Total No. of works for which tenders invited : 06 Nos.
2. Place of Execution : Different locations of Sundargarh Municipality
3. Estimated cost of individual works excluding GST : Rs.3,53,844.00 to Rs.16,94,101.00
4. Eligible Class of Contractors : Registered contractors of Class - 'D' to Class- 'C' as indicated against each work mentioned in the tender call notice
5. Intending bidders have to participate through "On-line" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from 11.00 AM of dt.06.05.2025 to 5.00 PM of dt.20.06.2026 for online bidding.
7. Bids received will be opened on e-procurement system at 11.00 AM onwards on dt.21.06.2026
8. The bidders must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

OIPR-13001/13130/1/26-27/0004 — Sd/- Executive Officer, Sundargarh Municipality

34001/184/2627

**GOVERNMENT OF ODISHA**
**"E" PROCUREMENT NOTICE**
E-mail ID : eepwd765017@gmail.com
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-II**
**Bid Identification No: RC (RANDB) RGD No-II 01/2026-27 (Online tender)**

No. 2193 — Dated 28.04.2026

1. Total No. of the works :- 02 No's Building Work (Double cover system)
2. Approximate estimated cost :- Rs.71.20 & 69.85 lakhs
3. Period of completion :- 07 (Seven) Calendar Months
4. Date & time of availability of bid document in the portal :- 11.00 Hrs. of dated 12.05.2026 to 17.00 Hrs. of dated 25.05.2026 for online bidding.
5. Last date/time for receipt of bids in the portal :- Up to 17.00 Hrs. of dated 25.05.2026
6. Name and address of the officer inviting BID :- Superintending Engineer, Rayagada (R&B) Division No-II
7. Date of opening of Technical Bid at 11.00 Hours on dated 26.05.2026
8. Further details can be seen from the e-Procurement portal :- www.tendersodisha.gov.in
9. Further Addendum / Corrigendum if any will be hosted in the above website only.

OIPR-34001/34139/1/26-27/0001 — Sd/- Superintending Engineer, Rayagada (R&B) Division No-II

**GOVERNMENT OF ODISHA** — 25001/112/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

Order No.3499 — Date : 08.05.2026

1st Corrigendum to Bid Identification No. Tender Online 02 JJPT of 2026-27 invited this office Letter No. 2959, Dtd. 10.04.2026.
The Change as detailed below are hereby made in the above N.I.T
1. Corrigendum to Change Date & Time.

| Procurement Officer | Bid Identification No. | Availability of Tender on-line for bidding: From | | To | | Last date & time of seeking tender clarification | | Date & Time of opening of Technical Bid | | Date & Time of opening of Financial Bid | |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | As earlier | Modified | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur. | Tender Online 02 JJPT of 2026-27 | 20.04.2026 at 10.00 AM | 12.05.2026 at 10.00 AM | 11.05.2026 up to 05.00 PM | 20.05.2026 up to 05.00 PM | 08.05.2026 up to 5.00 PM | 19.05.2026 up to 5.00 PM | 12.05.2026 at 11.30 AM | 21.05.2026 at 11.30 AM | 18.05.2026 at 11.30 AM | 25.05.2026 at 11.30 AM |

OIPR-25001/25047/1/26-27/0003 — Sd/- Superintending Engineer, R.W. Division, Jajpur

**GOVERNMENT OF ODISHA** — 13001/429/2627
**e-Procurement Notice, Angul Municipality office, Angul**
**Bid Identification No.- EO/AGLM-01-2026-27**
**Bid Id No. 2026_ORULB_128554**
**e-mail ID- angulmunicipality@gmail.com**

No.1633 — Date : 04.05.2026

1. Number of Works :1 (One) number Drain work
2. Approximate estimated cost (put to tender) : Rs. 279.00 Lakhs (Approx.)
3. Period of completion : 06 (Six) calendar months
4. Date & Time of availability of bid document In the portal : **Dt. 06.05.2026 at 10.00 A.M.**
5. Last date / Time for receipt of bid in the portal : **Dt. 26.05.2026 up to 5.00 P.M.**
6. Date of opening (Technical Bid) : **Dt. 28.05.2026 at 11.00 A.M.**
7. Name and address of the Office Inviting Bid : Executive Officer, Angul Municipality, Angul
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

OIPR-13001/13085/1/26-27/0001 — Sd/-S.P. Tripathy, Executive Officer, Angul Municipality

**OFFICE OF THE CHOUDWAR MUNICIPALITY, CUTTACK**

Letter No. Dev/2161 — Date : 04.05.2026

**E-Procurement Notice**
**Tender Reference No.- CHM-03/2026-27**

The Executive Officer Choudwar Municipality invites percentage rate bids in Double Cover System from eligible class of contractors registered with state govt/central govt/for Execution of the civil work. The Proof of registration from the appropriate authority shall be enclosed along with the Bid. Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work: **Construction of Urban Hata in Ward No 16 under Choudwar Municipality**
2. **Name of the Work: Devlopment of Stadium Infront of FSTP Plant at Ward No 17 Choudwar Municipality**
3. No. of works : 02 Nos.
4. Estimated Cost : 1,29,50,321/-
5. Estimated Cost : 66,22,983/-
6. Period of Completion : Six Calendar Months
7. Date and Time of Bidding : 07/05/2026 at 11.00 AM
8. Last date and time for receipt : 28/05/2026 Upto 5.00 PM
9. Technical Bids received online shall be opened on : 29/05/2026 at 11.00 AM
10. Name and address of the Officer Inviting Bid : Executive Officer Choudwar Municipality

Further details can be seen from the e-procurement portal i.e. https://tendersodisha.gov.in.

OIPR-13001/13138/1/26-27/0008 — 13001/418/2627 — Sd/- Executive Officer, Choudwar Municipality

# କଟକରେ ବୁଲିଲା ଖଣ୍ଡା, ୨ ଆହତ

**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** କଟକରେ ବୁଲିଲା ଖଣ୍ଡା। ମରଣାନ୍ତକ ଆକ୍ରମଣରେ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳରେ ଦୁଇଜଣ ଆହତ ହୋଇଛନ୍ତି। ଏକ ସ୍କୁଟିରେ ହଠାତ୍ ଦୁଇଜଣ ଯୁବକ ଆସି କାଚରାମାଳରେ ପହଞ୍ଚିଥିଲେ। ପଛରେ ବସିଥିବା ଯୁବକ ଜଣ ଖଣ୍ଡାରେ ଅନାଚକ ଦୁଇଜଣଙ୍କ ହାଣିଥିଲେ। ଏହାପରେ ଆକ୍ରମଣକାରୀ ଦୁଇ ଯୁବକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଗୁରୁତର ଆହତଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ଆକ୍ରମଣର କାରଣ ଜଣାପଡ଼ି ନାହିଁ।

# ପ୍ରଭାତଙ୍କ ଲିଙ୍କ୍: କର୍ପୋରେଟର୍ ନିଲମ୍ବିତ



**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** ପୂର୍ବତନ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପାଇଁ ବିଜେଡ଼ିରୁ ନିଲମ୍ବିତ ହେଲେ କଟକ ମହାନଗର ନିଗମର କର୍ପୋରେଟର୍। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କଟକ ମହାନଗର ନିଗମ ୫୩ନଂ ୱାର୍ଡ଼ର କର୍ପୋରେଟର ଅରବିନ୍ଦ ଜେନାଙ୍କୁ ବିଜୁ ଜନତା ଦଳ (ବିଜେଡି) ଦଳରୁ ନିଲମ୍ବନ କରିଛି। ଏ ସମ୍ପର୍କରେ ବିଜେଡି ପକ୍ଷରୁ ଏକ ଚିଠି ଜାରୀ କରାଯାଇଛି। ଅରବିନ୍ଦ ଦୀର୍ଘଦିନ ଧରି ପ୍ରଭାତ ବିଶ୍ୱାଳଙ୍କ ଜଣେ ଘନିଷ୍ଠ ସହଯୋଗୀ ଥିଲେ। ପ୍ରଭାତଙ୍କୁ ସହଯୋଗ କରିବାରୁ ଏବେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ସୂଚନା ମିଳିଛି।

# ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ବିଶ୍ୱ ମାତୃଦିବସ



**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ବିଶ୍ୱ ମାତୃଦିବସ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଉତ୍କଳ ଗ୍ରାମସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ବିଶିଷ୍ଟ ଆଇନଜୀବୀ ପତିତପାବନ ମହାପାତ୍ର, କବି ଉଦୟ କେଶରୀ ବର୍ମା, ବରେଣ୍ୟ ଅତିଥି କବି ସଚ୍ଚିଦାନନ୍ଦ କର ଯୋଗଦେଇ ମାତୃଦିବସରେ ମା'ର ବନ୍ଦନା କରିଥିଲେ। କବି ମନୋରଂଜନ ପଣ୍ଡା ଓ ଗୀତାଂଜଳି ପୃଷ୍ଟିଙ୍କ ସଂଯୋଜନାରେ କବି ସୁରେନ୍ଦ୍ର ମହାପାତ୍ର, ମନୋଜ ବସନ୍ତରାୟ, ବିନୋଦିନୀ ମିଶ୍ର, ଡଃ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଛବିରାମ ସେଠୀ, ସତ୍ୟଜିତ ମହାନ୍ତି, କ୍ଷୀରୋଦ ଜେନା, ବ୍ରଜବନ୍ଧୁ ପୃଷ୍ଟି, ନିରୁପମା ସାହୁ, ଡଃ ସତ୍ୟରଂଜନ ଜେନା, ବସନ୍ତ କୁମାର ସାହୁ, ପ୍ରଭାକର ଦାସ, ଉତ୍ତମ ଚରଣ ପ୍ରଧାନ, ସଂଯୁକ୍ତା ଦାଶ, ସୁଶୀଳ କୁମାର ରାଉତ, ମହେନ୍ଦ୍ର ସାହୁ ପ୍ରମୁଖ ମା' ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସଂସଦର ଉପସଭାପତି ଚୈତନ୍ୟ ରାଉତ ସ୍ୱାଗତ ଭାଷଣ ଏବଂ କବି ଆଦିତ୍ୟ ରଂଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭିତ୍ତିଭୂମି ବିକାଶ ସମ୍ପର୍କିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକ



**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍‌:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଆଜି ଭିତ୍ତିଭୂମି ବିକାଶ ସମ୍ପର୍କିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ୬୫ତମ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରୀ ବେସରକାରୀ ଭାଗିଦାରିତାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପିପିପି ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସ୍ୱାସ୍ଥ୍ୟ, ସ୍ୱେରେଜ୍ ଟ୍ରିଟମେଣ୍ଟ, ସହରୀ ବିକାଶ, ଜଳ ଯୋଗାଣ ଓ ପ୍ରାଣୀ ଟିକା ଉତ୍ପାଦନ ଭଳି ମୁଖ୍ୟ କ୍ଷେତ୍ରରେ ମୋଟ ୧୧୩୦ କୋଟି ଟଙ୍କା ବ୍ୟୟର ୫ଟି ନୂତନ ପିପିପି ପ୍ରକଳ୍ପକୁ ନୀତିଗତ ମଞ୍ଜୁରି ପ୍ରଦାନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଚାଲୁଥିବା ପିପିପି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଗ ଓ ପ୍ରକଳ୍ପ ପ୍ରାୟୋଜକ ସଂସ୍ଥାମାନଙ୍କୁ ପ୍ରକଳ୍ପ କାର୍ଯ୍ୟନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟରେ ନିର୍ଦ୍ଧାରିତ ସମୟସୀମା ଓ ଯଥୋଚିତ ପ୍ରକ୍ରିୟା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ 'ଭିଜନ୍ ୨୦୩୬' ଅଧୀନରେ ବେସରକାରୀ ନିବେଶ ଆକର୍ଷଣ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ସହ ବିକଶିତ ଓଡ଼ିଶା ଗଠନରେ ସାମଗ୍ରିକ ଭାବେ ନିରନ୍ତର ବିକାଶ ସାଧନ ପାଇଁ ପିପିପି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ କମିଟିରେ ରାଜ୍ୟରେ କାର୍ଯ୍ୟକ୍ଷମ ପ୍ରକଳ୍ପଗୁଡ଼ିକର ଏକ ସୁଦୃଢ଼ ବ୍ୟବସ୍ଥା ଓ ପିପିପି-ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଅର୍ଥ ବିଭାଗର ପିପିପି ସେଲ୍ ଓ ଇଣ୍ଟରନ୍ୟାସନାଲ ଫାଇନାନ୍ସ କର୍ପୋରେସନ୍ ( ଆଇଏଫସି) ମଧ୍ୟରେ ସହଯୋଗକୁ ନୀତିଗତ ମଞ୍ଜୁରି ପ୍ରଦାନ କରାଯାଇଛି।

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇର ବିକ୍ଷୋଭ




**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** ରାଜ୍ୟରେ ବେଲଗାମ ଘଟିଚାଲିଛି ଗୋଟିକ ପରେ ଗୋଟିଏ ଅମାନୁଷିକ ଅପରାଧ। ସେପଟେ କୁମ୍ଭକର୍ଣ୍ଣ ନିଦ୍ରାରେ ସରକାର। ହାତବାନ୍ଧି ବସିଛି ପୁଲିସ ବିଭାଗ। ଦିନକୁ ଦିନ ବଢ଼ି ଚାଲିଥିବା ଆଇନଶୃଙ୍ଖଳା ବିରୁଦ୍ଧରେ ରାଜ୍ୟବ୍ୟାପୀ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ଏହାରି ଭିତରେ କଟକରେ ମଧ ଶୁଣିବାକୁ ମିଳିଛି ପ୍ରତିବାଦର ସ୍ୱର। ଡବଲ୍ ଇଞ୍ଜିନ୍ ସରକାରରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଆଜି କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହା ବିରୋଧରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି ବିକ୍ଷୋଭ ପ୍ରଦର୍ଶନ କରିଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସଠିକ୍ ଭାବରେ ପରିଚାଳନା କରାନଗଲେ ଏବଂ ଦୋଷୀମାନଙ୍କ ବିରୁଦ୍ଧରେ କଡ଼ାରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ତୀବ୍ର ହେବ ବୋଲି ସରକାରଙ୍କୁ ଚେତାବନୀ ଦେଇଛି କମ୍ୟୁନିଷ୍ଟ ପାର୍ଟି। ଏସ୍‌ୟୁସିଆଇ କଟକ ଜିଲ୍ଲା କମିଟି ସଂପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ସିର୍ଦ୍ଧାର୍ଥ ରଥ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପ୍ୟାଭେଲ୍ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ଜ୍ୟୋସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ଝରଣା ଦାସ, ସୁଜାତା ମହାପାତ୍ର ପ୍ରମୁଖ ବିକ୍ଷୋଭରେ ଯୋଗ ଦେଇଥିଲେ। ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ମଧ ଅନୁଷ୍ଠିତ ହୋଇଥିଲା।

# ଧବଳେଶ୍ୱର ପୀଠରେ ସୋମନାଥ ସ୍ୱାଭିମାନ ପର୍ବ



**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** ଗୁଜରାଟର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ବାବା ଧବଳେଶ୍ୱରଙ୍କ ପୀଠରେ ସୋମନାଥ ସ୍ୱାଭିମାନ ପର୍ବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ସୋମନାଥ ମନ୍ଦିରରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ବିଶେଷ ପୂଜାର୍ଚ୍ଚନା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ମନ୍ଦିର ଚୂଡ଼ାରେ ବିଶେଷ ସମର୍ପଣ କରିଥିଲେ। ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଐତିହ୍ୟର ସୁରକ୍ଷା ଦିଗରେ ଏହି କାର୍ଯ୍ୟକ୍ରମ ଏକ ସଶକ୍ତ ବାର୍ତ୍ତା ପ୍ରଦାନ କରିଛି। ସିଧା ପ୍ରସାରଣ ସମୟରେ ଧବଳେଶ୍ୱର ପୀଠ ପରିସର ଭକ୍ତିମୟ ଜୟଧ୍ୱନି, ହରହର ମହାଦେବ ଧ୍ୱନି ଓ ଶୈବ ପରମ୍ପରାର ଆଧ୍ୟାତ୍ମିକ ଉତ୍ସାହରେ ମୁଖରିତ ହୋଇଉଠିଥିଲା। ଏହି ଅବସରରେ କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ (ଆଠଗଡ଼) ପ୍ରହଲ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ, ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ବଡ଼ ପରଦାରେ ସୋମନାଥ ମନ୍ଦିରର ଏହି ପୂଜାର୍ଚ୍ଚନା ଦେଖି ଉପସ୍ଥିତ ଶ୍ରଦ୍ଧାଳୁ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ସରକାର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** ସାଲେପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୯ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୧୩୦ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନତୀ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭତ୍ତା, କୃଷି, ଶିକ୍ଷା ଆଦି ସଂପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଭିନ୍ନ ପଂଚାୟତ କାର୍ଯ୍ୟାଳୟଗୁଡ଼ିକରେ ମଧ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହା ସକାଳ ୭ରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପଂଚାୟତ କାର୍ଯ୍ୟାଳୟଠାରେ ମଧ ଏହି ଜନଶୁଣାଣି ସକାଳ ୭ରୁ ଅନୁଷ୍ଠିତ ହେବ।

# ଗୋଦାବରୀଶ ସାହିତ୍ୟ ସଂସଦର ଗଳ୍ପ ପାଠୋତ୍ସବ




**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍‌:** ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ଏକ ଗଳ୍ପ ପାଠୋତ୍ସବ ଅନୁଷ୍ଠାନର ସଭାପତି କବି ପ୍ରଫେସର୍ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଓଡ଼ିଆ କଥା ସାହିତ୍ୟ ପରିପ୍ରେକ୍ଷୀରେ କଥାଶିଳ୍ପୀ ମନୋଜ ଦାସଙ୍କ କଥା ସାହିତ୍ୟ ସୃଷ୍ଟିର ଦିଗ୍‌ଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଶରତ କୁମାର ପରିଡ଼ାଙ୍କ ସଂଯୋଜନାରେ ୩୦ରୁ ଊର୍ଦ୍ଧ୍ୱ ଗାଳ୍ପିକ ଗଳ୍ପ ପାଠ କରିଥିଲେ। ଉପସଭାପତି ଖଗେଶ୍ୱର ମହତାବ୍ ଧନ୍ୟବାଦ୍ ଦେଇଥିବାବେଳେ ଦେବେନ୍ଦ୍ରନାଥ ଦାସ, ଲକ୍ଷ୍ମୀଧର ସାହୁ, ଅନିରୁଦ୍ଧ ପ୍ରଧାନ ଓ ଲଡ୍ଡୁ କିଶୋର ପଢ଼ିଆରୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ବିସ୍ଥାପିତ ପଦଯାତ୍ରୀ ଦଳଙ୍କ ସମ୍ବର୍ଦ୍ଧନା

**କଟକ,୧୧।୫/ଏନ୍‌ଏନ୍‌ଏସ୍‌:** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ବିସ୍ଥାପିତଙ୍କୁ ନ୍ୟାୟ ଦେବା ଦାବିରେ ଢ଼ିଙ୍କିଆଠାରୁ ଭୁବନେଶ୍ୱରର ରାଜଭବନ ଅଭିମୁଖେ ଆସୁଥିବା ପଦଯାତ୍ରୀ ଦଳଙ୍କୁ କଟକ ସଦର ନିର୍ବାଚନ ମଣ୍ଡଳୀ ତରଫରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଗଡାମା ବଜାରରେ ବହୁ କର୍ମୀଙ୍କ ଉପସ୍ଥିତିରେ ବ୍ୟାପକ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ୍ କଂଗ୍ରେସ ସଭାପତି ସୀତାକାନ୍ତ ପଣ୍ଡା, ନିଶ୍ଚିନ୍ତକୋଇଲି ବ୍ଲକ୍ କଂଗ୍ରେସ ସଭାପତି ନାରାୟଣ ଦ୍ୱିବେଦୀ, ଯୁବ ନେତା ଦିଲୀପ ମହାନ୍ତି, ନଗର କଂଗ୍ରେସର ପୂର୍ବତନ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଯୁବ କଂଗ୍ରେସ ନେତା ଶେଖ୍ ସଦ୍ଦାମ, ବରିଷ୍ଠ କଂଗ୍ରେସ ନେତା ବୈକୁଣ୍ଠ ମଲ୍ଲିକ, ପୀତାମ୍ବର ପ୍ରଧାନ, କୁଞ୍ଜବିହାରୀ ସାହୁ, ସରୱାର ଅଲି, ପ୍ରତାପ ମଲ୍ଲିକ, ସର୍ବେଶ୍ୱର ପଣ୍ଡା, ହେମନ୍ତ ମହାପାତ୍ର, ଇଲୁ ସିଂହ, ଅନନ୍ତ



ଚରଣ ପରିଡ଼ା, ପ୍ରଦୀପ ଗୋଚ୍ଛାୟତ, ଅମିୟ ସିଂହ, ଅଲ୍‌ମାସ ରାଗବି, ନାଜ୍‌ମେର୍ ହୁସେନ୍ ଖାନ୍, ଯୋଗେନ୍ଦ୍ର ପରିଡ଼ା, ଋଷି କାଣ୍ଡି, ଚିରଞ୍ଜୀବି ମହାନ୍ତି, ଅଶୋକ ନାୟକ, ସୟଦ୍ ଜାଭେଦ୍ ଅକ୍ତର ଅଲ୍ଲୀ, ସେକ୍ ଆବିଦ୍ ଅଲ୍ଲୀ, ବସନ୍ତ ଦାସ, ମନ୍‌ସୁର୍ ଅଲ୍ଲୀ, ଫକୀର ପଣ୍ଡା ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

### ତିନି ରଥ ନିର୍ମାଣର ୨୧ ଦିନ

# ୨୫ ଚକ ନିର୍ମାଣ ଶେଷ, ଚଉପଟ କାର୍ଯ୍ୟ ଜୋର୍‌ଦାର୍



**ପୁରୀ,୧୧।୫/ଏନ୍‌ଏନ୍‌ଏସ୍‌:** ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଜି ୨୧ ଦିନରେ ପହଞ୍ଚିଥିବା ବେଳେ ରଥଖଳାରେ ନିର୍ମାଣ ପ୍ରକ୍ରିୟା ବେଶ୍ ତ୍ୱରାନ୍ୱିତ ହୋଇଛି। ଆଜି ମୋଟ ୨୦୩ ଜଣ ସେବକ ରଥ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଥିଲେ, ଯେଉଁଥିରେ ୭୮ ଜଣ ମହାରଣା, ୭୭ ଜଣ ଭୋଇ, ୨୦ ଜଣ କମାର, ୨୧ ଜଣ ରୂପକାର, ୪ ଜଣ କରତୀ, ୨ ଜଣ ତୁମ୍ଭ ବିନ୍ଧ କାରିଗର ଏବଂ ଜଣେ ସହାୟକ ସାମିଲ ଥିଲେ। ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ସକାଳ ୮ଟାରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜି ସୁଦ୍ଧା ତିନି ରଥର ମୋଟ ୨୫ ଗୋଟି ଚକ ନିର୍ମାଣ ଶେଷ ହୋଇଥିବା ବେଳେ ଯୋକା ଓ ନିରାଡ଼ି ଚଉପଟ କାର୍ଯ୍ୟ ମଧ ସମ୍ପୂର୍ଣ୍ଣ ହୋଇଛି। ତିନି ରଥର ପ୍ରଥମ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି। ଏଥିପାଇଁ ରଥ ଅମୀନ ପ୍ରତି ରଥ ଚାଳିକୁ ୩ଟି ଲେଖାଏଁ ୨୦ ଫୁଟିଆ ସାହାଜ କାଠ ଯୋଗାଇ ଦେଇଛନ୍ତି। ତାଳଧ୍ୱଜ ରଥର ୧୪ଟି ଚକ ମଧ୍ୟରୁ ୭ଟି, ଦର୍ପଦଳନ ରଥର ୧୨ଟି ମଧ୍ୟରୁ ୯ଟି ଏବଂ ନନ୍ଦିଘୋଷ ରଥର ୧୬ଟି ଚକ ମଧ୍ୟରୁ ୯ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବାକି ଚକଗୁଡ଼ିକର ପଇ କଳସା ଓ ତୁମ୍ଭ ବିନ୍ଧ କାର୍ଯ୍ୟ ଜାରି ରହିଛି। ପ୍ରତି ରଥର ପାଞ୍ଚ ଦଣ୍ଡା ଉଭୟ ପାର୍ଶ୍ୱରେ ଫିଟିଂ ହେବାକୁ ଥିବା ମୁହାଁଟ ନିର୍ମାଣ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ସାଲ ଗୁଜରେ ରୂପ ଖୋଦେଇ ସହ ପଲିସ୍ କାର୍ଯ୍ୟ ଜାରି ରଖିଥିବା ବେଳେ କମାର ସେବକମାନେ ଅସ୍ଥାୟୀ କମାର ଶାଳରେ ଅର କଣ୍ଟା, ପଦ୍ମାରି ବଳା, ଚାବି ଓ ଯୋକିଆ କଣ୍ଟା ନିର୍ମାଣ କରୁଛନ୍ତି। ରଥ ଅମୀନଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯିବା ପରେ ମୁହାଁଟ ଓ ନିରାଡ଼ି ନିର୍ମାଣ କାର୍ଯ୍ୟ ଆହୁରି ଜୋର୍‌ଦାର୍ ହୋଇଛି।

### କଣାସ ହତ୍ୟା ଉଦ୍ୟମ ମାମଲା

# ମୁଖ୍ୟ ଅଭିଯୁକ୍ତ 'ହାପି'ର ଆତ୍ମସମର୍ପଣ

### ସହଯୋଗୀ ବଳରାମ ଗିରଫ

**ପୁରୀ,୧୧।୫/ଏନ୍‌ଏନ୍‌ଏସ୍‌:** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କଣାସ ଅଞ୍ଚଳରେ ଦିନ ଦିପହରରେ ଜଣେ ଯୁବକଙ୍କୁ ମାଛ କଟା ପନିକିରେ ହାଣିବା ଓ ବୁଲେଟ୍ ଚଢ଼ାଇ ହତ୍ୟା ଉଦ୍ୟମ କରିବା ଭଳି ସମ୍ବେଦନଶୀଳ ଘଟଣାରେ ପୁଲିସକୁ ବଡ଼ ସଫଳତା ମିଳିଛି। ପୁରୀ ଜିଲ୍ଲା କଣାସ ଥାନା କେସ୍ ନଂ ୧୦୬/୨୬ର ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରି ପୁଲିସ ପୂର୍ବରୁ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ଆଉ ଜଣେ ସହଯୋଗୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚନ୍ଦାପଡ଼ା ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ଛୋଟରାୟଙ୍କ ପୁଅ ବଳରାମ ଛୋଟରାୟ ଓରଫ ନିଲୁ। ତାଙ୍କୁ ପୁଲିସ ରାୟପୁରରୁ ଗିରଫ କରି ଗତ ୯ ତାରିଖରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅପରପକ୍ଷରେ, ପୁଲିସର କ୍ରମାଗତ ଚଢ଼ାଉ ଓ କଠୋର କାର୍ଯ୍ୟାନୁଷ୍ଠାନ ଭୟରେ ମାମଲାର ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ ହାପି ଆଜି ପୁରୀ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ସେ ଚନ୍ଦାପଡ଼ା ଗ୍ରାମର ଶେଷଦେବ ମହାପାତ୍ରଙ୍କ ପୁଅ ଓ କେନାଲ ରୋଡ୍ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଅଦାଲତ ହାପିଙ୍କୁ ଜୁଡିସିଆଲ୍ କଷ୍ଟଡିକୁ ପଠାଇ ଦେଇଥିବା ବେଳେ, ଘଟଣାର ଅଧିକ ତଦନ୍ତ ଓ ସତ୍ୟାସତ୍ୟ ଜାଣିବା ପାଇଁ ତାଙ୍କୁ ରିମାଣ୍ଡରେ ନେବାକୁ ପୁଲିସ ପକ୍ଷରୁ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନରେ ଘଟିଥିବା ଏହି ବର୍ବରକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ମଧ ଉଦ୍‌ବେଗ ପ୍ରକାଶ ପାଉଛି।

# ଖାଲି ପଡ଼ିପାରେ ଯୁକ୍ତ ଦୁଇ ଆସନ

**ଭୁବନେଶ୍ୱର,୧୧।୫/ଏନ୍‌ଏନ୍‌ଏସ୍‌:** ଦଶମଶ୍ରେଣୀ ଉତ୍ତୀର୍ଣ୍ଣ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବେ ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖାଇବା ପରିବର୍ତ୍ତେ ବିଭିନ୍ନ କୋଚିଂ ସେଣ୍ଟରରେ ନାମ ଲେଖାଇବାରେ ଲାଗିଛନ୍ତି। କୋଚିଂ ସେଣ୍ଟର ଜରିଆରେ ସେମାନେ 'ଡମି'ରେ ଯୁକ୍ତ ଦୁଇ ପଢୁଥିବାରୁ ସରକାରୀ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ଶ୍ରେଣୀରେ ଆସନ ଫାଙ୍କା ପଡିବା ସହିତ ମେଧାବୀ ଛାତ୍ରଛାତ୍ରୀମାନେ ଦୂରେଇ ଯିବାର ସମ୍ଭାବନା ଉପୁଜିଛି। ରାଜ୍ୟରେ ଏବେ ସିବିଏସଇ, ଆଇସିଏସ୍‌ଇ ସହିତ ଓଡିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଚାଳିତ ଦଶମଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଯୁକ୍ତ ଦୁଇ ସ୍ତରରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଏହିସବୁ ବୋର୍ଡର ଛାତ୍ରଛାତ୍ରୀମାନେ ଚଳିତବର୍ଷ ୯୦ ପ୍ରତିଶତରୁ ଅଧିକ ସଂଖ୍ୟାରେ ଉତ୍ତୀର୍ଣ୍ଣ ହେବା ସହିତ ଭଲ ନମ୍ବର ରଖିଛନ୍ତି। କେତେକ ଛାତ୍ରଛାତ୍ରୀ ଶତ ପ୍ରତିଶତ ନମ୍ବର ରଖି ରେକର୍ଡ କରିଛନ୍ତି। ବର୍ତ୍ତମାନ ଏହି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ଅନୁଷ୍ଠାନକୁ ନେବାପାଇଁ ଜାତୀୟ ସ୍ତରର କୋଚିଂ ସେଣ୍ଟରଗୁଡିକ ଲାଗିପଡିଛନ୍ତି। ସରକାରୀ ସ୍ତରରେ ଯୁକ୍ତ ଦୁଇ ପଢ଼ିବା ବଦଳରେ ସେମାନଙ୍କୁ ନିଜ ନିଜ ଅନୁଷ୍ଠାନ ଜରିଆରେ 'ଡମି'ରେ ନାମ ଲେଖାଇବାପାଇଁ ପ୍ରବର୍ତ୍ତାଉଛନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ଡମି ନାମ ଲେଖାଉଛନ୍ତି ସେମାନେ କେବଳ କୋଚିଂ ସେଣ୍ଟରରେ ପଢୁଛନ୍ତି ଓ ଏହି ସେଣ୍ଟର ଅଧିନରେ ଥିବା ବିଭିନ୍ନ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନରେ ପରୀକ୍ଷା ଦେଉଛନ୍ତି। ଯୁକ୍ତ ଦୁଇ ପାଠ ସହିତ ଏମାନଙ୍କୁ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷାପାଇଁ ତାଲିମ ଦିଆଯିବ ବୋଲି କୁହାଯାଉଛି। ମେଧାବୀ ଛାତ୍ରଛାତ୍ରୀମାନେ କିଭଳି ନିଜ ନିଜ କୋଚିଂ ସେଣ୍ଟରକୁ ଆସିବେ ଓ ଦୁଇବର୍ଷ ଧରି ରହିବେ ସେଥିପାଇଁ ଅଧିକ ପ୍ରତିଶତ ନମ୍ବର ରଖିଥିବା ପିଲାମାନଙ୍କ ପାଇଁ ଆକର୍ଷଣୀୟ ରିହାତି ବ୍ୟବସ୍ଥା ମଧ ଘୋଷଣା କରୁଛନ୍ତି। ଫଳରେ ଯେଉଁ ଛାତ୍ରଛାତ୍ରୀମାନେ ନାମୀଦାମୀ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ପଢିବାକୁ ପ୍ରସ୍ତୁତ ହେଉଥିଲେ ସେମାନେ ଏବେ ସମାନ ଅର୍ଥରେ କୋଚିଂ ସେଣ୍ଟରରେ ଡମିରେ ନାମ ଲେଖାଇବାକୁ ଆଗଭର ହେଉଛନ୍ତି। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଶହ ଶହ ଛାତ୍ରଛାତ୍ରୀ ଏବେ ଲକ୍ଷାଧିକ ଟଙ୍କା ପ୍ରଦାନ କରି ଡମିରେ ନାମ ଲେଖାଇବା ଆରମ୍ଭ କରିଥିବାରୁ ସରକାରୀ କଲେଜଗୁଡିକରେ ଯୁକ୍ତ ଦୁଇ ସ୍ତରରେ ଆସନ ଖାଲି ପଡିବ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ଯୁକ୍ତ ଦୁଇ କଲେଜରୁ ଦୂରେଇ ଯିବେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କଲେଣି। ମେଧାବୀ ଛାତ୍ରଛାତ୍ରୀଙ୍କୁ ନେବାପାଇଁ ଜାତୀୟ ସ୍ତରର କୋଚିଂ ସେଣ୍ଟରଗୁଡିକ ଯେଭଳି ପ୍ରତିଯୋଗିତା ଚଳାଇଛନ୍ତି ତାହା ଓଡିଶାର ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇବ ବୋଲି କିଛି ଶିକ୍ଷାବିତ୍ ମଧ ମତପ୍ରକାଶ କରୁଛନ୍ତି। ଯେଉଁସବୁ ଘରୋଇ ଓ ସରକାରୀ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ନାମଲେଖାଇ ନିୟମିତ ଶ୍ରେଣୀକୁ ଆସିବା ବଦଳରେ କୋଚିଂ ସେଣ୍ଟରରେ ପାଠ ପଢୁଛନ୍ତି ସେମାନଙ୍କ ଉପରେ ସରକାର ନଜର ରଖିବାକୁ ମତପ୍ରକାଶ ପାଉଛି। କାରଣ ଯୁକ୍ତ ଦୁଇଶ୍ରେଣୀରେ ନାମ ଲେଖା ସହିତ ନିୟମିତ ପାଠପଢ଼ା ପାଇଁ ଏହିସବୁ ଶିକ୍ଷାନୁଷ୍ଠାନଗୁଡିକ ସରକାରଙ୍କ ଠାରୁ ଅନୁମତି ପାଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### ବିଶ୍ୱର କୌଣସି ଶକ୍ତି ...

ଭାରତ ପାଇଁ ଏକ ପ୍ରେରଣା। ପ୍ରଧାନମନ୍ତ୍ରୀ ଏହି ଦିନକୁ ଜାତୀୟ ଇତିହାସର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସହିତ ଯୋଡ଼ିଥିଲେ। ସମାରୋହରେ ସେ କହିଥିଲେ, ୧୯୯୮ ମସିହା ମେ ୧୧ ତାରିଖରେ ପୋଖରାନରେ ପରମାଣୁ ପରୀକ୍ଷଣ କରାଯାଇଥିଲା। ମେ ୧୧ ତାରିଖରେ ଭାରତ ତିନୋଟି ପରମାଣୁ ପରୀକ୍ଷଣ କରିଥିଲା, ଯାହା ଭାରତୀୟ ବୈଜ୍ଞାନିକଙ୍କ ଦକ୍ଷତାକୁ ପ୍ରଦର୍ଶନ କରିଥିଲା ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ମେ ୧୩ ତାରିଖରେ ପରବର୍ତ୍ତୀ ପରୀକ୍ଷଣକୁ ଭାରତର ଅଟଳ ରାଜନୈତିକ ସଂକଳ୍ପର ପ୍ରମାଣ ଭାବରେ ଉପସ୍ଥାପନ କରିଥିଲେ। ସେ କହିଥିଲେ, ସେତେବେଳେ ଭାରତ ଉପରେ ସାରା ବିଶ୍ୱର ଚାପ ରହିଥିଲା। କିନ୍ତୁ ଅଟଳ ଜୀଙ୍କ ନେତୃତ୍ୱରେ ତତ୍କାଳୀନ ସରକାର ପ୍ରଦର୍ଶନ କରିଥିଲେ ଯେ ଦେଶ ଆମ ପାଇଁ ସର୍ବୋପରି। ବିଶ୍ୱର କୌଣସି ଶକ୍ତି ଭାରତକୁ ନୁଆଁଇ ପାରିବ ନାହିଁ କିମ୍ବା ଚାପ ପକାଇପାରିବ ନାହିଁ।

ଏହି ଅପରେସନର ନାମକରଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ପୋଖରାନ ପରମାଣୁ ପରୀକ୍ଷଣକୁ 'ଅପରେସନ ଶକ୍ତି' ନାଁ ଦିଆଯାଇଥିଲା। ଏହା ପଛରେ ଏକ ଗଭୀର ସାଂସ୍କୃତିକ କାରଣ ମଧ୍ୟ ରହିଛି। କାରଣ ଶିବଙ୍କ ସହିତ ଶକ୍ତିଙ୍କୁ ପୂଜା କରିବାର ପରମ୍ପରା ଆମ ଦେଶରେ ରହିଛି। ହିନ୍ଦୁ ପ୍ରତିମା ବିଜ୍ଞାନର ଉଦାହରଣ ଦେଇ ସେ କହିଥିଲେ, ଅର୍ଦ୍ଧନାରୀଶ୍ୱର ଶିବ, ଶିବ ଓ ଶକ୍ତିଙ୍କ ଅଭିନ୍ନ ପ୍ରକୃତିକୁ ଦର୍ଶାଇଥାଏ। ଭାରତର ଚନ୍ଦ୍ରଯାନ ମିଶନ ଯେତେବେଳେ ସଫଳତାର ସହ ଚନ୍ଦ୍ରରେ ଅବତରଣ କରିଥିଲା, ସେତେବେଳେ ଏହି ଦର୍ଶନ ଅନୁସାରେ ଅବତରଣ ସ୍ଥାନର ନାମକରଣ କରାଯାଇଥିଲା। ଚନ୍ଦ୍ର ସହ ସମ୍ପର୍କ ଉପରେ ଆଲୋକପାତ କରି, ସେ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ସଫଳତାର ସଙ୍ଗମକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଏହି ଜ୍ୟୋତିର୍ଲିଙ୍ଗଙ୍କୁ ଚନ୍ଦ୍ର (ସୋମ)ଙ୍କ ନାମାନୁସାରେ ସୋମନାଥ ରୂପେ ପୂଜା କରାଯିବା ଅତି ଖୁସିର ବିଷୟ ବୋଲି ମୋଦୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଶିବ ଏବଂ ଶକ୍ତିଙ୍କୁ ଏକାଠି ପୂଜା କରିବାର ଦର୍ଶନ ଏବେ ଭାରତର ବୈଜ୍ଞାନିକ ପ୍ରଗତିକୁ ପ୍ରେରଣା ଦେଉଛି। ଶିବ ଏବଂ ଶକ୍ତିଙ୍କ ପୂଜା ଦେଶର ବୈଜ୍ଞାନିକ ପ୍ରଗତି ପାଇଁ ପ୍ରେରଣା ହେବା ଉଚିତ ବୋଲି ଆମର ସଂକଳ୍ପକୁ ସାକାର ହେଉଥିବା ଆମେ ଦେଖୁଛୁ। ଅପରେସନ ଶକ୍ତିର ବର୍ଷପୂର୍ତ୍ତି ଅବସରରେ ସେ ସମସ୍ତ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମନ୍ଦିରର ହଜାର ବର୍ଷର ବିନାଶ ଏବଂ ପୁନଃନିର୍ମାଣ ବିଷୟରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଏହି ଇତିହାସକୁ ଜୀବନ୍ତ କରୁଥିବା ଅଦମ୍ୟ ଇଚ୍ଛାଶକ୍ତି ଉପରେ ଆଲୋକପାତ କରିଥିଲେ। ସେ ବିଶେଷ ଭାବରେ ସୋମନାଥ ପୁନରୁତ୍ଥାନର ଆଧୁନିକ ସ୍ଥପତି ସର୍ଦ୍ଦାର ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, କେ.ଏମ୍. ମୁନସି ଏବଂ ଏପରି ସମସ୍ତ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ସମସାମୟିକ ଦାୟିତ୍ୱ ପାଇଁ ସେମାନଙ୍କ ଦ୍ୱାରା ସ୍ଥାପିତ ପରମ୍ପରାକୁ ପ୍ରେରଣା ଦେଇଥିଲେ। ଶ୍ରୀ ମୋଦୀ କହିଥିଲେ, ଏମାନଙ୍କର ସ୍ମୃତି ଆମକୁ କେବଳ ଆମର ସାଂସ୍କୃତିକ ଐତିହ୍ୟକୁ ଆଗକୁ ବଢ଼ାଇବାକୁ ନୁହେଁ ବରଂ ଭବିଷ୍ୟତ ପିଢ଼ିକୁ ଏହି ଦାୟିତ୍ୱ ହସ୍ତାନ୍ତର କରିବାକୁ ପ୍ରେରଣା ଦେଇଥାଏ। ରାଷ୍ଟ୍ରୀୟ ଶକ୍ତିରେ ସାଂସ୍କୃତିକ ନିରନ୍ତରତାର ଭୂମିକା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ, ଯେତେବେଳେ ନୂଆ ପିଢ଼ି ସେମାନଙ୍କ ଇତିହାସ, ବିଶ୍ୱାସ ଏବଂ ମୂଲ୍ୟବୋଧ ସହିତ ପୁନଃସମ୍ପର୍କ ସ୍ଥାପନ କରନ୍ତି, ସେତେବେଳେ ସେଥିରୁ ଆବିର୍ଭୂତ ଶକ୍ତି ଅସୀମ ଗଭୀର ହୋଇଯାଏ। ଆଜି ଭାରତ ଯେଉଁ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ୁଛି ତାହା ଏହି ସାଂସ୍କୃତିକ ନିରନ୍ତରତା ପାଇଁ ସମ୍ଭବ ହୋଇଛି ବୋଲି ମୋଦୀ କହିଥିଲେ। ଭବିଷ୍ୟତ ପିଢ଼ିଙ୍କ ପ୍ରତି ଏକ ଆହ୍ୱାନ ସହିତ ନିଜର ବକ୍ତବ୍ୟ ଶେଷ କରି ପ୍ରଧାନମନ୍ତ୍ରୀ କହିଥିଲେ, ପଞ୍ଚସ୍ତରି ବର୍ଷ ପୂର୍ବେ ସୋମନାଥର ପ୍ରାଣ-ପ୍ରତିଷ୍ଠା ଏକ ପରିବର୍ତ୍ତନକାରୀ ଯାତ୍ରା ଆରମ୍ଭ କରିଥିଲା। ଆଜି, ସେହି ଯାତ୍ରା ଆହୁରି ବ୍ୟାପକ ରୂପରେ ଆମ ସମ୍ମୁଖରେ ଅଛି ବୋଲି ମୋଦୀ କହିଥିଲେ। ଆମ ପରମ୍ପରା ସହ ଜଡ଼ିତ ରହି ଏହାକୁ ଆହୁରି ଉଚ୍ଚତାକୁ ନେଇଯିବା ଉଚିତ; ଏହା ଆମ ସମୟର ଦାୟିତ୍ୱ ବୋଲି ସେ କହିଥିଲେ।

### ଆକ୍ରମଣ ସତ୍ତ୍ୱେ ବାରମ୍ବାର ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଘଟୁଛି। ଆକ୍ରମଣକାରୀମାନେ ବାରମ୍ବାର ମନ୍ଦିର ଧ୍ୱଂସ କରି ଭାରତର ଆତ୍ମାକୁ ମାଟିରେ ମିଶାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସନାତନୀଙ୍କ ରକ୍ତରେ ପ୍ରବାହିତ ଆସ୍ଥା ଯୋଗୁଁ ଏହା ପ୍ରତିଥର ପୁନର୍ଜନ୍ମ ଲାଭ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଂକଳ୍ପ ଯୋଗୁଁ ହିଁ ସୋମନାଥ ମନ୍ଦିରର ପୁନଃନିର୍ମାଣ ସମ୍ଭବ ହୋଇଥିଲା। ଆଜି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ନୂତନ ଭାରତ' ନିଜର ପରିଚୟକୁ ନେଇ ଗର୍ବିତ। ମୋଦୀଜୀଙ୍କ 'ବିକାଶ ଭି, ବୀରାସତ ଭି' ମନ୍ତ୍ର ଆଜି କାଶୀ ବିଶ୍ୱନାଥ କରିଡର ଠାରୁ ଆରମ୍ଭ କରି ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ସବୁଠି ପ୍ରତିଫଳିତ ହେଉଛି। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ସରକାର ରାଜ୍ୟର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବୀରାସତ ଭି' ନୀତି ଅନୁଯାୟୀ ଓଡ଼ିଶା ସରକାର ୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ର କ୍ଷେତ୍ରର ବିକାଶ ଏବଂ ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ଓଡ଼ିଶାକୁ ଭାରତର ସାଂସ୍କୃତିକ ରାଜଧାନୀ ଭାବେ ପ୍ରତିଷ୍ଠା କରିବ। ଏହାସହ 'ଅରେଞ୍ଜ ଇକୋନୋମି' ବା ସଂସ୍କୃତି ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ତାଙ୍କ ସରକାରର ମୂଳ ଲକ୍ଷ୍ୟ। ପରିଶେଷରେ, ସର୍ଦ୍ଦାର ପଟେଲଙ୍କ ସାହସ ଓ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଏକ 'ସମୃଦ୍ଧ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନ ପାଇଁ ସେ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଆହ୍ୱାନ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଏବଂ ଶୈବପୀଠଗୁଡ଼ିକର ମହିମା ଉପରେ ଆଲୋକପାତ କରିବା ସହ କହିଥିଲେ ଯେ ଭାରତର ଆତ୍ମସମ୍ମାନ ଯେତେବେଳେ ବିପଦରେ ଥିଲା, ସେତେବେଳେ ସୋମନାଥ ମନ୍ଦିର ଏକ ଆଲୋକ ବର୍ତ୍ତିକା ସଦୃଶ ଉଭା ହୋଇଥିଲା। ଆମ ମାଟିର ପ୍ରତିଟି ଶିଳାଖଣ୍ଡରେ ଇତିହାସ ଓ ଆତ୍ମବିଶ୍ୱାସ ଲୁଚି ରହିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶରେ ମହଜୁଦ୍ ...

ନେଉଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଦିନକ ପୂର୍ବେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏଲ୍‌ପି, ପେଟ୍ରୋଲ-ଡିଜେଲ୍ ବ୍ୟବହାର କମାଇବାକୁ, ପ୍ରାୟ ୧ ବର୍ଷ ପର୍ଯ୍ୟନ୍ତ ସୁନା ଅଳଙ୍କାର କ୍ରୟ ନକରିବା ଭଳି ୫ଟି ଗୁରୁତ୍ୱପୂର୍ଣ୍ଣ ଅପିଲ୍ କରିବାର ୨୪ ଘଣ୍ଟା ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏପ୍ରକାର ସ୍ପଷ୍ଟୀକରଣ ସାମ୍ନାକୁ ଆସିଛି। ମୋଦୀଙ୍କ ଅପିଲ୍ ପରେ ପରେ ଦେଶରେ ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇବା ଏନେଇ ଏକ ଚାପା ଗୁଞ୍ଜରଣ ତଥା ଅଦୃଶ୍ୟ ଭୟ ସଞ୍ଚାର ହୋଇଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ଦେଶବାସୀଙ୍କୁ ଆଶ୍ୱସ୍ତ କରିଛନ୍ତି। ପ୍ରକାଶ, ସରକାର ପଶ୍ଚିମ ଏସିଆ ସଂଘର୍ଷର କ୍ରମାଗତ ସମୀକ୍ଷା କରୁଛନ୍ତି ଏବଂ ଦେଶବାସୀଙ୍କୁ ଶକ୍ତି ସୁରକ୍ଷା ନେଇ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ତୈଳ ସଚିବ ନୀରଜ ମିତ୍ତଲ ସିଆଇଆଇର ଏକ ବାର୍ଷିକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବାକୁ ଯାଇ କହିଛନ୍ତି ଯେ, "ଆତଙ୍କିତ ବା ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ପେଟ୍ରୋଲିୟମ୍ ଉତ୍ପାଦର ପର୍ଯ୍ୟାପ୍ତ ଯୋଗାଣ ରହିଛି। କୌଣସି ପ୍ରକାରର ରାସନିଂ ଲାଗୁ କରାଯାଇ ନାହିଁ ଏବଂ ଏହା ହେବାକୁ ଯାଉନାହିଁ"।

### ଜୁଲାଇ ପହିଲାରୁ ...

ବେକାରୀ ଭତ୍ତା ପାଇବା ପାଇଁ ହକଦାର ରହିବେ। ଏହି ଆଇନ ସମୟୋଚିତ ଏବଂ ସ୍ୱଚ୍ଛ ମଜୁରୀ ପ୍ରଦାନ ଉପରେ ଗୁରୁତ୍ୱାରୋପ କରେ। ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ମାଧ୍ୟମରେ ଶ୍ରମିକଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ଆକାଉଣ୍ଟକୁ ମଜୁରୀ ସିଧାସଳଖ ସ୍ଥାନାନ୍ତରିତ ହେବ। ସାପ୍ତାହିକ ଭାବରେ କିମ୍ବା ମଷ୍ଟର ରୋଲ୍ ବନ୍ଦ ହେବାର ପନ୍ଦର ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ। ଏହା ନ ହେଲେ, ଶ୍ରମିକମାନେ ଶ୍ରମ ଆଇନର ବ୍ୟବସ୍ଥା ଅନୁଯାୟୀ ବିଳମ୍ବ ପାଇଁ କ୍ଷତିପୂରଣ ପାଇବାକୁ ହକଦାର ହେବେ। ଭାରତ ସରକାର ବିକଶିତ ଭାରତ- ଜି ରାମ ଜି ଆଇନ, ୨୦୨୫ ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ବ୍ୟାପକ ଆର୍ଥିକ ବ୍ୟବସ୍ଥା ସୁନିଶ୍ଚିତ କରିଛନ୍ତି। ୨୦୨୬ - ୨୭ ଆର୍ଥିକ ବର୍ଷ ପାଇଁ, କେନ୍ଦ୍ର ସରକାର ୯୫,୬୯୨.୩୧ କୋଟି ଟଙ୍କାର ବଜେଟ ଆବଣ୍ଟନ କରିଛନ୍ତି, ଯାହା ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ବଜେଟ ଆକଳନ ପର୍ଯ୍ୟାୟରେ ସର୍ବାଧିକ ଆବଣ୍ଟନ। ରାଜ୍ୟଗୁଡ଼ିକର ସମ୍ଭାବ୍ୟ ଅବଦାନକୁ ମିଶାଇ, ମୋଟ୍ କାର୍ଯ୍ୟକ୍ରମ ବ୍ୟୟ ଅଟକଳ ୧.୫୧ ଲକ୍ଷ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହି ଆବଣ୍ଟନ ଗ୍ରାମୀଣ ଭିତ୍ତିଭୂମି ବିକାଶ, ବୃହତ ପରିମାଣର ନିଯୁକ୍ତି ସୃଷ୍ଟି ଏବଂ ଗ୍ରାମୀଣ ଆୟ ବୃଦ୍ଧିକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ଜାରି ନହେବା ପର୍ଯ୍ୟନ୍ତ ପୂର୍ବରୁ ରହିଥିବା ଇ- କେୱାଇସି ଯାଞ୍ଚ ହୋଇଥିବା ଏମଜିଏନଆରଇଜିଏ ଜବ୍ କାର୍ଡଗୁଡ଼ିକ ଭିବି- ଜି ରାମ ଜି ଅଧୀନରେ ବୈଧ ରହିବ। ଜବ୍ କାର୍ଡ ନଥିବା ଶ୍ରମିକମାନେ ଗ୍ରାମପଞ୍ଚାୟତ ସ୍ତରରେ ପଞ୍ଜୀକରଣ ଜାରି ରଖିପାରିବେ। କେବଳ ଇ- କେୱାଇସି ବାକି ଥିଲେ ଶ୍ରମିକମାନଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯିବ ନାହିଁ, ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷେତ୍ର ସ୍ତରରେ ଇ-କେୱାଇସି ସମାପ୍ତି ପାଇଁ ସୁବିଧା ବ୍ୟବସ୍ଥା ଜାରି ରହିବ।

## ଯୁବକଙ୍କୁ ହତ୍ୟା ଘଟଣା

# ଶବ ରଖି ପ୍ରତିବାଦ, ଉତ୍ତେଜନା

**ରାୟଗଡ଼ା,୧୧।୫/ଏନ୍ଏନ୍ଏସ୍:** ରାୟଗଡ଼ା ସହର ଇନ୍ଦିରା ନଗର ୩ୟ ଲାଇନ୍‌ରେ ଗୁଳିକାଣ୍ଡ କରି ସ୍ଥାନୀୟ ରେଲି ସାହିର ଯୁବକ ନିଖିଲ ହାଡ଼ିପାଙ୍କୁ ଅପହରଣ ପରେ ହତ୍ୟା କରାଯିବା ଘଟଣାକୁ ନେଇ ସହରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଗତକାଲି ରାତିରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଥିବା ବେଳେ ଆଜି ସ୍ଥାନୀୟ ସାହି ବାସିନ୍ଦା ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଶବ ଶୋଭାଯାତ୍ରା ସମୟରେ ଉତ୍ୟକ୍ତ ଲୋକେ ଟାଉନ ଥାନା ଆଗ ଦେଇ ଯିବା ପାଇଁ ଜିଦ୍ କରି ପୁଲିସ କର୍ଡନ ଭାଙ୍ଗିଥିଲେ। ପରେ ଥାନା ସାମ୍ନା ଦେଇ ମାର୍କେଟ ଓ ସାରଳା ଛକ ହୋଇ ବସଷ୍ଟାଣ୍ଡ ନିକଟସ୍ଥ ଡା. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଆଗରେ ଶବ ରଖି ପ୍ରତିବାଦ କରିଥିଲେ। ଏହି ସମୟରେ କିଛି ଉତ୍ୟକ୍ତ ଲୋକ ବସଷ୍ଟାଣ୍ଡ ନିକଟରେ ନିଜର ଏକ ବାଇକ୍ ?ରେ ନିଆଁ ଲଗାଇ ଦେଇଥିବା ବେଳେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ମୃତ ନିଖିଲଙ୍କ ବାପା ଶିବା ହାଡ଼ିପା ଗଣମାଧ୍ୟମ ଆଗରେ ପୁଲିସ ବିରୋଧରେ ବର୍ଷିବା ସହ ତଦନ୍ତରେ ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ସମ୍ପୃକ୍ତ ଥିବା ନେଇ ପୁଲିସକୁ ନାମ ପ୍ରଦାନ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସେ କହିଛନ୍ତି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ନକଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡ ସୀମାନ୍ତ ଅଞ୍ଚଳରେ ଏକ ଜୁଆ ଆଡ୍ଡାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନା ଲୁଟ୍ ହୋଇଥିଲା। ଏହି ଘଟଣାରେ ମୃତ ନିଖିଲ ଓ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା



ହେଉଥିବାବେଳେ ଜୁଆ ଆଡ୍ଡା ଆୟୋଜନକାରୀମାନେ ଟଙ୍କା ଫେରସ୍ତ ପାଇଁ ଚାପ ପକାଉଥିଲେ। ଗତ ୯ ତାରିଖ ରାତିରେ ନିଖିଲ ବୁଦୁରାବାଲାସା ସାହିକୁ ପୂଜା ଦେଖିବାକୁ ଆସିଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଇନ୍ଦିରା ନଗରଠାରେ ଗୁଳି କରିଥିଲେ। ଗୁଳି ନିଖିଲଙ୍କ କାଖ ଓ ଅଣ୍ଟାରେ ବାଜିଥିବା ବେଳେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଅପହରଣ କରି ହତ୍ୟା ପରେ ତୁମ୍ପିଗୁଡ଼ା ନିକଟରେ ମୃତଦେହ ଫିଙ୍ଗି ଦିଆଯାଇଥିଲା। ଘଟଣାକୁ ନେଇ ଥାନାରେ ରାୟଗଡ଼ା ଏସପି ସୁଶ୍ରୀ ସ୍ୱାଥୀ ଏସ. କୁମାର, ଏସଡିପିଓ ଗୌରହରି ଦାସ ଓ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ଉପସ୍ଥିତିରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୪ଟି ଟିମ୍ ଗଠନ କରାଯାଇଛି ଏବଂ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସପି ସୁଶ୍ରୀ ସ୍ୱାଥୀ ଏସ. କୁମାର ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ

**ବାଇକ୍ ପୋଡ଼ିଲେ ଲୋକେ**

ହତ୍ୟାକାଣ୍ଡର ସମୀକ୍ଷା କରିବା ପରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଲ ସିଂ ଗଣମାଧ୍ୟମକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, 'ଘଟଣାକୁ ପୁଲିସ ଅତି ଗୁରୁତର ଭାବେ ନେଇଛି ଏବଂ ଅଭିଯୁକ୍ତଙ୍କୁ ଧରିବା ପାଇଁ ମୋଟ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଭୁବନେଶ୍ୱରର ସାଇବର ଏକ୍ସପର୍ଟଙ୍କ ସହାୟତା ନିଆଯାଉଥିବା ବେଳେ ତଦନ୍ତକାରୀ ଟିମ୍ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ତନାଘନା ଆରମ୍ଭ କରିଛନ୍ତି।

## ବେଆଇନ୍ ବାଲି ଚାଲାଣ

# ବାଲି ମାଫିଆ-ପୁଲିସ ମଧୁଚନ୍ଦ୍ରିକା ଅଭିଯୋଗ

**ବଲାଙ୍ଗୀର,୧୧।୫/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ନଦୀରୁ ପ୍ରତିଦିନ ବେଆଇନ ଭାବରେ ଶତାଧିକ ଭାରିଯାନ ଯୋଗେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବିନା ରୟାଲଟି କିମ୍ବା କୌଣସି ଆଇନଗତ କାଗଜପତ୍ର ନଥାଇ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଏହି କାରବାର ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଜିଲ୍ଲା ରାଜସ୍ୱ, ଖଣି ବିଭାଗ ତଥା ପୁଲିସ ପ୍ରଶାସନ ଏ ସମ୍ପର୍କରେ ଜାଣିଥିଲେ ହେଁ କୌଣସି ଦୃଢ଼ ପଦକ୍ଷେପ ନେଉନାହାନ୍ତି, ଯାହା ବାଲି ମାଫିଆଙ୍କୁ ଆହୁରି ପ୍ରୋତ୍ସାହିତ କରୁଛି। ଗତ କିଛି ମାସ ହେବ ନିର୍ଦ୍ଦିଷ୍ଟ କେତେଜଣ ଚୋରା ବ୍ୟବସାୟୀ ଜିଲ୍ଲାର ବିଭିନ୍ନ ନଦୀରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ବଲାଙ୍ଗୀର ସହର ସମେତ ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ମଧ୍ୟ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ପୁଲିସ ପ୍ରଶାସନର ଦୋମୁହାଁ ନୀତିକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗତକାଲି ବାଲି ଚୋରା ଚାଲାଣ କରୁଥିବା ସମୟରେ ପୁଇଁତଲା ପୁଲିସ ଦୁଇଟି ଭାରିଯାନ (ଓଡି-୦୩-ଏଏ-୯୧୧୬ ଏବଂ ଓଡି-୦୩-ଏସି-୫୧୧୨)କୁ ଜବତ କରିଥିଲା। ମାତ୍ର ଅଭିଯୋଗ ହୋଇଛି ଯେ, ପୁଇଁତଲା ପୁଲିସ ଜିଲ୍ଲା ଖଣି ଅଧିକାରୀଙ୍କ ବିନା ପରାମର୍ଶରେ ସନ୍ଧ୍ୟା ସମୟରେ ଜବତ ଗାଡ଼ି ଦୁଇଟିକୁ ଛାଡ଼ି ଦେଇଛି। ଏ ସମ୍ପର୍କରେ ଉପଖଣ୍ଡ ପୁଲିସ ଅଧିକାରୀ ଏବଂ ଅତିରିକ୍ତ ପୁଲିସ ଅଧୀକ୍ଷକଙ୍କୁ ପଚରାଯିବାରୁ ସେମାନେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। କେବଳ ତଦନ୍ତ ଚାଲିଛି କହି ସେମାନେ ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। ବାଲି ମାଫିଆ ଓ ପୁଲିସ ମଧ୍ୟରେ ଥିବା ଏହି ମଧୁଚନ୍ଦ୍ରିକା ଯୋଗୁଁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। କୌଣସି ପ୍ରକାର ଅନୁମତି ନଥିବା ଏକ ବାଲିଘାଟରୁ ଏହି ବାଲି ଆସୁଥିବା ବେଳେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତିରେ ଗାଡ଼ି ଛଡ଼ାଯାଇଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହେଉଛି।



## ଖୋଲାଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା

# ସମାଧାନ ପାଇଁ କଂଗ୍ରେସର ୮ ଘଣ୍ଟିଆ ଧାରଣା

**ଟିଟିଲାଗଡ଼,୧୧।୫/ଏନ୍ଏନ୍ଏସ୍:** ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଖୋଲାଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଓ ବ୍ୟାପକ ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ କଂଗ୍ରେସ କମିଟି ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସମାଧାନ ଦାବି କରି ଆଜି ବରିଷ୍ଠ କଂଗ୍ରେସ ନେତା ବିରେନ୍ଦ୍ର ବାଗଙ୍କ ନେତୃତ୍ୱରେ ସ୍ଥାନୀୟ ପୁରୁଷ ଓ ମହିଳାମାନେ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଦୀର୍ଘ ୮ ଘଣ୍ଟା ଧରି ଧାରଣା ଦେଇଥିଲେ। ପରେ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅଞ୍ଚଳର ରକ୍ତହୀନତା ରୋଗୀମାନେ ଦୀର୍ଘ ୧୨ ମାସରୁ ଅଧିକ ସମୟ ହେବ ସେମାନଙ୍କର ମାସିକ ଭତ୍ତା ପାଉନାହାନ୍ତି। ସେହିପରି ଯକ୍ଷ୍ମା ରୋଗୀଙ୍କୁ ସଠିକ୍ ସମୟରେ ଔଷଧ ନମିଳିବା ଏବଂ ଗର୍ଭବତୀ ମହିଳା ଓ ଆଶା କର୍ମୀଙ୍କ ସରକାରୀ ପ୍ରୋତ୍ସାହନ ରାଶି ଦୀର୍ଘ ୩ ମାସରୁ ଅଧିକ ସମୟ ହେବ ବାକି ପଡ଼ିଥିବା ଅଭିଯୋଗ ହୋଇଛି। ଦାବିପତ୍ରରେ ଖୋଲାଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ଡାକ୍ତରୀ ସେବା ନିଶ୍ଚିତ କରିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ଦୂର କରିବା ଏବଂ ଜଣେ ଶିଶୁ ବିଶେଷଜ୍ଞ ଓ ଫିଜିଓଥେରାପି କର୍ମୀଙ୍କ ନିଯୁକ୍ତି ପାଇଁ ଦାବି କରାଯାଇଛି। ଏହି ଅବସରରେ ବିରେନ୍ଦ୍ର ବାଗଙ୍କ ସମେତ ଦୁର୍ଯ୍ୟୋଧନ ସୁନା, ମଦନଲାଲ ନାଗ, ସୁବାଷ ଚନ୍ଦ୍ର ଭୋଇ, ଅନନ୍ତ ଛୁରା, ଲମ୍ବୁ ସୁନା ଓ କୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ମାରକପତ୍ରର ନକଲ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଡାକ୍ତର ମିନିକେତନ କିଷାନଙ୍କ ଜରିଆରେ ପ୍ରେରଣ କରାଯାଇଛି।

# ୪ ଘଣ୍ଟା ନୟାନ୍ତ ପରେ ଯନ୍ତାରେ ପଡ଼ିଲା ଭାଲୁ

**ନବରଙ୍ଗପୁର,୧୧।୫/ଏନ୍ଏନ୍ଏସ୍:** ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ଦେଉଳା ଗାଁ ନିକଟରେ ଦୀର୍ଘ ୪ ଘଣ୍ଟାର ସନ୍ଧାନ ଓ ଅପରେଶନ୍ ପରେ ଶେଷରେ ଏକ ଭାଲୁକୁ କାବୁ କରିବାରେ ବନ ବିଭାଗ ସଫଳ ହୋଇଛି। ନବରଙ୍ଗପୁର ରେଞ୍ଜର ଏକ କଲଭର୍ଟ ଭିତରେ ଲୁଚି ରହିଥିବା ଏହି ଭାଲୁକୁ ଫରେଷ୍ଟର ଲକି ମାଝୀଙ୍କ ନେତୃତ୍ୱରେ ୧୫ ଜଣିଆ ବନ କର୍ମଚାରୀଙ୍କ ଏକ ଦଳ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଭାଲୁକୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଯନ୍ତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସରଞ୍ଜାମ ବ୍ୟବହାର କରାଯାଇଥିଲା। ସନ୍ଧ୍ୟା ସମୟରେ ପ୍ରାୟ ୬ ବର୍ଷ ବୟସ୍କର ଏହି ଭାଲୁଟି ଯନ୍ତା ଭିତରକୁ ଆସିବା ପରେ ତାକୁ କାବୁ କରାଯାଇଥିଲା। ବର୍ତ୍ତମାନ ଭାଲୁଟିକୁ ଏକ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ପୁଣି ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଦେଉଳା ଗାଁ ନିକଟସ୍ଥ ନବରଙ୍ଗପୁର-କୋଷାଗୁମୁଡ଼ା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କାଜୁ ବଗିଚାକୁ ଏହି ଭାଲୁଟି ନିୟମିତ ଭାବେ ଚାଲି ଆସୁଥିଲା। ଏପରିକି ଅନେକ ସମୟରେ ଭାଲୁଟି ମୁଖ୍ୟ ରାସ୍ତା ଉପରେ ଚଲାବୁଲା କରୁଥିବାର ଦେଖାଯାଉଥିଲା।

## ଘରୋଇ ହିଂସାର ସମାଧାନ ପାଇଁ ସମୁଦାୟସ୍ତରୀୟ ପରାମର୍ଶ ବୈଠକ

# ମହିଳା ସଚେତନତା ଓ ସ୍ୱାବଲମ୍ବୀ ଉପରେ ଗୁରୁତ୍ୱ

**ଜୟପୁର,୧୧।୫/ଏନ୍ଏନ୍ଏସ୍:** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଆଜି କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥ ଜିଲ୍ଲା ତାଲିମ୍ କେନ୍ଦ୍ରଠାରେ ଏକ ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାର ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘରୋଇ ହିଂସାର ସମାଧାନ ଓ ମହିଳା ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ କୋରାପୁଟ ଡିଏସପି ବିରଞ୍ଚି ଜଗତ, ମାଲକାନଗିରି ଆଇଆଇସି ସୁନୀଲ କୁମାର ସ୍ୱାଇଁ, ରାୟଗଡ଼ାର ସରକାରୀ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିପ୍ରଭା ଦାସ, ବରିଷ୍ଠ ସମାଜସେବୀ ସ୍ୱର୍ଣ୍ଣଲତା ମହାନ୍ତି ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର କୃଷ୍ଣ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ଚାରୋଟି ଜିଲ୍ଲାରୁ ଆସିଥିବା ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ପ୍ରେରଣା ଦିଦି, ସଖୀ କେନ୍ଦ୍ର ସଂଯୋଜିକା, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା ଏବଂ ସମାଜସେବୀମାନେ ଅଂଶଗ୍ରହଣ କରି ଘରୋଇ ହିଂସା ରୋକିବାରେ ସମୁଦାୟର ଭୂମିକା ଉପରେ ମତାମତ ଦେଇଥିଲେ। ଘରୋଇ ହିଂସା ଓ ଯୌତୁକ ନିଷେଧ ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଦ୍ୟମାନ ବ୍ୟବସ୍ଥାଗୁଡ଼ିକ କିପରି ସହାୟକ ହେଉଛି, ସେ ନେଇ ପ୍ରଶ୍ନୋତ୍ତର ଅଧିବେଶନ ମାଧ୍ୟମରେ ଆଲୋକପାତ କରାଯାଇଥିଲା। ମହିଳାମାନେ ଶିକ୍ଷିତ, ସଚେତନ ଓ ସ୍ୱାବଲମ୍ବୀ ହେଲେ ହିଁ ହିଂସାର ମାତ୍ରା ହ୍ରାସ ପାଇବ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କ ଅଧିକାର ଓ ସରକାରୀ ସହାୟତା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ସମ୍ମାନଜନକ ଜୀବନ ବଞ୍ଚିବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା, ରାଜ କିଶୋର ପଣ୍ଡା ଓ ଗବେଷକ ଡକ୍ଟର ଆଭାସ କୁମାର ଏହାକୁ ପରିଚାଳନା କରିଥିଲେ। ସୁଧାଂଶୁ ଭୂଷଣ ମହାରଣା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ମୋବାଇଲ୍ ଟାୱାର ଉପରେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ରାୟଗଡ଼ା,୧୧।୫/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର କୁମ୍ଭାର ସାହି ନିକଟରେ ଜଣେ ମଦ୍ୟପ ଯୁବକ ମୋବାଇଲ୍ ଟାୱାର ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଆଜି ଜଣେ ଯୁବକ ଅତ୍ୟଧିକ ମଦ୍ୟପାନ କରି ଏକ ମୋବାଇଲ୍ ଟାୱାର ଉପରକୁ ଚଢ଼ିଯାଇଥିଲେ। ଯୁବକ ଜଣଙ୍କୁ ଟାୱାର ଉପରେ ଦେଖି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିଡ଼ ଜମିବା ସହ ଆତଙ୍କ ଖେଳିଯାଇଥିଲା। ଉପସ୍ଥିତ ଲୋକେ ତାଙ୍କୁ ତଳକୁ ଓହ୍ଲାଇ ଆସିବା ପାଇଁ ବହୁ ବୁଝାସୁଝା କରିଥିଲେ ହେଁ ସେ କାହାରି କଥା ଶୁଣିନଥିଲେ। ପରିସ୍ଥିତି ଜଟିଳ ହେବାରୁ ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ଟାୱାର ଉପରକୁ ଚଢ଼ି ଯୁବକଙ୍କୁ ବୁଝାଇବା ସହ କୌଶଳକ୍ରମେ ତାଙ୍କୁ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇ ଆଣିବାରେ ସଫଳ ହୋଇଥିଲେ। ତେବେ ଯୁବକ ଜଣଙ୍କ କେଉଁ କାରଣ ପାଇଁ ଏଭଳି ଚରମ ପଦକ୍ଷେପ ନେଇଥିଲେ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଯୁବକଙ୍କୁ ଉଦ୍ଧାର କରାଯିବା ପରେ ସ୍ଥାନୀୟ ଲୋକେ ଓ ପ୍ରଶାସନ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।



### ଦୁଇ ହାତ ହାଣିଦେଲେ ...

ବୁଝାସୁଝା କରିଥିଲେ। ସେତିକିବେଳେ ଏକ ଧଳାରଙ୍ଗର ବଲେରୋ ଗାଡ଼ି କେନାଲ ଛକପଟୁ ଆସି ତାଙ୍କ ନିକଟରେ ପହଞ୍ଚିଥିଲା। ଗାଡ଼ିରୁ ୫ରୁ ୬ଜଣ ଦୁର୍ବୃତ୍ତ ଦୁଇସାଙ୍ଗ ଅଜିତ ଏବଂ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ପରେ ବଲେରୋରୁ ଏକ ଖଣ୍ଡା ବାହାର କରି ଦୁର୍ବୃତ୍ତମାନେ ଅଜିତର ଦୁଇ ହାତକୁ ହାଣି ଅଲଗା କରିଦେଇଥିଲେ। ଅଜିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିବାର କିଛି ସମୟ ପରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଏହି ସମୟରେ ଅଜିତଙ୍କ ସାଙ୍ଗ ସନ୍ତୋଷ ଭୟଭୀତ ହୋଇ ନିଜ ଜୀବନ ବଞ୍ଚାଇବାକୁ ଘଟଣା ସ୍ଥଳରୁ ଯାଇ ଇଟା ଗଦାପାଖରେ ଲୁଚି ରହିଥିଲେ। ଘଟଣା ଘଟାଇବା ପରେ ବଲେରୋ ଗାଡ଼ିରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳଛାଡ଼ି ଚାଲି ଯାଇଥିଲେ। ଖବରପାଇ ଓଡ଼ଗାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ତନାଘନା ଆରମ୍ଭ କରିଛି। ପୁଲିସ ଗାଡ଼ିମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ଅନ୍ୟଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି। ଉତେଜନାକୁ ଦୃଷ୍ଟିରେ ରଖି ୪ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ନୟାଗଡ଼– ଭଞ୍ଜନଗର ୨୧ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ରେଡ଼କ୍ରସରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ବେଳେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଅଜିତଙ୍କ ସାଙ୍ଗ ସନ୍ତୋଷ ସବୁ କାହାଣି ପୁଲିସ ଆଗରେ ଗୋଟିଗୋଟି କରି କହିଛନ୍ତି। କିଭଳି ସାଙ୍ଗ ଅଜିତକୁ ଅତି ନିର୍ମମ ଭାବେ ହତ୍ୟା କରାଗଲା,ଏଥିରେ କେଉଁ କେଉଁମାନେ ସାମିଲ ଅଛନ୍ତି ତାହା ପ୍ରକାଶ କରିଛନ୍ତି। ନୟାଗଡ଼ରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଆଇଜି (ପିସିଆର) ସତ୍ୟଜିତ ନାୟକ ଏବଂ ଏସପି ଏସ ସୁଶ୍ରୀ ଘଟଣା ସ୍ଥଳରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ଅଜିତଙ୍କ ସାଙ୍ଗ ସନ୍ତୋଷଙ୍କୁ ଆଇଜି ସମସ୍ତ ଘଟଣା ସଂପର୍କରେ ପଚାରିଛନ୍ତି। ନୟାଗଡ଼ ଜିଲ୍ଲାର ସମସ୍ତ ପୁଲିସ ଅଧିକାରୀ ଓ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥିରେ ଆଡିସନାଲ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଶରଣକୁଳ ଏସଡ଼ିପିଓ ଦିପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଆଇଆଇସି ସତ୍ୟନାରାୟଣ ବାରିକ,ଶରଣକୁଳ ଆଇଆଇସି ସୁଜିତ କୁମାର ଦାଶ ଉପସ୍ଥିତ ରହି ତଦନ୍ତ କରୁଛନ୍ତି।

### ବାଂଲାଦେଶ ସୀମାରେ ...

ଅଂଶଗ୍ରହଣ କରିବାକୁ ଅନୁମତି ଦେଇଛନ୍ତି। ସେହିପରି ପୂର୍ବର ମମତା ସରକାର ଆଇପିସି ଏବଂ ସିଆରପିସି ବଦଳରେ ବିଏନ୍ଏସ୍‌କୁ ଲାଗୁ କରିବା ପାଇଁ ଅନୁମତି ଦେଇନଥିଲେ, ଯାହାକୁ ଶୁଭେନ୍ଦୁ ଅଧିକାରୀ ଏବେ ଲାଗୁ କରିବାକୁ ଗ୍ରୀନ୍ ସିଗ୍‌ନାଲ୍ ଦେଇଛନ୍ତି। କ୍ୟାବିନେଟ୍ ପରେ ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି ଯେ, ରାଜ୍ୟରେ ସମସ୍ତ କେନ୍ଦ୍ରୀୟ ଯୋଜନାଗୁଡିକୁ ଖୁବଶୀଘ୍ର ଲାଗୁ କରାଯିବ। ଉଜ୍ଜ୍ୱଳା ଯୋଜନା ସହ ଜଡ଼ିତ ସମସ୍ତ ବିଚାରାଧୀନ ଆବେଦନଗୁଡ଼ିକୁ କେନ୍ଦ୍ର ପାଖକୁ ପଠାଯାଇଛି। ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ରାଜ୍ୟର କୋଟି କୋଟି ହିତାଧିକାରୀ ରନ୍ଧନ ଗ୍ୟାସ୍‌ର ଲାଭ ନେଇପାରିବେ। ସେହିପରି ଆଜିର କ୍ୟାବିନେଟ୍‌ରେ ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ଉନ୍ନତ କରିବା ପାଇଁ ସରକାରୀ ଚାକିରି ଆବେଦନର ସର୍ବୋଚ୍ଚ ବୟସ ସୀମା ପାଞ୍ଚ ବର୍ଷ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଲକ୍ଷାଧିକ ଆଶାୟୀ ଉପକୃତ ହୋଇପାରିବେ। ଜନଗଣନା ପ୍ରକ୍ରିୟାକୁ ମଧ୍ୟ ତାଙ୍କ ସରକାର ପ୍ରାଥମିକତା ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜନୈତିକ ହିଂସା ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ସରକାର "ରାଜନୈତିକ ସଂଘର୍ଷ" ସମୟରେ ପ୍ରାୟ ୩୨୧ ଦଳୀୟ କର୍ମୀଙ୍କ ମୃତ୍ୟୁ ସହିତ ଜଡିତ ମାମଲାଗୁଡ଼ିକର ତଦନ୍ତ କରିବାକୁ ଏବଂ ଅପରାଧୀଙ୍କୁ ଦଣ୍ଡିତ କରିବାକୁ ପ୍ରସ୍ତୁତ ଅଛନ୍ତି, ଯଦି ମୃତକଙ୍କ ପରିବାର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବେ। ନିର୍ବାଚନୀ ହିଂସାରେ ପ୍ରାଣ ହରାଇଥିବା ୩୨୧ ଜଣ ବିଜେପି କର୍ମୀଙ୍କ ପରିବାରର ଦାୟିତ୍ୱ ରାଜ୍ୟ ସରକାର ବହନ କରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶୁଭେନ୍ଦୁ ଅଧିକାର ଏହି ପରିପ୍ରେକ୍ଷୀରେ ଏକ ବଡ଼ ଘୋଷଣା ମଧ୍ୟ କରିଛନ୍ତି। ସେ କହିଛନ୍ତି, 'ଲକ୍ଷ୍ମୀ ଭଣ୍ଡାର ଯୋଜନା' ଭଳି ପୂର୍ବ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ସମସ୍ତ କଲ୍ୟାଣକାରୀ ଯୋଜନା ପୂର୍ବବତ୍ ଜାରି ରହିବ। କୌଣସି ଜନକଲ୍ୟାଣକାରୀ ଯୋଜନାକୁ ତାଙ୍କ ସରକାର ବନ୍ଦ କରିବା ସପକ୍ଷରେ ନାହାନ୍ତି। ପ୍ରକାଶ, ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହି ଯୋଜନା ଅନ୍ତର୍ଗତ, ଯୋଗ୍ୟ ହିତାଧିକାରୀ ଅନୁସୂଚିତ ଜାତି କିମ୍ବା ଜନଜାତିର ୨୫ରୁ ୬୦ ବର୍ଷ ବୟସର ମହିଳାମାନେ ପ୍ରତି ମାସରେ ୧,୨୦୦ ଟଙ୍କା ପର୍ଯ୍ୟନ୍ତ ଭତ୍ତା ପାଆନ୍ତି, ଯେତେବେଳେ ଅନ୍ୟ ବର୍ଗର ମହିଳାମାନେ ମାସିକ ୧,୦୦୦ ଟଙ୍କା ପାଇଥାନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଯୋଜନାକୁ ଜାରି ରଖିବାକୁ ତାଙ୍କ ସରକାର ନିଷ୍ପତ୍ତି ନେଇଛନ୍ତି।

## ଆଜିର ଇତିହାସ

- ୧୪୫୯-ଯୋଧପୁରର ସ୍ଥାପନା ହୋଇଥିଲା।
- ୧୬୬୬-ପୁରନ୍ଦର ସନ୍ଧି ଅନ୍ତର୍ଗତ ଶିବାଜୀ ମହାରାଜ, ଔରଙ୍ଗଜେବଙ୍କୁ ସାକ୍ଷାତ କରିବାକୁ ଆଗ୍ରା ପହଞ୍ଚିଥିଲେ।
- ୧୯୧୫-କ୍ରାନ୍ତିକାରୀ ରାସବିହାରୀ ଜାପାନୀ ନୌକା ସାହାଯ୍ୟରେ ଦେଶ ଛାଡ଼ିଥିଲେ।
- ୧୯୫୪-ରାଜନୀତିଜ୍ଞ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ କେ ପଲାନୀସ୍ୱାମୀ ଜନ୍ମଗ୍ରହଣ କରିଥିଲେ।
- ୧୯୮୯- ଭାରତୀୟ ମହିଳା ଖେଳାଳି ଶିଖା ପାଣ୍ଡେଙ୍କ ଆଜି ଜନ୍ମଦିନ।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ**: ଆର୍ଥିକ ଦୃଷ୍ଟିରୁ ଦିନଟି ଲାଭକାରୀ। ଅଟକିଥିବା ଧନ ଫେରିପାଇବେ। ବ୍ୟାପାରିକ ଦୃଷ୍ଟିକୋଣରୁ ନିରନ୍ତର ପ୍ରଗତି କରିବେ। ସନ୍ତାନ ପକ୍ଷରୁ ଶୁଭ ସମାଚାର ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସ୍ଥିତି ଭଲ ରହିବ।

**ବୃଷ**: ବ୍ୟବସାୟିକ କ୍ଷେତ୍ରରେ ସଫଳତା ପାଇବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ଉର୍ଜାବାନ ଅନୁଭବ କରିବେ। ପେସାଗତ ଜୀବନରେ ଉନ୍ନତି ଓ ସଫଳତା ପ୍ରାପ୍ତ କରିବେ। ପ୍ରେମ ଜୀବନ ଭଲରେ କଟିବ।

**ମିଥୁନ**: କାଲି ଭାଗ୍ୟର ସହଯୋଗ ରହିବ। ମହତ୍ତ୍ୱପୂର୍ଣ୍ଣ କାମ ପୂରା ହେବ। ଯାତ୍ରା ଲାଭଦାୟକ ସିଦ୍ଧ ହେବ। ଭାଗ୍ୟର ସହଯୋଗ ପାଇବେ। ପ୍ରେମ ସମ୍ବନ୍ଧରେ ମଧୁରତା ଆସିବ।

**କର୍କଟ**: ସାବଧାନ ରହିବାର ଦିଗ। ପ୍ରେମ ଜୀବନରେ ଉତ୍ଥାନ-ପତନ ସ୍ଥିତି ରହିବ। ସ୍ୱାସ୍ଥ୍ୟ ମଧ୍ୟମ ରହିପାରେ। ବିଶେଷ ଧ୍ୟାନ ଦେବାର ଆବଶ୍ୟକ ରହିଛି। ବ୍ୟାପାରିକ ଦୃଷ୍ଟିକୋଣରୁ ଦିନଟି ମଧ୍ୟମ ଫଳଦାୟୀ।

**ସିଂହ**: ଦିନଟି ଅଦ୍ଭୁତ ଫଳ ଦେବ। ଅବିବାହିତଙ୍କ ପାଇଁ ବିବାହ ସ୍ଥିର ହୋଇପାରେ। ବ୍ୟାପାରିକ ଲାଭର ଭଲ ସ୍ଥିତି ରହିଛି। ସ୍ୱାସ୍ଥ୍ୟ, ପ୍ରେମ ଓ ବ୍ୟାପାର ତିନି ସ୍ତରରୁ ଦିନଟି ମଜଭୁତ।

**କନ୍ୟା**: ସକାରାତ୍ମକ ପରିବର୍ତ୍ତନ ନେଇ ଦିନଟି ଆସିବ। ବିରୋଧୀମାନେ ମିତ୍ରବତ୍ ବ୍ୟବହାର କରିବେ। ଅଟକିଥିବା କାମକୁ ଗତି ମିଳିବ। ବୟସ୍କମାନଙ୍କୁ ଆଶୀର୍ବାଦ ଓ ସହଯୋଗ ମିଳିବ।

**ତୁଳା**: ମନ ପ୍ରଫୁଲ୍ଲ ରହିବ। ବିଦ୍ୟାର୍ଥୀ, ଲେଖକ ଓ କବିଙ୍କ ପାଇଁ ଦିନଟି ଶ୍ରେଷ୍ଠ ଓ ଉନ୍ନତିଦାୟକ। ମନୋରଞ୍ଜନ ଦୁନିଆ ସହିତ ଯୋଡ଼ିହେବେ। ସ୍ୱାସ୍ଥ୍ୟରେ ସୁଧାର ହେବ ଓ ଅଗ୍ରସର ହେବେ।

**ବିଛା**: ସୁଖ-ସୁବିଧା ବୃଦ୍ଧି ହେବ। ଭୂମି, ଭବନ ବା ବାହନ କିଣିବାର ଯୋଗ ରହିଛି। ଘରେ କୌଣସି ଶୁଭ ସଂସ୍କାର ବା ଉତ୍ସବ ହୋଇପାରେ। ପ୍ରେମର ସ୍ଥିତି ସୁଖଦ ରହିବ।

**ଧନୁ**: ପରାକ୍ରମ ଓ ଉତ୍ସାହରେ ଭରି ରହିବେ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ହେବ ଓ ଫୁର୍ତ୍ତିଲା ରହିବେ। ପ୍ରେମ ସମ୍ବନ୍ଧର ସ୍ଥିତି ଖୁବ୍ ବଢ଼ିଆ ରହିବ।

**ମକର**: ଆଜି ଧନ ଆଗମନ ହୋଇପାରେ। କୁଟୁମ୍ବ ସଦସ୍ୟଙ୍କ ମଧ୍ୟରେ ବୁଝାମଣା ଓ ସାମଞ୍ଜସ୍ୟ ରହିବ। ନିଜ ଦିନଚର୍ଯ୍ୟା ଉପରେ ଧ୍ୟାନ ଦିଅନ୍ତୁ। ପ୍ରେମ ସମ୍ବନ୍ଧ ସୁଖମୟ ରହିବ।

**କୁମ୍ଭ**: ସାମାଜିକ ସ୍ତରରେ ଉଚ୍ଚପଦ ପ୍ରାପ୍ତ କରିବେ। ସମାଜରେ ତାଙ୍କର ପ୍ରଶଂସା ହେବ। ଆବଶ୍ୟକୀୟ ଜିନିଷର ଉପଲବ୍ଧତା ରହିବ। ବ୍ୟାପାରିକ ଦୃଷ୍ଟିକୋଣରୁ ଦିନଟି ଅନୁକୂଳ।

**ମୀନ**: ମାନସିକ ଓ ଶାରୀରିକ ସ୍ତରରେ ଦୁର୍ବଳ ଅନୁଭବ କରିବେ। ଛୋଟ ଛୋଟ ଜିନିଷର କ୍ଷତି ସହିବେ। ବ୍ୟାପାର ଅଳ୍ପ ମଧ୍ୟମ ରହିବ। ନିବେଶରେ ସାବଧାନ ରହିବା ଜରୁରୀ। ପ୍ରେମ ସମ୍ବନ୍ଧରେ ଦୂରତା ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଳମୁଦ୍ଦିଶ୍ୟ ବା ପୁନଃ।
ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍। (୧୭/୨୧)
ଅଦେଶକାଳେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ।
ଅସତ୍କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍। (୧୭/୨୨)

ପୁଣି ପ୍ରତ୍ୟୁପକାର ଆଶାରେ ବା ସ୍ୱର୍ଗାଦି ଫଳ କାମନାରେ ଅନିଚ୍ଛାରେ ଯେଉଁ ଦାନ କରାଯାଏ, ତାକୁ ରାଜସ ଦାନ ବୋଲାଯାଏ। ଯେଉଁ ଦାନ ଅଜାଗାରେ, ଅନୁପଯୁକ୍ତ ସମୟରେ ଓ ଅପାତ୍ରରେ ସତ୍କାରରହିତ ଆବଜ୍ଞାପୂର୍ବକ ଦିଆଯାଏ ତାହା ତାମସ ଦାନ। କହିବାର ଅଭିପ୍ରାୟ ଯେ ଯିଏ ଉପକାର ପାଇବା ଆଶାରେ ଇଚ୍ଛା ନଥିବ କିନ୍ତୁ ଦାନ କରେ, ଯିଏ କାଳ ପାତ୍ର ଓ ସ୍ଥାନ ବିବେଚନା ନକରି ବିରକ୍ତି ସହକାରେ ଦାନ କରେ ସେହି ଦାନଟି ତାମସ ସ୍ୱଭାବର ଦାନ ବୋଲି ପରିଗଣିତ ହେଇଥାଏ।

# ପୃଥିବୀ ଓ ମଙ୍ଗଳ ଗ୍ରହର ସମ୍ପର୍କ

ବ୍ରହ୍ମାଣ୍ଡରେ ଏପରି ରହସ୍ୟଗୁଡ଼ିଏ ରହିଛି ଯେଉଁଗୁଡ଼ିକ ସମ୍ପର୍କରେ ସମୟ ସମୟରେ ଅଲଗା ଅଲଗା ତଥ୍ୟ ମିଳିଛି। ନିକଟରେ ବୈଜ୍ଞାନିକମାନେ ଏପରି ଏକ ଅନ୍ୱେଷଣ କରିଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏଥିରୁ ବୁଝି ହେଉଛି ପୃଥିବୀର ନିର୍ମାଣ କରୁଥିବା ପଦାର୍ଥ ମୂଳତଃ କେଉଁଠାରୁ ଆସିଥିଲା। ଏହି କାରଣରୁ ଗ୍ରହର ଉତ୍ପତ୍ତି ସମ୍ପର୍କରେ ପୂର୍ବର ସିଦ୍ଧାନ୍ତଗୁଡ଼ିକୁ ଆହ୍ୱାନ ମିଳିଛି। ପୃଥିବୀର ନିର୍ମାଣ କିପରି ହୋଇଥିଲା ଏହି ଅନ୍ୱେଷଣ ଉପରେ ବୈଜ୍ଞାନିକମାନେ ପ୍ରାୟତଃ କାମ କରିଛନ୍ତି। ସେମାନଙ୍କ ଅନୁସାରେ ବୁଧ, ଶୁକ୍ର ଓ ମଙ୍ଗଳ ସହିତ ପୃଥିବୀର ନିର୍ମାଣ ଆଭ୍ୟନ୍ତରୀଣ ସୌରମଣ୍ଡଳରେ ହୋଇଥିଲା। ଏହାର ପଦାର୍ଥର ଏକ ବଡ଼ ଭାଗ ବୃହସ୍ପତିର କକ୍ଷରୁ ଉର୍ଦ୍ଧ୍ୱରେ ବାହାରର ସୌରମଣ୍ଡଳରୁ ଆସିଥାଇପାରେ ବୋଲି କୁହାଉଥିଲେ ମଧ୍ୟ ନୂଆ ଅଧ୍ୟୟନ ଭିନ୍ନ ତଥ୍ୟ ଦେଇଛି। ଏହା ଅନୁସାରେ ପୃଥିବୀର ନିର୍ମାଣ ପାଖାପାଖି ସମ୍ପୂର୍ଣ୍ଣ ଭାବରେ ଆଭ୍ୟନ୍ତରୀଣ ସୌରମଣ୍ଡଳରୁ ମିଳୁଥିବା ପଦାର୍ଥରୁ ହୋଇଥିଲା। ବୈଜ୍ଞାନିକମାନେ ମେଟିୟୋରାଇଟ୍ସ ଅର୍ଥାତ ଉଲ୍‌କାପିଣ୍ଡର ଯାଞ୍ଚ କରିଥିଲେ। ଏହାପରେ ବୈଜ୍ଞାନିକମାନେ ମଙ୍ଗଳ ଓ ଭେଷ୍ଟା (ଉଲ୍‌କାପିଣ୍ଡର ଏକ ବଡ଼ ଖଣ୍ଡ)ର ମେଟିୟୋରାଇଟ୍ସ ତୁଳନା ପୃଥିବୀ ସହିତ କରି ଆଶ୍ଚର୍ଯ୍ୟ କରିବା ପରି ପଳାଫଳ ପାଇଥିଲେ। ପୃଥିବୀର ସୌରମଣ୍ଡଳର ମ୍ୟାଟେରିଆଲ୍ ପୃଥିବୀର ପୂରା ଓଜନର ଦୁଇ ପ୍ରତିଶତରୁ ବି କମ୍ ଅଛି। ପୃଥିବୀର ନିର୍ମାଣ ଗୋଟିଏ ପ୍ରକାରର ପଦାର୍ଥର ଭଣ୍ଡାର ଦ୍ୱାରା ହୋଇଛି। ପୃଥିବୀର ଆଭ୍ୟନ୍ତରୀଣ ଭାଗ ମ୍ୟାଟେରିଆଲ୍ ଦ୍ୱାରା ଭରପୂର। ପୃଥିବୀ ସମ୍ପୂର୍ଣ୍ଣ ଭାବରେ ଅଣ-କାର୍ବନଯୁକ୍ତ ପଦାର୍ଥ ଦ୍ୱାରା ତିଆରି ହୋଇଛି। ଏକଥାର କୌଣସି ପ୍ରମାଣ ନାହିଁ ଯେ ଆଭ୍ୟନ୍ତରୀଣ ଓ ବାହାରର ସୌରମଣ୍ଡଳର ପଦାର୍ଥଗୁଡ଼ିକର ସଂଯୋଜନରୁ ଏହା ତିଆରି ହୋଇଛି। ବୈଜ୍ଞାନିକମାନଙ୍କ ଅନୁସାରେ ବୃହସ୍ପତି ନିଜର ପ୍ରବଳ ମାଧ୍ୟାକର୍ଷଣ ଶକ୍ତି କାରଣରୁ ସୌରମଣ୍ଡଳକୁ ଆକାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଓ ମଙ୍ଗଳର ଆକାରକୁ ପ୍ରଭାବିତ କରିଛି, କ୍ଷୁଦ୍ରଗ୍ରହ ପେଟିର ନିର୍ମାଣ କରିବାରେ ଏହା ସହାୟତା କରିଛି ଓ ଯୁବ ସୌରମଣ୍ଡଳକୁ ଦୁଇଟି ଅଲଗା ଅଲଗା ପଦାର୍ଥ ଭଣ୍ଡାରଗୁଡ଼ିକରେ ବିଭାଜିତ କରାଯାଇଛି। ନୂଆ ବୈଜ୍ଞାନିକ ବିଶ୍ଳେଷଣରେ ଶୁକ୍ର ଓ ବୁଧ ଗ୍ରହର ସଂରଚନାର ଅନୁମାନ ବି କରାଯାଇଛି। ସେମାନଙ୍କ ଅନୁସାରେ ପୃଥିବୀର ସଂରଚନା ମଙ୍ଗଳ ଗ୍ରହ ସହିତ ଅନେକଟା ମିଶୁଛି।



# ଅହମଦାବାଦର ଢୋକ୍‌ଲା

ଆମ ଦେଶରେ ଖୁସିରେ ଖୁସିରେ ଢୋକ୍‌ଲା ଖାଇବା ଏକ ସାଧାରଣ କଥା। କୌଣସି ସହରକୁ ଯାଇ ଲୋକମାନେ ଢୋକ୍‌ଲା ଖାଇବାର ଆନନ୍ଦ ଉଠାଇ ପାରିବେ। କିନ୍ତୁ ଏପରି ଏକ ସହର ରହିଛି ଯେଉଁ ସ୍ଥାନର ଢୋକ୍‌ଲା କେବଳ ଦେଶରେ ନୁହେଁ, ପୂରା ଦୁନିଆରେ ପ୍ରସିଦ୍ଧ। ଏହାକୁ କୁହାଯାଏ ଢୋକ୍‌ଲା କ୍ୟାପିଟାଲ୍। ସେଠାରେ ଢୋକ୍‌ଲା କେବଳ ଏକ ଜଳଖିଆ ନୁହେଁ, ଜୀବନଶୈଳୀର ଏକ ମୁଖ୍ୟ ଅଂଶବିଶେଷ। ଏହି ଢୋକ୍‌ଲା କ୍ୟାପିଟାଲ୍‌ର ନାମ ଅହମଦାବାଦ। ଏହି ସହରଟି କେବଳ ଢୋକ୍‌ଲା ଉତ୍ପତ୍ତିର କେନ୍ଦ୍ରବିନ୍ଦୁ ନୁହେଁ, ସ୍ୱାଦ ଓ ଗୁଣବତ୍ତାରେ ସେଠିକାର ଢୋକ୍‌ଲାର ବରାବର ଆଉ କେଉଁଠି ନାହିଁ। ଏହି ହାଲୁକା, ପୌଷ୍ଟିକ ଓ ଶସ୍ତା ସ୍ନାକ୍ସ ଯାହା ଶହ ଶହ ଷ୍ଟ୍ରିଟ୍ ଭେଣ୍ଡର୍ସ ଓ ପ୍ରସିଦ୍ଧ ଦୋକାନଗୁଡ଼ିକରେ ବିକ୍ରି ହେବାର ନଜର ଆସେ। ତେଣୁ ଅହମଦାବାଦ ବୁଲିବାକୁ ଯାଉଥିବା ପର୍ଯ୍ୟଟକମାନେ ଢୋକ୍‌ଲା ନଖାଇ ଘରକୁ ଫେରନ୍ତି ନାହିଁ। ଢୋକ୍‌ଲା ହଳଦିଆ ରଙ୍ଗର ସ୍ପଞ୍ଜି, ନରମ ଓ ଛିଦ୍ରଯୁକ୍ତ ହୋଇଥାଏ। ବେସନ, ଅଦା-ଲଙ୍କା, ଚିନି ଓ ହଳଦୀକୁ ମିଶାଇ ତିଆରି କରାଯାଏ ଢୋକ୍‌ଲା। ଏହା ଉପରେ ସୋରିଷ, ହିଙ୍ଗୁ, ଭୃର୍ସୁଙ୍ଗ ପତ୍ର, ନଡ଼ିଆ ଓ ଧଣିଆ ପତ୍ରକୁ ଗାର୍ଣ୍ଣିସ୍ କରାଯାଏ। ଏହାକୁ ଦେଖିବା ପରେ ଯେକୌଣସି ଲୋକର ମୁହଁରୁ ପାଣି ବାହାରିବା ସ୍ୱାଭାବିକ। ଅହମଦାବାଦରେ ଢୋକ୍‌ଲାର ରହିଛି ଅନେକ ଭେରାଇଟି। ସେଠିକାର ଖମମ ଢୋକ୍‌ଲା ବ୍ୟତୀତ ଖଟା ଢୋକ୍‌ଲା (ଚାଉଳ-ଡ଼ାଲି), ସୁଜି ଢୋକ୍‌ଲା, ସ୍ୟାଣ୍ଡୱିଚ୍ ଢୋକ୍‌ଲା, ନାଇଲନ୍ ଖମମ ମଧ୍ୟ ଖାଇପାରିବେ। ଏହାକୁ ଖାଇବାର ମଜା ଦୁଇ ଗୁଣ ହୋଇଯାଏ। ସେଠାରେ କମ୍ ଦାମ୍‌ରେ ଢୋକ୍‌ଲା ସହଜରେ ମିଳିଯାଏ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହା ତାଜା ରହେ। ଏହି ଡିସ୍‌ର ଲୋକପ୍ରିୟତା ବୃଦ୍ଧି ପାଇବାର ଏହା ହେଉଛି ମୁଖ୍ୟ କାରଣ। ଅହମଦାବାଦର ଐତିହ୍ୟ, ସାଂସ୍କୃତିକ ଗଭୀରତା ଓ କ୍ୟାପିଟାଲ୍‌ର ଶୀର୍ଷକ ଏହାକୁ ଅନ୍ୟ ସମସ୍ତ ଜଳଖିଆ ଠାରୁ ଆଗରେ ରଖିଛି। ମୁମ୍ବାଇ, ଦିଲ୍ଲୀ ପରି ସହରରେ ମଧ୍ୟ ଗୁଜରାଟୀ ଢୋକ୍‌ଲା ଖାଇପାରିବେ। କିନ୍ତୁ ଏହାର ମୂଳ ସ୍ୱାଦ ହେଉଛି ଅହମଦାବାଦର।



# ଧିମା ଗତିରେ ଚାଲିଛି 'କେଡି: ଦ ଡେଭିଲ୍'





କନ୍ନଡ଼ ଭାଷାର ଫିଲ୍ମ 'କେଡି-ଦ ଡେଭିଲ୍' ସିନେମା ଘରଗୁଡ଼ିକରେ ରିଲିଜ ହୋଇସାରିଛି। ଫିଲ୍ମ ରିଲିଜ ହେବା ପୂର୍ବରୁ ହିଁ ଗୀତଗୁଡ଼ିକୁ ନେଇ ବିବାଦରେ ରହିଥିଲା ଏହି ଫିଲ୍ମଟି। କିନ୍ତୁ ରିଲିଜ ହେବା ପରେ ଏବେ ଜନତାଙ୍କ ସମର୍ଥନ ମିଳୁଥିଲେ ମଧ୍ୟ ଏହାର ଆୟ କିଛି ଖାସ୍ ହୋଇନାହିଁ। ସଞ୍ଜୟ ଦତ୍ତ ଅଭିନୀତ ଏହି ଫିଲ୍ମଟିର ବଜେଟ୍ ଶହେ କୋଟି ବୋଲି କୁହାଯାଉଛି। ଫିଲ୍ମଟିକୁ ନିର୍ମାଣ କରିବାରେ ଖୁବ୍ ବଡ଼ ଧରଣର ଖର୍ଚ୍ଚ ହୋଇଛି। ତେବେ ରିଲିଜ ହେବାର ୧୨ ଦିନ ହୋଇସାରିଥିଲେ ମଧ୍ୟ ଏହି ଦିନଗୁଡ଼ିକ ମଧ୍ୟରେ ଫିଲ୍ମଟି ଆୟ କରିଛି ମାତ୍ର ୧୭,୬୪ କୋଟି ଟଙ୍କା। ଅର୍ଥାତ ଫିଲ୍ମଟିର ଆୟ ବହୁତ ଧିମା ଓ ବଜେଟ୍‌ର ଅଧା ଆୟ କରିବା ସ୍ଥିତିରେ ଫିଲ୍ମଟି ରହିଛି। ଏଥିରେ ରହିଥିଲା ନୋରା ଫତେହୀଙ୍କ ଏକ ଆଇଟମ୍ ନମ୍ବର ଯାହାକୁ ବିବାଦ ଯୋଗୁ ଫିଲ୍ମରୁ ହଟେଇ ଦିଆଯାଇଛି। ଫିଲ୍ମଟିର ଆଇଟମ୍ ଗୀତ 'ସର୍‌କେ ଚୁନର ତେରୀ' ରିଲିଜ ହେବା ମାତ୍ରେ ଭାଇରାଲ୍ ହୋଇଥିଲା ଓ ଏହାର ଲିରିକ୍ସ ଉପରେ ଖୁବ୍ ବବାଲ୍ ମଧ୍ୟ ଆରମ୍ଭ ହୋଇଗଲା। ଲିରିକ୍ସକୁ ନେଇ ଏତେ ବିରୋଧ ହେବା ପରେ ଏହି ଗୀତଟିକୁ ହଟେଇ ଦିଆଗଲା ୟୁଟ୍ୟୁବ୍‌ରୁ। ବଲିଉଡ୍ ସୁପରଷ୍ଟାର ସଞ୍ଜୟ ଦତ୍ତଙ୍କ ହାତରେ ଏ ସମୟରେ ରହିଛି ଅନେକଗୁଡ଼ିଏ ଫିଲ୍ମ। ଏ ବର୍ଷ ତାଙ୍କର ରିଲିଜ ହେବାକୁ ଥିବା ପାଞ୍ଚଟି ଫିଲ୍ମ ମଧ୍ୟରୁ ଚାରିଟି ରିଲିଜ ହୋଇସାରିଲାଣି। ଏବେ ତାଙ୍କର ଶେଷ ଫିଲ୍ମଟି ରିଲିଜ ହେବା ବାକି ରହିଛି ଯେଉଁଟି ରିଲିଜ ହେବ ୧୫ ମେ'ରେ। ତେବେ ନିଜର ଫିଲ୍ମି କ୍ୟାରିୟର୍ ମଧ୍ୟରେ ସଞ୍ଜୟ ଦତ୍ତ ଅଗ୍ନିପଥ, ପାନିପତ ଓ କେଜିଏଫ୍-୨ ପରି ଅନେକଗୁଡ଼ିଏ ହିଟ୍ ଫିଲ୍ମ ଦେଇଛନ୍ତି। ସେହିପରି ନୋରା ଫତେହୀ ଆଗାମୀ ଦିନରେ ତାମିଲ୍ ହରର୍-କମେଡି ଫିଲ୍ମ 'କଞ୍ଚନ-୪'ରେ ରାଘବ ଲରେନ୍ସଙ୍କ ସହିତ ନଜର ଆସିବେ।

# ନୋବିତା ଓ ଡୋରେମନ୍‌ଙ୍କ ଅସଲ ଘର

ଏ ସମୟରେ କାର୍ଟୁନ୍ ଚରିତ୍ର ଡୋରେମନ୍ ଓ ନୋବିତାଙ୍କ ବିନା ପିଲାଦିନ ସମ୍ପର୍କରେ ଚିନ୍ତା କରିବା ଅସମ୍ଭବ ପରି ମନେହୁଏ। ସ୍କୁଲ୍‌ରୁ ଲୁଚିକି ଘରକୁ ପଳେଇ ଆସିବା ଓ ଟିଭି ପରଦାରେ ନୋବିତା ଚିନ୍ତା କରୁଥିବା ବେଳେ ଡୋରେମନ୍ ଯାଦୁଇ ଗେଜେଟ୍ସରେ ହଜିଯିବା ଆଦି ଘଟଣା ପିଲାମାନଙ୍କ ଜୀବନର ଏକ ମୁଖ୍ୟ ଅଂଶ ହୋଇ ରହିଛି। ତେବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏକ ଭିଡିଓ ଏହି ସବୁ ସ୍ମୃତିକୁ ପୁଣି ଥରେ ତାଜା କରିଦେଇଛି। ଭିଡିଓରେ ଜଣେ ପିଲା ଜାପାନର ଏହି ଅସଲ ସ୍ଥାନଗୁଡ଼ିକୁ ଦେଖିବା ପାଇଁ ଯାଇଛି। ଡୋରେମନ୍ ଓ ନୋବିତାର ଘର, ସେମାନଙ୍କର ସ୍କୁଲ ଗଳି ଓ ଖେଳ ପଡ଼ିଆ, ସବୁକିଛି ଅସଲରେ ଦେଖିବାକୁ ମିଳୁଛି ଏହି ଭିଡିଓରେ। ଦେଖିବା ପରେ ଲୋକମାନେ ନିଜର ପିଲାଦିନର କଥା ମନେ ପକଉଛନ୍ତି। ଭାରତୀୟ କଣ୍ଟେଣ୍ଟ କ୍ରିଏଟର୍ ସାର୍ଥକ ସଚଦେବ ନିକଟରେ ଇନ୍‌ଷ୍ଟାଗ୍ରାମରେ ଏହି ଭିଡିଓ ସେୟାର୍ କରି ନିଜର ଜାପାନ ଯାତ୍ରାକୁ ଦେଖାଇଛନ୍ତି। ଏଥିରେ ସାର୍ଥକ ସେହି ଘରେ ଦେଖିବାକୁ ମିଳୁଛନ୍ତି ଯେଉଁଠାରେ ଡୋରେମନ୍‌ବାଲା ନୋବିତା ନୋବି ପରି ଲାଗୁଛି। ଭିଡିଓର ଆରମ୍ଭରେ ସାର୍ଥକ ନିଜ ଆଡ଼କୁ କ୍ୟାମେରା କରି କହୁଛନ୍ତି ଯେ ଆଜି ସେ ୬୦୦୦ କି.ମି ଦୂର ଇଣ୍ଡିଆରୁ ଜାପାନକୁ ଆସିଛନ୍ତି ଯେଉଁଠିକୁ ପିଲାଦିନରୁ ସେ ଆସିବାର ଥିଲା। ଏହାପରେ ସେ ସେହି ଘର ଆଡ଼କୁ ଲକ୍ଷ୍ୟ କରି କହୁଛନ୍ତି ଯେ ନୋବିତା ଓ ଡୋରେମନ୍‌ର ଘର ପରି ଏହା ଦେଖାଯାଉଛି। ଏହାପରେ ସେ କ୍ଷେତ୍ରରେ ସେ ବୁଲି ନୋବିତାର ସ୍କୁଲ ଦେଖଉଛନ୍ତି। ପାଖରେ ଥିବା ଏକ ରାସ୍ତାକୁ ଦେଖାଇ କହୁଛନ୍ତି ଯେ କାର୍ଟୁନ୍‌ରେ ଏହି ରାସ୍ତାରେ ନୋବିତା ସ୍କୁଲ ଯାଉଥିବାର ସେ ଅନେକ ଥର ଦେଖିଛନ୍ତି। ଏହାପରେ ସୂର୍ଯ୍ୟାସ୍ତ ଏବଂ ଅନ୍ୟ ଦୃଶ୍ୟଗୁଡ଼ିକୁ ଦେଖଉଛନ୍ତି ସାର୍ଥକ।



# ଦାମୀ ଫ୍ୟାସନ୍



ଫ୍ୟାସନ ଦୁନିଆ ସବୁବେଳେ ନିଜର ଅଜବ ଓ ଅନୋଖା ଚଳନ ପାଇଁ ଚର୍ଚ୍ଚାରେ ରହିଥାଏ। କେବେ ଫଟା ଜିନ୍ସ ତ କେବେ ଫଟା ମୋଜା ଚର୍ଚ୍ଚାର ପରିସରକୁ ଆସିଥାଏ। କେବେ ପୁରୁଣା ଲୁକ୍ ଥିବା କପଡ଼ା ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ହୋଇଯାଏ। ଏବେ ଏହି କ୍ରମରେ ଏକ ନୂଆ ଓ ଆଶ୍ଚର୍ଯ୍ୟ କରିବା ପରି ଚଳନ ସମ୍ମୁଖକୁ ଆସିଛି....ତାହା ହେଉଛି ଫଟା ମୋଜା। ଶୁଣିଲେ ଏହା ଯଦିଓ ଅଜବ ଲାଗିବ କିନ୍ତୁ ଏ ସମୟରେ ଦାମୀ ଫ୍ୟାସନ୍ ବଜାରରେ ଫଟା ମୋଜାର ଜବରଦସ୍ତ ଚାହିଦା ଦେଖିବାକୁ ମିଳିଛି। ଏହାର ଦାମ୍ ପୁଣି ଏତେ ଅଧିକ ଯେ ଏହାର ଗୋଟିଏ ଯୋଡ଼ିକୁ କିଣିବାରେ ଖର୍ଚ୍ଚ ହୋଇଯାଉଛି ହଜାର ହଜାର ଟଙ୍କା। ଆଜିର ଫ୍ୟାସନ୍ ଦୁନିଆ ଖୁବ୍ ଭଲ କପଡ଼ା ପିନ୍ଧିବା ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ। ଦାମୀ ଫ୍ୟାସନ୍ ଦୁନିଆରେ ଏବେ ଫଟା ମୋଜା ପରି ଅନେକ ଅଜବ ଚଳନ ଖୁବ୍ ଭାଇରାଲ୍ ହେଉଛି। ଏକ ବଡ଼ ଦାମୀ ବ୍ରାଣ୍ଡ ଜାଣିଶୁଣି ପୁରୁଣା ଓ ଫଟା ମୋଜାକ ବଜାରକୁ ଛାଡ଼ିଛି। ହଜାର ହଜାର ଟଙ୍କାର ଏପରି ମୋଜା ଏବେ ଧନୀ ଯୁବକ ଓ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍‌ସର୍ସଙ୍କ ମଧ୍ୟରେ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ହୋଇସାରିଲାଣି। ଏହି ମୋଜାକୁ ଖାସ୍ ଡିଜାଇନ୍ ସହିତ ପ୍ରସ୍ତୁତ କରାଯାଇଥିଲା ଯାହା ସାମାନ୍ୟ ମୋଜା ଠାରୁ ଅଲଗା। ମୋଜାଗୁଡ଼ିକର ଫଟୋରେ କେତେ ପ୍ରକାରର ଡିଜାଇନ୍ ଦେଖିବାକୁ ମିଳୁଛି। କିଛି ମୋଜାରେ ବଡ଼ ଛିଦ୍ର ଥାଏ ତ କିଛିରେ ଛୋଟ ଛିଦ୍ର। ଆଉ କିଛିରେ ହାଲୁକା ଘଷି ହୋଇଥିବା ଲୁକ୍ ଦେଖିବାକୁ ମିଳୁଛି। କେତେଗୁଡ଼ିଏ ଡିଜାଇନ୍ସରେ ଷ୍ଟଡ୍‌ସ, ଏମ୍ବ୍ରୋଇଡୋରୀ ଓ ଅଲଗା ଅଲଗା ପ୍ୟାଟର୍ଣ୍ଣ ବି ଯୋଡ଼ି ହୋଇଥାଏ ଯେପରି ସେଗୁଡ଼ିକ ଅଧିକ ଆକର୍ଷଣୀୟ ଲାଗିବ। ଫ୍ୟାସନ୍ ବ୍ରାଣ୍ଡସ ଏଗୁଡ଼ିକୁ ଆର୍ଟିଷ୍ଟିକ୍ ଷ୍ଟାଇଲ୍ ଓ ଷ୍ଟ୍ରିଟ୍ ଫ୍ୟାସନ୍‌ର ଅଂଶବିଶେଷ ବୋଲି କହୁଛନ୍ତି। ଏହାର ଏକ ଯୋଡ଼ି ମୋଜା ବିକ୍ରି ହେଉଛି ୧୫ ହଜାରରୁ ୪୦ ହଜାର ପର୍ଯ୍ୟନ୍ତ। ସେହିପରି କିଛି ଲିମିଟେଡ୍ ଡିଜାଇନ୍ସର ଦାମ୍ ୮୦ ହଜାର ଟଙ୍କାରୁ ମଧ୍ୟ ଅଧିକ ରହୁଛି।



# ନର୍ସମାନଙ୍କୁ ସମ୍ମାନିତ କରିବାର ଦିନ



ଡାକ୍ତରଖାନା ହେଉ ଅବା ଘରେ ଡାକ୍ତରଙ୍କ ଭୂମିକା ଯେତିକି ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ସେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ନର୍ସମାନେ। ସେମାନଙ୍କର ସେବାଭାବନାକୁ ସମ୍ମାନ ଦେବା ପାଇଁ ପ୍ରତି ବର୍ଷ ଆଜିର ଦିନରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପାଳନ କରାଯାଏ ନର୍ସେସ୍ ଦିବସ। କାର୍ଯ୍ୟରତ ନର୍ସମାନଙ୍କୁ ସେମାନଙ୍କର ପରିଶ୍ରମ ଓ ସେବା ପାଇଁ ଆଜି ହେଉଛି ସମ୍ମାନିତ କରିବାର ଦିନ। ଏହି ଦିନଟି ଆଧୁନିକ ନର୍ସିଂର ସଂସ୍ଥାପିକା ଫ୍ଲୋରେନ୍ସ ନାଇଟିଂଗେଲ୍‌ଙ୍କୁ ସମର୍ପିତ କରାଯାଇଛି। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପ୍ରଥମ ନର୍ସ ଦିବସ ପାଳନ ହୋଇଥିଲା ୧୯୭୪ ଜାନୁଆରୀ ମାସରେ। ପ୍ରାରମ୍ଭରେ ଜାନୁଆରୀ ଓ ପରେ ମେ' ମାସରେ ନର୍ସେସ୍ ଦିବସ ପାଳନ କରାଯିବାର କାରଣ ଓ ଫ୍ଲୋରେନ୍ସ ନାଇଟିଂଗେଲ୍‌ଙ୍କ ମଧ୍ୟରେ ରହିଛି ସମ୍ପର୍କ। କାରଣ ୧୮୨୦ର ଆଜିର ଦିନରେ ସେ ଜନ୍ମଗ୍ରହଣ କରିଥିଲେ। ଜୀବନସାରା ବେମାର ଓ ରୋଗୀମାନଙ୍କର ସେବା ସେ କରିଛନ୍ତି। ରୋଗଗ୍ରସ୍ତ ଓ ଶାରୀରିକ ଦୁର୍ବଳତାର ସହିତ ଫ୍ଲୋରେନ୍ସଙ୍କ ପିଲାଦିନ ଅତିବାହିତ ହୋଇଥିଲା। ସେ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ଅଭାବ ରହିଥିଲା। ବିଜୁଳି ଉପକରଣଗୁଡ଼ିକ ନଥିଲା। ହାତରେ ଲଣ୍ଠନ ନେଇ ହସ୍‌ପିଟାଲ୍‌ରେ ସ୍ୱାସ୍ଥ୍ୟ ଗତିବିଧିଗୁଡ଼ିକୁ କରାଯାଉଥିଲା। ଫ୍ଲୋରେନ୍ସ ମଧ୍ୟ ରାତିରେ ଲଣ୍ଠନ ଧରି ରୋଗୀମାନଙ୍କ ସେବା କରିବା ସହିତ ଚିନ୍ତିତ ରହୁଥିଲେ। ସେମାନଙ୍କର ଯତ୍ନ ପାଇଁ ସେ ରାତିରେ ମଧ୍ୟ ହସ୍‌ପିଟାଲ୍‌ରେ ବୁଲି ରୋଗୀମାନଙ୍କର ଆବଶ୍ୟକତାଗୁଡ଼ିକ ବିଷୟରେ ବୁଝୁଥିଲେ। ତେଣୁ ତାଙ୍କୁ 'ଦି ଲେଡି ୱିଥ୍ ଦି ଲ୍ୟାମ୍ପ' ବୋଲି କୁହାଯାଉଥିଲା। ଗରିବ, ବେମାର ଓ ଦୁଃଖୀ ଲୋକମାନଙ୍କ ପାଇଁ ସବୁବେଳେ କାର୍ଯ୍ୟ କରୁଥିବା ଫ୍ଲୋରେନ୍ସ ୧୩ ଅଗଷ୍ଟ, ୧୯୧୦ରେ ଦୁନିଆରୁ ବିଦାୟ ନେଇଥିଲେ। ତାଙ୍କର ନର୍ସିଂ ସେବା ପରବର୍ତ୍ତୀ ସମୟରେ ନର୍ସମାନଙ୍କୁ ସମାଜରେ ସମ୍ମାନଜନକ ସ୍ଥାନ ଦେଇଥିଲା।







**ଆଜିର ମ୍ୟାଚ୍**

ଗୁଜରାଟ ଟାଇଟନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଅହମଦାବାଦ

ନିତିଦିନ NITIDIN

# ପଞ୍ଜାବ କିଙ୍ଗ୍‌ସର ଲଗାତାର ୪ର୍ଥ ପରାଜୟ

**ଧର୍ମଶାଳା, ୧୧।୫/ଏଜେନ୍ସି:** ଚଳିତ ଆଇପିଏଲ୍‌ର ୫୫ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୩ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ହରାଇ ଦେଇଛି। ଏହା ପଞ୍ଜାବ କିଙ୍ଗ୍‌ସର ଲଗାତାର ଚତୁର୍ଥ ପରାଜୟ। ଧର୍ମଶାଳାରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପଞ୍ଜାବ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ଅର୍ଦ୍ଧଶତକ ଦମ୍‌ରେ ପ୍ରଥମେ ୫ ୱିକେଟ୍ ହରାଇ ୨୧୦ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୯ତମ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଛି। ଏହି ବିଜୟ ସହ ଦିଲ୍ଲୀ ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିଛି।

୨୧୧ ରନ୍‌ର ଜବାବରେ ଦିଲ୍ଲୀର ଆରମ୍ଭ ବହୁ ଖରାପ ରହିଥିଲା। ଅଭିଷେକ ପୋରେଲ୍ (୫) ଓ କେଏଲ୍ ରାହୁଲ (୯) ଫ୍ଲପ୍ ହୋଇଥିଲେ। ସାହିଲ୍ ପରାଖ(୧୩) ଓ ଟ୍ରିଷ୍ଟନ୍ ଷ୍ଟବ୍ସ (୧୨) କିଛି ଖାସ୍ କରିପାରି ନଥିଲେ। କିନ୍ତୁ କ୍ୟାପ୍‌ଟେନ୍ ଅକ୍ଷର ପଟେଲ୍ ଇନିଂସ୍ ସମ୍ଭାଳି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୩୦ ବଲ୍‌ରେ ୮ ଚୌକା ଓ ଦୁଇ ଛକା ସହାୟତାରେ ୫୬ ରନ୍‌ର ଇନିଂସ୍ ଖେଳିଥିଲେ। ଡେଭିଡ୍ ମିଲର୍ ୨୮ ବଲ୍‌ରେ ୩ ଚୌକା ଓ ୪ ଛକା ବଳରେ ୫୧ ରନ୍ କରି ବେନ୍ ଡ୍ୱାରଶୁଇସ୍‌ଙ୍କ ଶିକାର ହୋଇଥିଲେ। ଆଶୁତୋଷ

**୩ ୱିକେଟ୍‌ରେ ହରାଇଲା ଦିଲ୍ଲୀ କ୍ୟାପିଟାଲ୍ସ**

**ଅକ୍ଷର ପଟେଲ୍ ଓ ଡେଭିଡ୍ ମିଲର୍‌ଙ୍କ ଅର୍ଦ୍ଧଶତକ**

ଶର୍ମା ୨୪୦ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରି ଦୁଇଟି ଲେଖାଏଁ ଛକା ଓ ଚୌକା ସହାୟତାରେ ୧୦ ବଲ୍‌ରେ ୨୪ ରନ୍ କରି ଟିମ୍‌କୁ ବିଜୟ ଦ୍ୱାର ଦେଶରେ ପହଞ୍ଚାଇଥିଲେ। ଶେଷରେ ଆକିବ୍ ନବୀ ଛକା ମାରି ଟିମ୍‌କୁ ୧୯ତମ ଓଭର୍‌ରେ ବିଜୟ ଦେଇଥିଲେ। ନବୀ ୨ଟି ବଲ୍‌ରେ ୧୦ ଏବଂ ମାଧବ ୮ ବଲ୍‌ରେ ୧୮ ରନ୍ କରି ଅପରାଜିତ ଫେରିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ୍ ଓ ଯଶ୍ ଠାକୁର ୨-୨ ଏବଂ ବେନ୍ ଡ୍ୱାରଶୁଇସ୍ ଓ ମାର୍କସ୍ ଷ୍ଟୋଇନିସ୍ ୧-୧ ୱିକେଟ୍ ପାଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମ୍ରନ୍ ସିଂହ ବିସ୍ଫୋରକ ପ୍ରଦର୍ଶନ କରି ପ୍ରଥମ ୱିକେଟ୍ ପାଇଁ ୭୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ପ୍ରଭସିମ୍ରନ୍ (୧୮ ରନ୍)ଙ୍କୁ



ଆଉଟ୍ କରି ମୁକେଶ କୁମାର ଏହି ଯୋଡ଼ି ଭାଙ୍ଗିଥିଲେ। ୨୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପ୍ରିୟାଂଶ ବ୍ୟକ୍ତିଗତ ୫୬ ରନ୍‌ରେ ମାଧବ ତିୱାରୀଙ୍କ ଶିକାର ହୋଇଥିଲେ। ପ୍ରିୟାଂଶଙ୍କ ୩୩ ବଲ୍‌ର ଇନିଂସ୍‌ରେ ୨ ଚୌକା ଓ ୬ ଛକା ସାମିଲ ଥିଲା। ଏହାପରେ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍ ଓ କୁପର୍ କୋନୋଲି ଉନ୍ନତ ବ୍ୟାଟିଂ କରିଥିଲେ। କୋନୋଲୀ ୨୭ ବଲ୍‌ରେ ୩୮ ରନ୍ କରିଥିବା ବେଳେ ଶ୍ରେୟସ୍ ୩୬ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ୫୯ ରନ୍‌ର ଇନିଂସ୍ ଖେଳି ପଞ୍ଜାବ ସ୍କୋର୍ ୨୧୦ ରନ୍‌ରେ ପହଞ୍ଚାଇଥିଲେ। ସୂର୍ଯ୍ୟାଂଶ ଶେଗଡ଼େ ୮ ବଲ୍‌ରେ ବିସ୍ଫୋରକ ୨୧ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ୍ ଷ୍ଟାର୍କ ଓ ମାଧବ ତିୱାରୀ ୨-୨ ୱିକେଟ୍ ନେଇଥିବା ବେଳେ ମୁକେଶ କୁମାରଙ୍କୁ ଗୋଟିଏ ସଫଳତା ମିଳିଥିଲା।

**ଏଏଫ୍‌ସି ଅଣ୍ଡର-୧୭ ମହିଳା ଏସିଆନ୍ କପ୍**

## ଚୀନ୍‌ଠାରୁ ହାରି ଭାରତର ଫିଫା ବିଶ୍ୱକପ୍ ସ୍ୱପ୍ନ ଧୂଳିସାତ୍



**ନୂଆଦିଲ୍ଲୀ, ୧୧।୫/ଏଜେନ୍ସି:** ଏଏଫ୍‌ସି ଅଣ୍ଡର-୧୭ ମହିଳା ଏସିଆନ୍ କପ୍ କ୍ୱାର୍ଟର୍ ଫାଇନାଲ୍‌ରେ ଚୀନ୍‌ଠାରୁ ୩-୦ରେ ପରାଜିତ ହେବା ପରେ ଭାରତର ଫିଫା ବିଶ୍ୱକପ୍ ଯୋଗ୍ୟତା ଅର୍ଜନ ସ୍ୱପ୍ନ ଧୂଳିସାତ୍ ହୋଇଛି। ଭାରତ ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଆଉ ଗୋଟିଏ ବିଜୟ ହାସଲ କରିଥିଲେ ଟିମ୍ ଚଳିତ ବର୍ଷ ମରୋକ୍କୋରେ ହେବାକୁ ଥିବା ଫିଫା ଅଣ୍ଡର-୧୭ ମହିଳା ବିଶ୍ୱକପ୍ ଟିକେଟ୍ ହାସଲ କରିଥାନ୍ତା। ତେବେ ୟଙ୍ଗ୍ ଟାଇଗ୍ରେସ୍‌ଙ୍କ ବିପକ୍ଷରେ ଆୟୋଜକ ଚୀନ୍ ଭାରୀ ପଡ଼ିଛି। ହୁଆଙ୍ଗ୍ କ୍ୱିନ୍ୟି, ଲିଉ ୟୁସି ଏବଂ ଲି କିସିଆନ୍‌ଙ୍କ ଗୋଲ୍‌ରେ ଆୟୋଜକ ଟିମ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଚୀନ୍ ସେମିଫାଇନାଲ୍‌ରେ ଉତ୍ତର କୋରିଆକୁ ଭେଟିବ। ଉତ୍ତର କୋରିଆ ଅନ୍ୟ କ୍ୱାର୍ଟର୍ ଫାଇନାଲ୍‌ରେ ଥାଇଲାଣ୍ଡକୁ ୬-୦ ଗୋଲ୍‌ରେ ହରାଇ ସେମିଫାଇନାଲ୍ ସ୍ଥାନ ହାସଲ କରିଛି। ଏହା ପୂର୍ବରୁ ଭାରତ ନିଜର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଲେବାନନ୍‌କୁ ୪-୦ ଗୋଲ୍‌ରେ ହରାଇ ପ୍ରଥମ ଥର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଏହା ୨୧ ବର୍ଷରେ ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରଥମ ବିଜୟ ମଧ୍ୟ ଥିଲା।

## ୫୧ ବର୍ଷୀୟା ମନଜିନ୍ଦର ବ୍ରିଟେନ୍‌ର ପ୍ରଥମ ମହିଳା ସିଖ୍ ସୁମୋ ରେସ୍‌ଲର୍



**ଚଣ୍ଡିଗଡ଼, ୧୧।୫/ଏଜେନ୍ସି:** ୧୯୯୦ ଦଶରେ ବ୍ରିଟେନ୍‌ର ପ୍ରଥମ ସିଖ୍ ମହିଳା ରଗ୍‌ବୀ ଖେଳାଳି ଭାବେ ଇତିହାସ ରଚିଥିବା ୫୧ ବର୍ଷୀୟା ମନଜିନ୍ଦର ନାଗରା ଏବେ ଏକ ନୂଆ ଅଧ୍ୟାୟ ଲେଖିବାକୁ ଯାଉଛନ୍ତି। ତିନି ସନ୍ତାନର ମା' ମନଜିନ୍ଦର ଏବେ ସୁମୋ ରେସ୍‌ଲିଂ ରିଙ୍ଗ୍‌ରେ ବିଶ୍ୱକୁ ନିଜ ଶକ୍ତି ଦେଖାଇବେ। ଯେତେବେଳେ ଏସୀୟ ଲୋକଙ୍କ ପାଇଁ ରଗ୍‌ବୀ ବିଲ୍‌କୁଲ ଅଜଣା ଥିଲା, ସେତେବେଳେ ମନଜିନ୍ଦର ଏହି ଖେଳ ଆରମ୍ଭ କରିଥିଲେ। ୟୁନିଭର୍ସିଟି ଅଫ୍ ବାଥ୍‌ରେ ପଢୁଥିବା ବେଳେ ସେ ରଗ୍‌ବୀକୁ ଚୟନ କରିଥିଲେ ଏବଂ ଖୁବ୍ ଶୀଘ୍ର ଇଂଲଣ୍ଡ ଷ୍ଟୁଡେଣ୍ଟ୍ସ ଟିମ୍‌ର ନିଜ ସ୍ଥାନ ପକ୍କା କରିଥିଲେ। ସେ ପଡ଼ିଆରେ ଏକମାତ୍ର ଏସୀୟ ଖେଳାଳି ଥିଲେ। ମନଜିନ୍ଦରଙ୍କ ଏହି ଯାତ୍ରା କେବଳ ଖେଳ ବଦଳାଇବାର କାହାଣୀ ନୁହେଁ। ସିଖ୍ ଗେମ୍ସରେ ଆମ୍ବାସଡର୍ ଭାବେ କାମ କରୁଥିବା ବେଳେ ତାଙ୍କ ସାକ୍ଷାତ୍ ସୁମୋ ଚାମ୍ପିଅନ୍ ମନ୍‌ଦୀପ ସିଂହଙ୍କ ସହ ହୋଇଥିଲା। ତାଙ୍କ ମୋଟିଭେସନ୍‌ରେ ମନଜିନ୍ଦର ୨୦୨୬ ମାର୍ଚ୍ଚରେ ସୁମୋ ଇଭେଣ୍ଟରେ ପାଦ ଥାପିଥିଲେ। ୨୦୨୬ ଏପ୍ରିଲ୍‌ରେ ସେ ନିଜର ବୟସ ବର୍ଗରେ ନାସ୍‌ନାଲ୍ ଟାଇଟଲ୍ ଜିତିଥିଲେ। ଏବେ ଜୁନ୍‌ରେ ସ୍କଟ୍‌ଲାଣ୍ଡରେ ହେବାକୁ ଥିବା ୟୁରୋପୀୟାନ୍ ସୁମୋ ରେସ୍‌ଲିଂରେ ସେ ଇଂଲଣ୍ଡର ପ୍ରତିନିଧିତ୍ୱ କରିବେ।

## ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆର ଦବ୍‌ଦବା କାଏମ

**ପାକିସ୍ତାନକୁ ହଟାଇ ଚତୁର୍ଥରେ ସାଉଥ୍ ଆଫ୍ରିକା**



**ଦୁବାଇ, ୧୧।୫/ଏଜେନ୍ସି:** ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଟିମ୍ ପୁଣିଥରେ ନିଜ ଦବ୍‌ଦବା କାଏମ ରଖିଛି। ବାର୍ଷିକ ଅପଡେଟ୍ ପରେ ମଧ୍ୟ ଭାରତୀୟ ଟିମ୍ ବିଶ୍ୱର ନମ୍ବର-୧ ଦିନିକିଆ ଟିମ୍ ଭାବେ ବଜାୟ ରହିଛି। ତେବେ ଚଳିତ ଥର ଟିମ୍‌ର ଅଗ୍ରଣୀ ସାମାନ୍ୟ କମ୍ ହୋଇଛି। ଦ୍ୱିତୀୟ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ଏବେ ଭାରତଠାରୁ ମାତ୍ର ୫ ରେଟିଂ ପଏଣ୍ଟ୍ ପଛରେ ରହିଛି। ଫଳରେ ଆଗାମୀ ମାସଗୁଡ଼ିକରେ ନମ୍ବର-୧ ଲଢ଼େଇ ଆହୁରି ରୋମାଞ୍ଚକର ହୋଇପାରେ।

ସଦ୍ୟତମ ଅପଡେଟ୍ ପରେ ଭାରତୀୟ ଟିମ୍ ପାଖରେ ୧୧୮ ରେଟିଂ ପଏଣ୍ଟ୍ ରହିଛି। ତେବେ ଟିମ୍‌କୁ ଗୋଟିଏ ରେଟିଂ ପଏଣ୍ଟର କ୍ଷତି ହୋଇଛି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ୧୧୩ ପଏଣ୍ଟରେ ଯରହିଛି। ବିଶ୍ୱ ଚାମ୍ପିଅନ୍ ଅଷ୍ଟ୍ରେଲିଆ ୧୦୯ ପଏଣ୍ଟ୍ ସହ ତୃତୀୟ ସ୍ଥାନ ବଜାୟ ରଖିଛି। ସାଉଥ୍ ଆଫ୍ରିକା ର୍‍ୟାଙ୍କିଙ୍ଗ୍‌ରେ ଚମତ୍କାର ଲମ୍ଫ ପ୍ରଦାନ କରି ପାକିସ୍ତାନକୁ ପଛରେ ପକାଇ ଦେଇଛି। ସାଉଥ୍ ଆଫ୍ରିକା ଏବେ ୧୦୨ ପଏଣ୍ଟ୍ ସହ ଚତୁର୍ଥ ସ୍ଥାନରେ ପହଞ୍ଚିଥିବା ବେଳେ ପାକିସ୍ତାନ (୯୮ ପଏଣ୍ଟ୍) ପଞ୍ଚମକୁ ଖସିଯାଇଛି। ଶ୍ରୀଲଙ୍କା (୯୬),

ଆଫଗାନିସ୍ତାନ (୯୩), ଇଂଲଣ୍ଡ (୮୯), ବାଂଲାଦେଶ (୮୪) ଏବଂ ୱେଷ୍ଟଇଣ୍ଡିଜ୍ (୭୪ ପଏଣ୍ଟ୍) ଯଥାକ୍ରମେ ସପ୍ତମରୁ ଦଶମ ସ୍ଥାନରେ ରହିଛନ୍ତି।

ଏହି ର୍‍ୟାଙ୍କିଙ୍ଗ୍ ଅପ୍‌ଡେଟ୍ କେବଳ ନମ୍ବରର ଖେଳ ନୁହେଁ, ବରଂ ଆଇସିସି କ୍ରିକେଟ୍ ବିଶ୍ୱକପ୍ ୨୦୨୭ର ସିଧା କ୍ୱାଲିଫିକେସନ୍ ସହ ମଧ୍ୟ ଜଡ଼ିତ। ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ-୮ରେ ଥିବା ଟିମ୍ ସିଧା ଆଗାମୀ ବିଶ୍ୱକପ୍‌ରେ ସ୍ଥାନ ହାସଲ କରିବେ। ଆୟୋଜକ ସାଉଥ୍ ଆଫ୍ରିକା ଓ ଜିମ୍ବାୱେ ପୂର୍ବରୁ ହିଁ ସିଧା ଯୋଗ୍ୟତା ହାସଲ କରିସାରିଛନ୍ତି। ଏପରି ସ୍ଥିତିରେ ସାଉଥ୍ ଆଫ୍ରିକା ଯଦି ଶୀର୍ଷ-୮ରେ ବଜାୟ ରୁହେଁ, ତେବେ ନବମ ସ୍ଥାନରେ ଥିବା ଟିମ୍‌କୁ ସିଧା ବିଶ୍ୱକପ୍ ଟିକେଟ୍ ମିଳିବାର ସମ୍ଭାବନା ବଢ଼ିଯିବ। ର୍‍ୟାଙ୍କିଙ୍ଗ୍‌ରେ ଜିମ୍ବାୱେକୁ ପଛରେ ପକାଇ ଆୟର୍ଲାଣ୍ଡ ୧୧ଶ ସ୍ଥାନ ହାସଲ କରିଛି। ସେପଟେ ଆମେରିକା ୧୩ ନମ୍ବରରେ ପହଞ୍ଚିଥିବା ବେଳେ କାନାଡାକୁ ପଛରେ ପକାଇ ୟୁଏଇ ୧୯ତମ ସ୍ଥାନ ହାସଲ କରିଛି।

## ବାର୍ସିଲୋନାକୁ ୨୯ତମ ଲା ଲିଗା ଟାଇଟଲ୍

**ରିୟଲ୍ ମାଦ୍ରିଦ୍‌କୁ ୨-୦ ଗୋଲ୍‌ରେ ହରାଇଲା**



**ବାର୍ସିଲୋନା, ୧୧।୫/ଏଜେନ୍ସି:** ଏଫ୍‌ସି ବାର୍ସିଲୋନା 'ଏଲ୍ କ୍ଲାସିକୋ' ମୁକାବିଲାରେ ରିୟଲ୍ ମାଦ୍ରିଦ୍‌କୁ ୨-୦ରେ ହରାଇ ପୁଣିଥରେ ସ୍ପାନିସ୍ ଫୁଟ୍‌ବଲ୍ ଲିଗ୍ 'ଲା ଲିଗା' ଟାଇଟଲ୍ ହାସଲ କରିଛି। ଏହି ବିଜୟ ସହ ବାର୍ସିଲୋନା ସିଜନ୍‌ର ୩ ମ୍ୟାଚ୍ ବାକିଥାଇ ନିଜର ୨୯ତମ ଲା ଲିଗା ଟ୍ରଫି ପକ୍କା କରିଛି। ମ୍ୟାଚ୍‌ରେ ମାର୍କସ୍ ରଶଫୋର୍ଡ ଏବଂ ଫେରାନ୍ ଟୋରେସ୍ ଗୋଲ୍ ଦୁଇଟି ସ୍କୋର୍ କରିଥିଲେ। ମ୍ୟାଚ୍ ଆରମ୍ଭରେ ମାଞ୍ଚେଷ୍ଟର୍ ୟୁନାଇଟେଡ୍‌ରୁ ଲୋନ୍‌ରେ ଆସିଥିବା ନବମ ମିନିଟ୍‌ରେ ମାର୍କସ୍ ରଶଫୋର୍ଡ ଚମତ୍କାର ଫ୍ରି-କିକ୍ ଜରିଆରେ ବାର୍ସିଲୋନାକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଏହା ସିଜନ୍‌ରେ ତାଙ୍କର ୧୪ତମ ଗୋଲ୍ ଥିଲା। ଏହାପରେ ଟୋରେସ୍ ୧୮ତମ ମିନିଟ୍‌ରେ ଡାନୀ ଓଲ୍‌ମୋଙ୍କ ଏକ ବ୍ୟାକ୍‌ହିଲ୍ ପାସ୍‌ରୁ ଗୋଲ୍ ଦେଇ ବାର୍ସିଲୋନାକୁ ଅଗ୍ରଣୀ ଦ୍ୱିଗୁଣିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ରିୟଲ୍ ମାଦ୍ରିଦ୍ ଗୋଲ୍ ପାଇଁ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ୯୦ ମିନିଟ୍‌ର ମ୍ୟାଚ୍‌ରେ ରିୟଲ୍ ମାଦ୍ରିଦ୍ କେବଳ ଗୋଟିଏ ଶଟ୍ ଟାର୍ଗେଟ୍‌କୁ ମାରିବାରେ ସଫଳ ହୋଇଥିଲା। ଭିନିସିୟସ୍‌ଙ୍କ ଏକ ଗୋଲ୍ ପ୍ରୟାସକୁ ବାର୍ସିଲୋନା ଗୋଲ୍‌କିପର୍ ଜୋନ୍ ଗାର୍ସିଆ ବିଫଳ କରିଥିଲେ। ରିୟଲ୍ ମାଦ୍ରିଦ୍ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ବାର୍ସିଲୋନା ଡିଫେନ୍ସ ଟିମ୍‌କୁ ସଫଳତା ହେବାକୁ ଦେଇନଥିଲା।



## ଇରାନ୍‌ର ଯୁଦ୍ଧ ବନ୍ଦ ପ୍ରସ୍ତାବକୁ ଟ୍ରମ୍ପଙ୍କ ନା

**ତେହରାନ, ୱାଶିଂଟନ୍, ୧୧।୫/ଏଜେନ୍ସି:** ଆମେରିକା ପକ୍ଷରୁ ଦିଆଯାଇଥିବା ସର୍ତ୍ତକୁ ମଧ୍ୟସ୍ଥି ପାକିସ୍ତାନ ଜରିଆରେ ଇରାନ୍ ପ୍ରତ୍ୟାଖ୍ୟାନ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଇରାନର ନୂତନ ଶାନ୍ତି ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି। ଟ୍ରମ୍ପ 'ଟ୍ରୁଥ୍ ସୋସିଆଲ୍'ରେ ଲେଖିଛନ୍ତି ଯେ, "ସେ ଇରାନ ପ୍ରତିନିଧିମାନଙ୍କ ଉତ୍ତର ବେଶ୍ ଭଲଭାବେ ପଢ଼ିଲେ ଏବଂ ବୁଝିବାକୁ ଚେଷ୍ଟା କଲେ। କିନ୍ତୁ ତାଙ୍କୁ ଏହା ଆଦୌ ପସନ୍ଦ ଆସିନାହିଁ। ଇରାନ୍‌ର ପ୍ରସ୍ତାବ କଦାପି ଗ୍ରହଣଯୋଗ୍ୟ ନୁହେଁ।" ତେହରାନ ରବିବାର ଦିନ ପାକିସ୍ତାନ ଜରିଆରେ ଆମେରିକାକୁ ନିଜର ନୂତନ ପ୍ରସ୍ତାବ ପଠାଇଥିଲା। ଏହି ପ୍ରସ୍ତାବରେ ଯୁଦ୍ଧ ଶେଷ କରିବା, ପାରସ୍ୟ ଉପସାଗର ଏବଂ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବା, କଟକଣା ହଟାଇବା ଏବଂ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା କଥା କୁହାଯାଇଥିଲା। ଅନ୍ୟପକ୍ଷେ ଆମେରିକା ଏହି ସପ୍ତାହରେ ଇରାନକୁ ଏକ ୧୪-ସୂତ୍ରୀ ପ୍ରସ୍ତାବ ପଠାଇଥିଲା। ଏଥିରେ ଇରାନ୍‌କୁ ଅତିକମରେ ୧୨ ବର୍ଷ ପର୍ଯ୍ୟନ୍ତ ୟୁରାନିୟମ୍ ସମୃଦ୍ଧକରଣ ବନ୍ଦ କରିବାକୁ ଏବଂ ନିଜ ପାଖରେ ଥିବା ପ୍ରାୟ ୪୪୦ କିଲୋଗ୍ରାମର ୬୦% ଏନ୍‌ରିଚ୍‌ଡ୍ ୟୁରାନିୟମ୍ ଆମେରିକାକୁ ହସ୍ତାନ୍ତର କରିବାକୁ ହେବ ବୋଲି ପ୍ରସ୍ତାବ ଦେଇଥିଲା ଆମେରିକା। ଇରାନ୍ ଯଦି ଆମେରିକାର ଏହି ସର୍ତ୍ତରେ ସହମତ ହେବ ତେବେ ଆମେରିକା ମଧ୍ୟ ଇରାନ୍ ଉପରେ ଲଗାଇଥିବା କଟକଣାକୁ କୋହଳ କରିବ, ଇରାନର ଫ୍ରିଜ୍ ହୋଇଥିବା କୋଟି କୋଟି ଡଲାରର ସମ୍ପତ୍ତି ମୁକ୍ତ କରିବ ଏବଂ ଇରାନ ବନ୍ଦରଗୁଡ଼ିକରେ ଲାଗିଥିବା ନୌସେନା ଅବରୋଧ ହଟାଇବ ବୋଲି କହିଥିଲା। କିନ୍ତୁ ଏସବୁ ମଧ୍ୟରେ ଇରାନ କିନ୍ତୁ ନିଜର ପରମାଣୁ କାର୍ଯ୍ୟକ୍ରମ ଏବଂ ଏନ୍‌ରିଚ୍‌ଡ ୟୁରାନିୟମ୍ ଉପରେ ସମ୍ପୂର୍ଣ୍ଣ ସାଲିସ କରିବାକୁ ପ୍ରସ୍ତୁତ ନୁହେଁ ବୋଲି ସ୍ପଷ୍ଟ କରିସାରିଥିବା ବେଳେ ଏବେ ଟ୍ରମ୍ପ୍ ମଧ୍ୟ ଇରାନ୍ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି।

**ମୋଦୀଙ୍କୁ ରାହୁଲଙ୍କ ସମାଲୋଚନା**

## ଦେଶ ଚଳାଇବା କମ୍ପ୍ରୋମାଇଜଡ୍ ପିଏମ୍‌ଙ୍କ କ୍ଷମତା ବାହାରେ

**ନୂଆଦିଲ୍ଲୀ, ୧୧।୫/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣିଥରେ ସମାଲୋଚନା କରିଛନ୍ତି କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ରାହୁଲ ଏକ୍ସ'ରେ ଏକ ପୋଷ୍ଟ କରି ମୋଦୀଙ୍କୁ ଜଣେ 'କମ୍ପ୍ରୋମାଇଜଡ୍ ପିଏମ୍' ବୋଲି କହିଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନକ ପୂର୍ବେ ଦେଶବାସୀଙ୍କୁ କରିଥିବା ଅପିଲ୍ ଉପରେ ରାହୁଲ ଏହି କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ "ବର୍ତ୍ତମାନ ସମୟରେ ସୁନା ନକିଣିବା, ପେଟ୍ରୋଲ, ଗ୍ୟାସ ଏବଂ ଡିଜେଲ ବ୍ୟବହାର କମାଇବା, ଇନ୍ଧନ ବଞ୍ଚାଇବା ପାଇଁ ଗାଡିମଟର ତୁଳନାରେ ୱାର୍କ ଫ୍ରମ ହୋମ୍' ବ୍ୟବସ୍ଥା ଆପଣାଇବା, ମେଟ୍ରୋରେ ଯାତାୟତକୁ ପ୍ରାଥମିକତା ଦେବା, ରସାୟନିକ ସାରର ବ୍ୟବହାରକୁ ସୀମିତ କରି ଜୈବିକ ସାରର ବ୍ୟବହାର କରିବା, ବର୍ତ୍ତମାନ ସମୟରେ ଅଯଥାରେ ବିଦେଶ ଯାତ୍ରା ନକରିବା, ଖାଇବା ତେଲର କମ୍ ବ୍ୟବହାର କରିବା" ଭଳି ପରାମର୍ଶକୁ ରାହୁଲ ମୋଦୀ ଏବଂ ତାଙ୍କ ସରକାରଙ୍କ ବିଫଳତା ବୋଲି ଦର୍ଶାଇଛନ୍ତି।

ରାହୁଲ କହିଛନ୍ତି, ଦେଶ ଚଳାଇବା ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ଏଗୁଡ଼ିକ ଉପଦେଶ ନୁହେଁ, ବାସ୍ତବରେ ଏହା ହେଉଛି ବିଫଳତା। ପ୍ରଧାନମନ୍ତ୍ରୀ ମୋଦୀ ନିଜ ସରକାରଙ୍କ ବିଫଳତାକୁ ଏପ୍ରକାର ଉପଦେଶ ଆଢୁଆଳରେ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ବିଜେପିର ମାତ୍ର ୧୨ ବର୍ଷର ଶାସନକାଳରେ ଦେଶକୁ ଏଭଳି ସ୍ଥିତିକୁ ଅଣାଯାଇଛି ଯେଉଁଠି ଜନତାଙ୍କୁ କହିବାକୁ ପଡୁଛି କ'ଣ କିଣିବେ ଓ କ'ଣ ନାହିଁ, କୁଆଡ଼େ ଯିବେ ଓ କୁଆଡ଼େ ନାହିଁ। ବାସ୍ତବରେ, ରବିବାର ଦିନ ସିକନ୍ଦରାବାଦରେ ଏକ ଜନସଭାରେ ପ୍ରଧାନମନ୍ତ୍ରୀ ମୋଦୀ, ବିଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତା କମାଇବା ଉପରେ ଗୁରୁତ୍ୱ ଦେଇଥିଲେ, ଯାହାଫଳରେ ବୈଦେଶିକ ମୁଦ୍ରା ସଞ୍ଚୟ ହୋଇପାରିବ ଏବଂ ପରିବେଶ ସୁରକ୍ଷିତ



ରହିବ। ପ୍ରଧାନମନ୍ତ୍ରୀଙ୍କ ଏପ୍ରକାର ଉପଦେଶ ବର୍ତ୍ତମାନ ସମୟରେ ରାଷ୍ଟ୍ରହିତ ଉଦ୍ଦେଶ୍ୟରେ ଥିବା ବେଳେ ବିରୋଧୀ କିନ୍ତୁ ଏହାକୁ ସମାଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କହିଛନ୍ତି ବିଜେପି ସରକାର ଅର୍ଥନୀତି ଏବଂ ବୈଦେଶିକ ନୀତି ଉଭୟ ସମ୍ଭାଳିବାରେ ବିଫଳ ହୋଇଛନ୍ତି। ନିର୍ବାଚନ ଶେଷ ହେବା ମାତ୍ରେ ସରକାରଙ୍କୁ ହଠାତ୍ 'ସଙ୍କଟ' କଥା ମନେ ପଡ଼ିଲା। ଯେ ପର୍ଯ୍ୟନ୍ତ ପାଞ୍ଚଟି ରାଜ୍ୟରେ ନିର୍ବାଚନ ଚାଲିଥିଲା, ସେପର୍ଯ୍ୟନ୍ତ ସରକାର ଆପଣଙ୍କ ବୋଝ ଉଠାଉଥିଲେ। ନିର୍ବାଚନ ଶେଷ ହେବା ପରେ ଏବେ ତେଲ ଓ ସୁନା କମ୍ ବ୍ୟବହାର କରିବାକୁ କହୁଛନ୍ତି।

ବିଶେଷଜ୍ଞମାନଙ୍କ ଅନୁସାରେ ସୁନା-ରସାୟନିକ ସାର-ଅଶୋଧିତ ତୈଳ ଆଦି ସାମଗ୍ରୀର ଆମଦାନୀ ସହ ବିଦେଶ ଯାତ୍ରା ଭଳି ପ୍ରମୁଖ ୪ଟି କ୍ଷେତ୍ରରେ ବାର୍ଷିକ ପ୍ରାୟ ୨୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି। ବାର୍ଷିକ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ସୁନା ଆମଦାନୀରେ ଖର୍ଚ୍ଚ

**ଉପଦେଶ ଆଳରେ ବିଫଳତା ଲୁଚାଇବାକୁ ଚେଷ୍ଟା କରୁଛନ୍ତି ପ୍ରଧାନମନ୍ତ୍ରୀ**

ହେଉଥିବା ବେଳେ ଭାରତୀୟମାନେ ବିଦେଶ ଯାତ୍ରାରେ ପ୍ରାୟ ୩.୬୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ଚଳିତ ବର୍ଷ ୧.୫୦ ଲକ୍ଷ କୋଟି ଟଙ୍କାର ସାର ବିଦେଶରୁ କିଣାଯାଇଛି, ଯାହା ଗତ ବର୍ଷ ତୁଳନାରେ ୭୬% ଅଧିକ। ଭାରତ ନିଜ ଆବଶ୍ୟକତାର ୭୦% ତେଲ ଆମଦାନୀ କରେ। ଚଳିତ ଯୁଦ୍ଧ କାରଣରୁ କଞ୍ଚା ତେଲ ୫୦% ମହଙ୍ଗା ହୋଇଥିବାରୁ ଏହି ଖର୍ଚ୍ଚ ୧୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ।

**ନବଜାତ ଶିଶୁଙ୍କ ଜୀବନ ରକ୍ଷାକୁ ମଜଭୁତ କରିବା ପାଇଁ ଦେଶବ୍ୟାପୀ ପଦକ୍ଷେପ**

## ପଶ୍ଚିମବଙ୍ଗରେ 'ଏନ୍‌ଆର୍‌ପି ଦିବସ' ପାଳିତ

**କୋଲକାତା, ୧୧।୫/ଏଜେନ୍ସି:** ନବଜାତ ଶିଶୁଙ୍କ ଜୀବନ ରକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଏକ ଦେଶବ୍ୟାପୀ ପ୍ରୟାସ ସ୍ୱରୂପ, ନ୍ୟାସନାଲ୍ ନିଓନାଟୋଲୋଜି ଫୋରମ୍ (ଏନ୍‌ଏନ୍‌ଏଫ୍) ଇଣ୍ଡିଆ ପକ୍ଷରୁ ମେ' ୧୦ ତାରିଖରେ 'ଏନ୍‌ଆର୍‌ପି ଦିବସ' ପାଳନ କରାଯାଇଛି । ଏହି ଅବସରରେ ସାରା ଭାରତରେ ବ୍ୟାପକ ସ୍ତରରେ ବ୍ୟାବହାରିକ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପଶ୍ଚିମବଙ୍ଗରେ ଏହି ପଦକ୍ଷେପ ଏକାଧିକ କେନ୍ଦ୍ରରେ କାର୍ଯ୍ୟକାରୀ କରାଯାଉଛି, ଯାହା ରାଜ୍ୟରେ ନବଜାତ ଶିଶୁ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ପଶ୍ଚିମବଙ୍ଗ ସ୍ଥିତ ସେଣ୍ଟ୍ରାଲ ହସ୍ପିଟାଲ, ଦକ୍ଷିଣ ପୂର୍ବ ରେଳବାଇ, ଗାର୍ଡେନ ରିଚ୍, କୋଲକାତା ୭୦୦୦୪୩ ଠାରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି। ଏଠାରେ ପାଠ୍ୟକ୍ରମ ସଂଯୋଜକ ଡାକ୍ତର ଅନିନ୍ଦ୍ୟ ବେରା




ରହିଥିବା ବେଳେ ୧୪ଜଣ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ଦେଶର ସ୍ୱାସ୍ଥ୍ୟସେବା ପ୍ରଶିକ୍ଷଣ କ୍ଷେତ୍ରରେ ସବୁଠାରୁ ବଡ଼ ସମନ୍ୱିତ ପ୍ରୟାସ ମଧ୍ୟରୁ ଅନ୍ୟତମ। ଏହି ଐତିହାସିକ ପଦକ୍ଷେପ ଏନ୍‌ଏନ୍‌ଏଫ୍ ଇଣ୍ଡିଆର ସଭାପତି ଡାକ୍ତର ଲଲ୍ଲନ କୁମାର ଭାରତୀଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ପ୍ରତିଟି ନବଜାତ ଶିଶୁ ଯେପରି ଜନ୍ମ ସମୟରେ ଠିକ୍ ସମୟରେ ଏବଂ ପ୍ରଭାବଶାଳୀ ଭାବରେ 'ରିସସିଟେସନ୍' (ପୁନର୍ଜୀବିତ କରିବା ପ୍ରକ୍ରିୟା) ସହାୟତା ପାଇପାରିବେ, ତାହା ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। କାରଣ ଭାରତରେ ନବଜାତ ଶିଶୁ ମୃତ୍ୟୁହାର ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ହୋଇ ରହିଛି। ଜନ୍ମ ସମୟରେ ଶିଶୁ ନିଶ୍ୱାସ ନେବାରେ ଅସମର୍ଥ ହେବା କାରଣରୁ ଅଧିକାଂଶ ଶିଶୁ ମୃତ୍ୟୁ ଘଟିଥାଏ। ଜନ୍ମର ପ୍ରଥମ କିଛି ମିନିଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ଠିକ୍ ସମୟରେ ହସ୍ତକ୍ଷେପ କରାଗଲେ ଏହି ମୃତ୍ୟୁକୁ ରୋକାଯାଇପାରିବ। ଶିଶୁକୁ ନିଶ୍ୱାସ ନେବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକ ସରଳ ଏବଂ ପ୍ରମାଣ-ଭିତ୍ତିକ ଦକ୍ଷତା ଜୀବନ ଓ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିପାରେ। ଏହି ଜରୁରୀ ଆବଶ୍ୟକତାକୁ ଅନୁଭବ କରି ଏନ୍‌ଏନ୍‌ଏଫ୍ ଇଣ୍ଡିଆ ଏହି ବୃହତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟକାରୀ କରିଛି। ସାରା ଦେଶରେ ୯୯୮ଟି ପ୍ରଶିକ୍ଷଣ ପାଠ୍ୟକ୍ରମ ପରିଚାଳିତ ହେଉଛି, ଯେଉଁଥିରେ ପ୍ରାୟ ୨୦,୦୦୦ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରଶିକ୍ଷଣ କେବଳ ମେଟ୍ରୋ ସହର ନୁହେଁ, ବରଂ ଗ୍ରାମାଞ୍ଚଳ, ଦୂରବର୍ତ୍ତୀ ଅଞ୍ଚଳ ଏବଂ ଭୌଗୋଳିକ ଦୃଷ୍ଟିକୋଣରୁ ଦୁର୍ଗମ ଅଞ୍ଚଳରେ ମଧ୍ୟ ପହଞ୍ଚିପାରୁଛି।

ଏହି ବ୍ୟାବହାରିକ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି ଏବଂ ଏଥିରେ ସରକାରୀ ତଥା ବେସରକାରୀ ଉଭୟ କ୍ଷେତ୍ରର ସ୍ୱାସ୍ଥ୍ୟ କର୍ମୀମାନେ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଅନ୍ତର୍ଭୁକ୍ତୀକରଣ ଆଭିମୁଖ୍ୟ ନବଜାତ ଶିଶୁଙ୍କ ଯତ୍ନ ନେବା ପଦ୍ଧତିକୁ ବ୍ୟାପକ ଏବଂ ସମାନ ଭାବରେ ସୁଦୃଢ଼ କରିବ। ଏନ୍‌ଏନ୍‌ଏଫ୍ ଇଣ୍ଡିଆ ସମସ୍ତ କେନ୍ଦ୍ରରେ ଏହି ପ୍ରଶିକ୍ଷଣର ଯୋଜନା, ସମନ୍ୱୟ, ମାନକୀକରଣ ଏବଂ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.
Shed No.- TS-2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
|---|---|---|
| Manager-HR | Bhubaneswar | Having more than 7 years experience in HR work |
| Layout Designer | Bhubaneswar | Minimum 2-3 years in Layout designing (Print media experience will given preference) |

Interested candidates may submit their Resume/CV through e-mail at hr@nitidin.com or Contact : 7681055980

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra